R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୩୫୨
ତିଥି : ସପ୍ତମୀ
୨୯ ସେପ୍ଟେମ୍ବର ୨୦୨୫, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 352
29 Sept 2025, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




## "ଟିଭିକେ' ମାଡ୍ରାସ ହାଇକୋର୍ଟଙ୍କ ଦ୍ୱାରସ୍ଥ

ଚେନ୍ନାଇ,୨୮।୯: ତାମିଲନାଡୁର କରୁରରେ ଶନିବାର ଅଭିନେତାରୁ ରାଜନେତା ପାଲଟିଥିବା ବିଜୟ ଥଲାପତିଙ୍କ ରାଲି ବେଳେ ୪୦ ଜଣଙ୍କ ମୃତ୍ୟୁ ଘଟିଛି ଓ ୧୦୦ରୁ ଅଧିକ ଆହତ ହୋଇଛନ୍ତି । ଏହି ଘଟଣାକୁ ନେଇ ତାମିଲନାଡୁ ରାଜନୀତିରେ ଉଷ୍ମତା ଦେଖାଦେଇଥିବା ବେଳେ ବିଜୟ ଥଲାପତି ଓ ତାଙ୍କ ଦଳର ନେତାମାନେ ଏହା ପଛରେ ଷଡ଼ଯନ୍ତ୍ରର ଦୁର୍ଗନ୍ଧ ବାରିଛନ୍ତି । (୯ ପୃଷ୍ଠାରେ)

## ବିଜୟ ତିଳକ

# ଭାରତକୁ ନବମ ଏସିଆ କପ୍

ଦୁବାଇ, ୨୮।୯(ଏଜେନ୍ସି) : ଏସିଆ କପରେ ଐତିହାସିକ ବିଜୟ ହାସଲ କରିଛି ଟିମ୍ ଇଣ୍ଡିଆ । ତିଲକ ବର୍ମାଙ୍କ ୬୯ ରନ୍‌ର ଧୂଆଁଧାର ଇନିଂସ ଯୋଗୁଁ ଟିମ୍ ଇଣ୍ଡିଆ ବିଜୟ ତିଲକ ପିନ୍ଧିଛି । ନବମ ଥର ପାଇଁ ଭାରତ ଏସିଆ କପ୍ ଟୋଲି ଧରିବାର ଗୌରବ ଅର୍ଜନ କରିଛି । ଏତଦ୍ ବ୍ୟତୀତ ଚଳିତ ଏସିଆ କପ୍‌ରେ ପାକିସ୍ତାନକୁ ତୃତୀୟ ଥର ପାଇଁ ଧରାସାୟୀ କରିଛି ଭାରତ । ଗ୍ରୁପ୍ ପର୍ଯ୍ୟାୟ, ସୁପର ୪ ଏବଂ ଫାଇନାଲରେ ଭାରତ ଓ ପାକିସ୍ତାନ ମୁହାଁମୁହିଁ ହୋଇଥିଲେ । ସମସ୍ତ ୩ ଟି ଯାକ ମ୍ୟାଚରେ ଭାରତ ବାଜି ମାରିଛି । ଭାରତ ପାଇଁ ସବୁଠୁ ଐତିହାସିକ କ୍ଷଣ ଫାଇନାଲ ମ୍ୟାଚ ଥିଲା । କାରଣ ୪୧ ବର୍ଷର ଏସିଆ କପ୍ ଇତିହାସରେ ପ୍ରଥମ ଥର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦୀ ଟାଇଟଲ୍ ମୁକାବିଲାରେ ଅବତୀର୍ଣ୍ଣ ହୋଇଥିଲେ । ଏହି ମ୍ୟାଚକୁ ଭାରତ ୫ ଓ୍ୱିକେଟ୍‌ରେ ଜିତି ପାକିସ୍ତାନକୁ ଧୂଳି ଚଟାଇଛି ।

ଏସିଆ କପ୍ ଫାଇନାଲରେ ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ୧୯.୧ ଓଭରରେ ୧୪୬ ରନ୍ କରି ଅଲଆଉଟ୍ ହୋଇଥିଲା । ଜବାବରେ ଭାରତ ୧୯.୪ ଓଭରରେ ୧୫୦/୫ ରନ୍ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥିଲା । ତିଲକ ବର୍ମାଙ୍କୁ ଯେତେ ପ୍ରଶଂସା କଲେ ବି କମ୍ ହେବ । କାରଣ ଦଳ ୨୦ ରନ୍‌ରେ ୩ ଓ୍ୱିକେଟ୍ ହରାଇ ବ୍ୟାକଫୁଟକୁ ଚାଲିଯାଇଥିଲା । କିନ୍ତୁ ତିଲକ ଯେଉଁ ଧୈର୍ଯ୍ୟର ସହ ବ୍ୟାଟିଂ କରି ପରାକ୍ରମ ଦେଖାଇଲେ ତାହା ଦଳୀୟ ଖେଳାଳିଙ୍କ ମନବଳକୁ ଦୃଢ କରିବା ସହ ଭାରତକୁ ବିଜୟ ତିଲକ ପିନ୍ଧାଇଛି । କେବଳ ତିଲକ ନୁହଁନ୍ତି ସଞ୍ଜୁ ସାମସନ୍ ୨୧ ବଲରୁ ୨୪, ଯୁବ ପ୍ରତିଭା ଶିବମ୍ ଦୁବେ ୨୨ ବଲରୁ ୩୩ ରନ୍‌ର ଜମାଣିଆ ଇନିଂସ ଖେଳିଥିଲେ । ଫାଇନାଲରେ ଓପନର ଅଭିଶେଷ ଶର୍ମା ଓ ଶୁଭମନ୍ ଗିଲ୍ ପାଳି ଆରମ୍ଭ କରିଥିଲେ । ପୂର୍ବ ମ୍ୟାଚ ଗୁଡିକ ଭଳି ଅଭିଶେକ ବିସ୍ଫୋରକ ଇନିଂସ ଖେଳି ଭାରତ ବିଜୟରେ ହିରୋ ସାଜିବେ ବୋଲି ଆଶା କରାଯାଉଥିଲା । କିନ୍ତୁ ସେ ୫ ରନ୍ କରି ପାଭିଲିୟନ ଫେରିଥିଲେ । (୯ ପୃଷ୍ଠାରେ)







## ବିହାର ବିଧାନସଭା ସହ ନୂଆପଡା ଉପ ନିର୍ବାଚନ

# ଓଡ଼ିଶାର ୧୨ ଅଫିସରଙ୍କୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଦାୟିତ୍ୱ

ନୂଆଦିଲ୍ଲୀ,୨୮।୯: ବିହାର ବିଧାନସଭା ନିବାଚନ ସହ ଓଡ଼ିଶାର ନୂଆପଡ଼ା ସମେତ ମୋଟ ୭ଟି ରାଜ୍ୟର ୮ଟି ବିଧାନସଭା ଆସନରେ ଉପନିର୍ବାଚନ ଅନୁଷ୍ଠିତ ହେବ । ନିର୍ବାଚନକୁ ସ୍ୱଚ୍ଛ, ନିରପେକ୍ଷ ଓ ମୁକ୍ତ କରିବା ଉଦ୍ଦେଶ୍ୟରେ ଓଡ଼ିଶାର ୧୨ଜଣ ଅଫିସରଙ୍କ ସମେତ ମୋଟ ୪୭୦ଜଣ ଅଫିସରଙ୍କୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି । ଏହି ସମସ୍ତ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କୁ ଆସନ୍ତାମାସ ୩ତାରିଖରେ ନୂଆଦିଲ୍ଲୀରେ ଏକ ସ୍ୱତନ୍ତ୍ର ବୈଠକରେ ନିଶ୍ଚିତ ଉପସ୍ଥିତ ରହିବାକୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ନିର୍ବାଚନ କମିଶନଙ୍କ ପକ୍ଷରୁ ମଧ୍ୟ ଏହି ଅଫିସରମାନଙ୍କୁ ୨୭ତାରିଖରେ ଅବଗତ କରାଯାଇଛି । ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କର ମୃତ୍ୟୁ ଯୋଗୁ ନୂଆପଡ଼ାରେ ଉପନିର୍ବାଚନ ଅନୁଷ୍ଠିତ ହେବ ।

ଜାତୀୟ ନିର୍ବାଚନ ଆୟୋଗ ଓଡ଼ିଶା କ୍ୟାଡ଼ରର ୧୦ଜଣ ଆଇଏଏସ୍ ଓ ୨ଜଣ ଆଇପିଏସ୍ ଅଫିସରଙ୍କୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦେବା ପରେ ରାଜ୍ୟ ଉପମୁଖ୍ୟ ନିର୍ବାଚନ ଅଧିକାରୀ ଅନାମିକା ସିଂ ଓଡ଼ିଶା କ୍ୟାଡ଼ରର ଅଫିସରମାନଙ୍କୁ ଚିଠି ଲେଖି ଆସନ୍ତା ୩ତାରିଖରେ ନୂଆଦିଲ୍ଲୀର ଇଣ୍ଡିଆ ଇଂଟରନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ ଡେମୋକ୍ରାସି ଆଣ୍ଡ ଇଲେକ୍ସନ ମ୍ୟାନେଜମେଂଟ ପ୍ରତିଷ୍ଠାନରେ ନିଶ୍ଚିତ ଭାବେ ସକାଳ ୯ଟା ସୁଦ୍ଧା ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅତିରିକ୍ତ ଡିଜି(ମୁଖ୍ୟାଳୟ) ଆଇପିଏସ୍ ପ୍ରତୀକ ମହାନ୍ତି ଓ ଆଇଜି(ସିଏଡବ୍ଲ୍ୟୁ) ସାଇନି ଏସଙ୍କ ସମେତ ରାଜ୍ୟ ସମବାୟ ବିଭାଗ ସଚିବ ରାଜେଶ ପ୍ରଭାକର ପାଟିଲ, ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରଓ୍ୱାଲ ଓ ପର୍ଯ୍ୟଟନ ସଚିବ ବଳବନ୍ତ ସିଂ, (୯ ପୃଷ୍ଠାରେ)




## ଦଶହରାରେ ଭିଜିବ ଓଡ଼ିଶା

ଭୁବନେଶ୍ୱର,୨୮।୯ (ସବ୍ୟୁ): ଜଗତଜନନୀ ମା ଦୁର୍ଗାଙ୍କ ପୂଜା ଆରମ୍ଭ ହୋଇଛି। ପୀଠ ଓ ପୂଜା ମଣ୍ଡପରେ ଷଷ୍ଠୀ ପୂଜା ଆରମ୍ଭ ହୋଇଥିବା ବେଳେ ନବମୀରୁ ବର୍ଷା ଲାଗି ରହିବ । ଲଘୁଚାପ ଏଥର ଦଶହରାକୁ ଫିକା ପକାଇବାର ସମ୍ଭାବନା ଅଛି। ଆସନ୍ତା ୧ ତାରିଖରୁ ୩ ଯାଏଁ ଦକ୍ଷିଣ ଓଡ଼ିଶା ସମେତ ଉପକୂଳରେ ବର୍ଷା ହେବା ନେଇ ପୂର୍ବାନୁମାନ କରୁଛି ପାଣିପାଗ ବିଭାଗ। ପାଣିପାଗ ବିଭାଗର କହିବା ଅନୁସାରେ, ଉତ୍ତର ଆଣ୍ଡାମାନ ମହାସାଗରାରେ ୩୦ ତାରିଖ ବେଳକୁ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ। ଏହା ଅଧିକ ଘନୀଭୂତ ହୋଇ ଉତ୍ତର ଏବଂ ପାଶ୍ୱର୍ବର୍ତ୍ତୀ କେନ୍ଦ୍ରୀୟ (୯ ପୃଷ୍ଠାରେ)

## ଟଳିଲେ ୩ ମାଓବାଦୀ

### ମାଓ ଦମ୍ପତି ଗିରଫ

ମାଲକାନଗିରି,୨୮।୯ (ସବ୍ୟୁ): ସୀମାନ୍ତରେ ପୁଣି ଏନକାଉଣ୍ଟର: ମହିଳା କ୍ୟାଡର ସମେତ ୩ ମାଓବାଦୀ ନିପାତ । ସୀମାନ୍ତ ଛତିଶଗଡ଼ର କାଂକେର ଜିଲ୍ଲାରେ ମାଓବାଦୀ-ପୁଲିସ ମୁହାଁମୁହିଁ ହୋଇଛନ୍ତି । ଏହି ଏନକାଉଣ୍ଟରରେ ଜଣେ ମହିଳା ମାଓବାଦୀ ସମେତ ୩ ଜଣ ମୃତ୍ୟୁବରଣ କରିଛନ୍ତି । ଏମାନଙ୍କ ମୁଣ୍ଡରେ ୧୪ ଲକ୍ଷ ଟଂକାର ପୁରସ୍କାର ରହିଥିବା ପୁଲିସ କହିଛି । କାଂକେର ଜିଲ୍ଲା ପୁଲିସ ବିଶେଷ ସୂତ୍ରରୁ ଖବର ପାଇଥିଲେ ଯେ କାଂକେଲ ଥାନା ଅଞ୍ଚଳର ଛନ୍ଦଖଡକ ଜଂଗଲରେ ମାଓ କ୍ୟାମ୍ପ କରି ରହିଛନ୍ତି । ତୁରନ୍ତ ଜିଲ୍ଲା ପୁଲିସ,ଡିଆରଜି ଏବଂ ବିଏସଏଫ ଯବାନ ସେହି ଅଂଚଳକୁ ଗସ୍ତ କରିଥିଲେ । ସକାଳୁ ମାଓବାଦୀ ଯବାନଙ୍କୁ ଦେଖି ଅତର୍କିତ ଗୁଳି ଚଳାଇଥିଲେ । (୯ ପୃଷ୍ଠାରେ)






# ହୃତ୍‌ପିଣ୍ଡ ଦିବସ

ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇଥାଏ ହୃତ୍‌ପିଣ୍ଡ । ଆମର ହାର୍ଟ ସୁସ୍ଥ ରହିଲେ ଯାଇ ଅନ୍ୟ ସମସ୍ତ ଅଙ୍ଗ ସୁସ୍ଥ ରହିବ । ହେଲେ ଆଜିକାଲିର ଲାଇଫ୍ ଷ୍ଟାଇଲ କାରଣରୁ ହାର୍ଟ ଉପରେ ସବୁଠାରୁ ଅଧିକ ପ୍ରେସର ପଡୁଛି, ତେଣୁ ହାର୍ଟ ଆଟାକ୍‌ରେ ଲୋକଙ୍କର ମୃତ୍ୟୁ ସଂଖ୍ୟା ବଢୁଛି । ତେଣୁ ହାର୍ଟ ସମ୍ବନ୍ଧୀୟ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ୨୯ ତାରିଖକୁ ବିଶ୍ୱ ହୃତ୍‌ପିଣ୍ଡ ଦିବସ ଭାବେ ପାଳନ କରାଯାଉଛି। ହାର୍ଟ ସମ୍ବନ୍ଧୀୟ ରୋଗ ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଜାତିସଂଘ ସହ ମିଳିତ ଆଲୋଚନା ପରେ ୨୦୦୦ ମସିହାରୁ ବିଶ୍ୱ ହୃତ୍‌ପିଣ୍ଡ ଦିବସ ପାଳନ କରାଯାଉଛି । ଯୋଗ, ପ୍ରାଣାୟମ, ବ୍ୟାୟାମ, ଆଦି ନ କରିବା, ଉଚ୍ଚ ରକ୍ତଚାପ, କୋଲେଷ୍ଟ୍ରୋଲ, ସୁଗାର ଲେବଲରେ ଅସ୍ଥିରତା ଆଦି ହୃତ୍‌ପିଣ୍ଡ ସମ୍ବନ୍ଧୀୟ ରୋଗର ପ୍ରମୁଖ କାରଣ । ପୌଷ୍ଟିକ ଖାଦ୍ୟ ସେବନ ଏବଂ ନିୟମିତ ବ୍ୟାୟାମ କରିବା ଦ୍ୱାରା ହୃତ୍‌ପିଣ୍ଡ ସମ୍ବନ୍ଧୀୟ ରୋଗରୁ ମୁକ୍ତି ମିଳିଥାଏ । ଆଜିକାଲିର ଆଧୁନିକ ଯୁଗରେ ଲୋକମାନେ ଗୋଟିଏ ଜାଗାରେ ବସି କମ୍ପ୍ୟୁଟର ସହାୟତାରେ କାର୍ଯ୍ୟ କରୁଛନ୍ତି । ଫଳରେ ଅଧିକାଂଶ ଲୋକ ମେଦବହୁଳତାର ଶିକାର ହେଉଛନ୍ତି । ଯାହା ହୃଦ୍‌ଘାତର ପ୍ରମୁଖ କାରଣ ସାଜୁଛି । ତେଣୁ ବିଶ୍ୱ ହୃତ୍‌ପିଣ୍ଡ ଦିବସ ପାଳନ ଅବସରରେ ଲୋକମାନଙ୍କୁ ହୃତ୍‌ପିଣ୍ଡକୁ ସୁସ୍ଥ ରହିବା ପାଇଁ ସାଇକେଲିଂ କରିବା, ପହଁରିବା, ଚାଲିବା, ଦୌଡ଼ିବା ଏବଂ ସର୍ବୋପରି ବ୍ୟାୟାମ କରିବାକୁ ପରାମର୍ଶ ଦିଆଯାଇଥାଏ । ଏହି ଅବସରରେ ବିଭିନ୍ନ ସ୍ଥାନରେ ଭିନ୍ନଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କୁ ସଚେତନତା କରାଯାଉଥିବାର ଦେଖିବାକୁ ମିଳିଥାଏ ।



## ସୋସିଆଲ କୋଟ୍ସ



"ସେକ୍ସ ୱାର୍କରଙ୍କୁ ଅନେକ ଚାଲେଞ୍ଜର ସାମନା କରିବାକୁ ପଡିଥାଏ । ଏହି ସମସ୍ତ କଥା ମୋତେ ନିରଜା ୱେବସିରିଜ ପାଇଁ ଅକର୍ଷିତ କରିଥିଲା । ଏହାର କାହାଣୀ ମୋତେ ବହୁତ ଭଲ ଲାଗିଥିଲା ।

କାମ୍ୟା ପଞ୍ଜାବୀ, ଅଭିନେତ୍ରୀ

"ଅନ୍ୟପଛରେ ଖରାପରେ ଗପିବା ଆମ ସମାଜର ଏକ ବଡ ସମସ୍ୟା । ଏହାକୁ ଚିହ୍ନିବା ମଧ୍ୟ କଷ୍ଟ ହୋଇଥାଏ । ସେହିଭଳି ଯେଉଁମାନେ ଏହାକୁ ନିଜ ଜୀବନରେ ଅନୁଭବ କରିଛନ୍ତି, ସେମାନେ ଏହାକୁ କେବେ ବି ନିୟନ୍ତ୍ରଣ କରିପାରି ନାହାନ୍ତି ।

ରସିକା ଦୁଗଲ, ଅଭିନେତ୍ରୀ





"ଯେତେବେଳେ ଭ୍ୟାକେସନ୍ ପରେ ମୋର ଓଜନ ବଢିଥିଲା, ସେତେବେଳେ ମୋ ମାଆ ବହୁତ ଟେନ୍‌ସନ୍‌ରେ ଥିଲେ । ସେ କେତେଥର ମୋର ବଢୁଥିବା ଓଜନ ପାଇଁ ମଜାକ ମଧ୍ୟ ଉଡାଇଛନ୍ତି ।

ସାରା ଅଲ୍ଲୀ ଖାନ୍, ଅଭିନେତ୍ରୀ



# ସିନ୍ ପାଇଁ କରିଥିଲେ ଡ୍ରିଙ୍କ୍

### ମନେପଡ଼େ

୨୦୦୯ ମସିହାରେ ରିଲିଜ୍ ହୋଇଥିବା ଫିଲ୍ମ ଥ୍ରି ଇଡିଏଟ୍ସରେ ଆମିର ଖାନ୍, ଆର୍ ମାଧବନ୍ ଓ ଶରମନ୍ ଯୋଶୀଙ୍କୁ ଏକାସାଥେ ଦେଖିବାକୁ ମିଳିଥିଲା । ଏହି ତିନି ଅଭିନେତାଙ୍କ ଯୁଗଳବନ୍ଦୀଙ୍କୁ ଦର୍ଶକ ଖୁବ୍ ଭଲ ପାଇବା ଦେଇଥିଲେ । ଯାହାଫଳରେ ଇଞ୍ଜିନିଅରିଂ ଛାତ୍ରଙ୍କ ଜୀବନୀ ଉପରେ ଆଧାରିତ ଏହି ଫିଲ୍ମଟି ବକ୍ସ ଅଫିସ୍‌ରେ ବେଶ୍ ଭଲ ପରଫର୍ମାନ୍ସ ଦେଇଥିଲା । ତେବେ ଫିଲ୍ମର ଅନେକ ସିନ୍‌ରେ ଏହି ତିନି ଅଭିନେତାଙ୍କୁ ମଦପାନ କରି ଅଭିନୟ କରୁଥିବାର ଦେଖିବାକୁ ମିଳିଥିଲା । ହେଲେ ଗୋଟିଏ ସିନ୍ କରିବା ଲାଗି ଏମାନଙ୍କୁ ରିଅଲ୍‌ରେ ମଦପାନର ସାହାରା ନେବାକୁ ପଡ଼ିଥିଲା ବୋଲି ନିକଟରେ ଏକ ସାକ୍ଷାତକାରରେ ଆକ୍ଟର ମାଧବନ୍ ଖୁଲାସା କରିଛନ୍ତି । ଜଣେ ୟୁଟ୍ୟୁବରଙ୍କ ପଡ୍‌କାଷ୍ଟରେ ଦେଇଥିବା ଇଣ୍ଟରଭ୍ୟୁରେ ମାଧବନ କହିଛନ୍ତି ଯେ ଫିଲ୍ମର ଡ୍ରଙ୍କ୍ ସିନ୍‌ରେ ଆକ୍ଟର୍ସଙ୍କୁ ଡ୍ରଙ୍କ୍ ହୋଇ ଆକ୍ଟିଂ କରିବା ପରିବର୍ତ୍ତେ ପ୍ରକୃତରେ ଡ୍ରିଙ୍କ୍ କରି ନର୍ମାଲ୍ ଭଳି ଆକ୍ଟିଂ କରିବା ଉଚିତ ବୋଲି ଆମିର ଆଇଡିଆ ଦେଇଥିଲେ । ଆମିରଙ୍କ ଏହି ଆଇଡିଆକୁ ଅନୁସରଣ କରି ସିନ୍ ସୁଟ୍ କରିବାର ଘଣ୍ଟେ ପୂର୍ବରୁ ଆମେ ଡ୍ରିଙ୍କ୍ କରିବା ଆରମ୍ଭ କରିଥିଲୁ । ହେଲେ ଟେକ୍ନିକାଲ୍ ସମସ୍ୟା କାରଣରୁ ସିନ୍‌ଟି ୨ରୁ ୩ ଘଣ୍ଟା ବିଳମ୍ବରେ ସୁଟ୍ ହୋଇଥିଲା । ଯାହାଫଳରେ ସେହି ସମୟ ପର୍ଯ୍ୟନ୍ତ ହିଁ ସମସ୍ତେ ଡ୍ରିଙ୍କ୍ କରିଥିଲେ ବୋଲି କହିଛନ୍ତି ମାଧବନ୍ । ସୂଚନାନୁଯାୟୀ ଫିଲ୍ମଟି ୨୦୦୯ ମସିହାର ସବୁଠୁ ଅଧିକ ଆୟ କରିଥିବା ଫିଲ୍ମ ରୂପେ ଗଣା ହୋଇଥିଲା । ଏଥିରେ କରୀନା କପୁର, ବମନ୍ ଇରାନୀ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିଥିଲେ ।

## ଭ୍ରମ ସଂଶୋଧନ

ଭୁବନେଶ୍ୱର, (ସବ୍ୟୁ) : ରବିବାର ସମୟ ସମ୍ବାଦପତ୍ରର ପୃଷ୍ଠା ୨ (ଚଟଣି)ରେ କବିବର ରାଧାନାଥ ରାୟଙ୍କ ଫଟୋ ସ୍ଥାନରେ ଭୁଲ ବଶତଃ ସ୍ୱଭାବ କବି ଗଙ୍ଗାଧର ମେହରଙ୍କ ଫଟୋ ବସିଛି । ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ ।

# ପିଲାଦିନର ଖୁସି ଗୁରୁତ୍ୱପୂର୍ଣ୍ଣ

କଥାରେ ଅଛି ପିଲାଦିନ ଯାହାର ଯେତେ ଭଲ ତାର ଯୁବ ଅବସ୍ଥାବି ସେତେ ଭଲ । କୁହନ୍ତି ଜୀବନର ବହୁତ ଗୁରୁତ୍ୱପୂର୍ଣ୍ଣ କଥା ପିଲାଦିନରୁ ହିଁ ଶିକ୍ଷା ମିଳିଥାଏ । ତେବେ ଯଦି ଗୋଟିଏ ପିଲାର ପିଲାଦିନ ଏକାକୀ କଟିଥାଏ ତେବେ ଏହାର ପ୍ରଭାବ ତାର ଯୁବଅବସ୍ଥାରେ ପଡିଥାଏ ବୋଲି ଏକ ଗବେଷଣାରୁ ଜଣା ପଡିଛି । ଯଦି ଜଣେ ପିଲାବେଳେ ନିଜର ସବୁ ସମୟ ଏକୁଟିଆ କାଟିଥାଏ, ଅର୍ଥାତ ନିଜ ଲୋକଙ୍କ ପାଖରେ କିମ୍ବା ବିନା ସାଙ୍ଗସାଥୀରେ କାଟିଥାଏ ତେବେ ଏହାର ନକରାତ୍ମକ ପ୍ରଭାବ ଯୁବାବସ୍ଥା ଉପରେ ପଡିଥାଏ । ଏହାର ପ୍ରଭାବ ସିଧା ମସ୍ତିଷ୍କ ଉପରେ ପଡିଥାଏ ବୋଲି ଏକ ଗବେଷଣାରେ ଜଣା ପଡିଛି । ତେଣୁ ସବୁବେଳେ ଛୋଟ ପିଲାଙ୍କୁ ଖୁସିରେ ରଖିବାକୁ ଏହି ରିପୋର୍ଟରେ ପରାମର୍ଶ ଦିଆଯାଇଛି । ଏକୁଟିଆପଣରୁ ସେମାନଙ୍କ ମସ୍ତିଷ୍କ ଉପରେ ଅନେକ ପ୍ରଭାବ ପଡିଥାଏ, ଏପରିକି ସେମାନଙ୍କର ହର୍ମୋନାଲ ପରିବର୍ତ୍ତନ ମଧ୍ୟ ହୋଇଥାଏ । ଯାହା ପିଲାଟିର ବଡହେବା ପରେ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାର ମଧ୍ୟ କାରଣ ସାଜିପାରେ ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି ।



୧୮୩୬– ମାଡ୍ରାସ ଚାମ୍ବର୍ ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରିର ସ୍ଥାପନା ।

୧୯୧୧– ଅଟୋମନ୍ ସାମ୍ରାଜ୍ୟ ବିପକ୍ଷରେ ଇଟାଲୀର ଯୁଦ୍ଧ ଘୋଷଣା ।

୧୯୧୩– ଡିଜେଲ୍ ଇଞ୍ଜିନ୍‌ର ଆବିଷ୍କାରକ ରୁଡଲଫ୍ ଡିଜେଲ୍‌ଙ୍କ ପରଲୋକ ।

୧୯୧୫– ଟେଲିଫୋନ୍ ଯୋଗେ ପ୍ରଥମ ଆନ୍ତଃମହାଦ୍ୱୀପ ବାର୍ତ୍ତା ପଠାଗଲା ।

୧୯୨୭– ଆମେରିକା ଏବଂ ମେକ୍ସିକୋ ମଧ୍ୟରେ ଟେଲିଫୋନ୍ ସେବା ଆରମ୍ଭ ।

୧୯୪୨– ପ୍ରସିଦ୍ଧ ମହିଳା କ୍ରାନ୍ତିକାରୀ ମାତଙ୍ଗିନୀ ହଜରାଙ୍କ ଦେହାନ୍ତ ।

୨୦୦୬– ବିଶ୍ୱର ପ୍ରଥମ ମହିଳା ଅନ୍ତରୀକ୍ଷ ପର୍ଯ୍ୟଟକ ଇରାନ ମୂଳ ତଥା ଆମେରିକୀୟ ନାଗରିକ ଅନୁଶେହ ଅଂସାରୀ ପୃଥିବୀପୃଷ୍ଠକୁ ସକୁଶଳ ଫେରିଲେ ।

୨୦୧୭– ଭାରତୀୟ ସିନେମାର ଲୋକପ୍ରିୟ ଅଭିନେତା ପଦ୍ମଶ୍ରୀ ଟମ୍ ଅଲ୍ଟରଙ୍କ ଦେହାନ୍ତ ।



# ଭିଗାନ୍ ସି ଫୁଡ୍

ଗତ କିଛି ଦିନ ଭିତରେ ଗ୍ଲୋବାଲ ସି ଫୁଡ୍ ମାର୍କେଟ ବଢିବାରେ ଲାଗିଛି । ଯାହା ଫଳରେ ସି ଫୁଡ୍‌ର ବିଭିନ୍ନ ପ୍ରକାରର ଉତ୍ପାଦନ ଉପରେ ପ୍ରେସର ପଡୁଛି । ବେପାରୀ ମାନେ ଅଧିକ ସି ଫୁଡ ଆମଦାନୀ କରିବାକୁ ଚେଷ୍ଟା କରୁଛନ୍ତି । ଯେଉଁ କାରଣରୁ ଜଳଚର ପ୍ରାଣୀମାନେ ଅନେକ ସମସ୍ୟାର ସାମନା କରିବାରେ ଲାଗିଛନ୍ତି । ଏହା ଜଳଜୈବ ବିବିଧତା ଉପରେ ଖରାପ ପ୍ରଭାବ ପକାଉଛି । ତେବେ ଏହି ଚାଲେଞ୍ଜକୁ ସମାଧାନ କରିବାକୁ ସିଙ୍ଗାପୁର ନ୍ୟାସନାଲ ୟୁନିଭର୍ସିଟିର କିଛି ଗବେଷକମାନେ ଏକ ଉପାୟ ବାହାର କରିଛନ୍ତି । ଏହି ବୈଜ୍ଞାନିକମାନେ ଭେଗାନ୍ ସି ଫୁଡର ନିର୍ମାଣ କରିଛନ୍ତି । ଏହି ଖାଦ୍ୟକୁ ସେମାନେ ବିଭିନ୍ନ ପରିବା କିମ୍ବା କବକରୁ ପ୍ରସ୍ତୁତ କରିଛନ୍ତି । ଏହି ପ୍ରକ୍ରିୟାରେ ପ୍ରସ୍ତୁତ ହେଉଥିବା ସି ଫୁଡ୍‌ର ଟେଷ୍ଟ ଅବିକଳ ମାଛ ପରି, ଯେଉଁଥିରେ ସତ ମାଛର ସମସ୍ତ ସ୍ୱାସ୍ଥ୍ୟକର ଫାଇଦା ମଧ୍ୟ ରହିଛି । ଏହାର ସ୍ୱାଦ ଓ ଟେକ୍ସଚର ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି, ଯେପରି ସି ଫୁଡର ଅବିକଳ ହୋଇପାରିବ । ଏଥିପାଇଁ ସେମାନେ ଥ୍ରୀଡି ପ୍ରିଣ୍ଟିଂର ସାହାଯ୍ୟ ନେଇଛନ୍ତି । ଏଥିରେ ସେମାନେ ପ୍ରୋଟିନ୍ ହେସ୍ତ ଇଙ୍କ ବ୍ୟବହାର କରାଯାଇଛି । ତେଣୁ ଏହାର ଅନ୍ୟନାମ ଥ୍ରୀଡି ପ୍ରିଣ୍ଟେଡ୍ ଭିଗାନ ସି ଫୁଡ୍ । ବୈଜ୍ଞାନିକଙ୍କର ଏହି ଉଦ୍ଭାବନକୁ ସୋସିଆଲ ମିଡିଆରେ ଖୁବ ପ୍ରଶଂସା କରାଯାଇଛି ।

# ସମୋସା ଚାଟ୍

**ସାମଗ୍ରୀ–** ଗୋଟିଏ ଛୋଟ ପିଆଜ କଟା, ଲୋମ୍ବୁ ରସ, ଏକ ଚାମଚ ଜିରା, ୪୦୦ ଗ୍ରାମ କାବୁଲି ଚଣା, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ୪ଟି ସିଙ୍ଗଡା ।

**ପ୍ରଣାଳୀ–** ପ୍ରଥମେ ପିଆଜକୁ ଗରମ ପାଣିରେ କିଛି ସମୟ ପାଇଁ ପକାଇ କାଢି ଦିଅନ୍ତୁ । ଏହାପରେ ପାଣିରୁ କାଢି ଏଥିରେ ଲେମ୍ବୁ ରସ ଓ ଲୁଣ ପକାଇ ଗୋଳାଇ ଅଲଗା ରଖିନିଅନ୍ତୁ । ଏହାପରେ ପ୍ୟାନ୍‌କୁ ଗରମ କରନ୍ତୁ ଏଥିରେ ତେଲ, ଜିରା ପକାଇ ଫୁଟିବାକୁ ଛାଡନ୍ତୁ । ଏହାପରେ ଏଥିରେ ଛଣା ହୋଇଥିବା କାବୁଲି ଚଣା, ଲୁଣ, ହଳଦୀ, ଲଙ୍କା ଗୁଣ୍ଡ ପକାଇ ଗୋଳାନ୍ତୁ । ଏଥିରେ ଅଳ୍ପ ପାଣି ଦେଇ ଫୁଟିବାକୁ ଛାଡନ୍ତୁ । ଏହାକୁ ପାଖାପାଖି ୧୫ ମିନିଟ୍ ଫୁଟିବାକୁ ଛାଡି ଦିଅନ୍ତୁ । ଏହାପରେ ଗୋଟିଏ ପ୍ଲେଟ୍‌ରେ ପ୍ରଥମେ ମସଲା କାବୁଲି ଚଣାକୁ ରଖନ୍ତୁ ଏହାପରେ ସିଙ୍ଗଡାକୁ କାଟି ଦିଅନ୍ତୁ । ଏହି ଛୋଟ କଟାକୁ କାବୁଲି ଚଣା ଉପରେ ରଖନ୍ତୁ । ଏହାଉପରେ ଫେଣ୍ଟା ଦହି ଅଳ୍ପ ରଖି ସଭା ଉପରେ କଟା ପିଆଜ, ଛଣା ସେଉ ଓ ଧନିଆ ପତ୍ର ଓ ବିଟଲୁଣ ପକାଇ ପରଷନ୍ତୁ ସମୋସା ଚାଟ୍ ।



# ପସନ୍ଦ ଆସୁଛି ଟ୍ରେଲର



ଫିଲ୍ମ ଥମ୍ମାର ଟ୍ରେଲ ନିକଟରେ ରିଲିଜ୍ ହୋଇଛି, ଯାହାକୁ ଦର୍ଶକ ଖୁବ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି । ସୂଚନା ଅନୁସାରେ ଆୟୁଷ୍ମାନ ଖୁରାନା ଓ ରଶ୍ମିକା ମନ୍ଦାନାଙ୍କର ଅଭିନୀତ ଫିଲ୍ମ ଥମ୍ମା ଅକ୍ଟୋବର ୨୧ରେ ରିଲିଜ୍ ହେବ । ଏହାପୂର୍ବରୁ ମେକର୍ସ ଏହି ଟ୍ରେଲରକୁ ରିଲିଜ କରିଛନ୍ତି । ଟ୍ରେଲରରୁ ଜଣା ପଡୁଛି କି ଫିଲ୍ମଟି ଭାମ୍ପାୟର ଲଭ ଷ୍ଟୋରୀକୁ ନେଇ ନିର୍ମାଣ କରାଯାଇଛି । ଦିପାବଳୀକୁ ଆଖିରେ ରଖି ଏହି ଫିଲ୍ମର ରିଲିଜ୍ ଧାର୍ଯ୍ୟ କରାଯାଇଛି । ୨ମିନିଟର ଏହି ଟ୍ରେଲରଟିରେ ହରର, ଆକସନ୍, ରୋମାନ୍ସ ସବୁର ମିଶ୍ରଣ ଦେଖିବାକୁ ମିଳିଛି । ଟ୍ରେଲରରୁ ଫ୍ୟାନମାନେ ଅନୁମାନ କରୁଛନ୍ତି ଫିଲ୍ମଟି ଖୁବ ଭଲ ହୋଇଥିବ । ସେହିଭଳି ଏହି ଟ୍ରେଲରରେ ରଶ୍ମିକା ମନ୍ଦାନାଙ୍କ ସହିତ ନୋରା ଫତେହିଙ୍କ ଡ୍ୟାନ୍ସ ବର୍ତ୍ତମାନ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି । ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ଆଦିତ୍ୟ ସରପୋଟାଦର ନେଇଛନ୍ତି । ଥମ୍ମା ସହିତ ଆୟୁଷ୍ମାନଙ୍କୁ ପତି ପତ୍ନି ୱର ଓ୍ୱ ୨ରେ ମଧ୍ୟ ଦେଖିବାକୁ ମିଳିବ । ସେହିଭଳି ରଶ୍ମିକାଙ୍କୁ ମଧ୍ୟ ଅଲ୍ଲୁ ଅର୍ଜୁନଙ୍କ ସହିତ ଦେଖିବାକୁ ମିଳିବ ।






## ଖୋର୍ଦ୍ଧା ମୁକୁନ୍ଦପ୍ରସାଦ ଝିଅ ଶ୍ରଦ୍ଧା ସୁମନ ପାଇଲେ ଓଏଏସ୍

ଖୋର୍ଦ୍ଧା, (ସବ୍ୟୁ): ଓଡ଼ିଶା ସିଭିଲ ସର୍ଭିସ (ଓସିଏସ )୨୦୨୩ ପରୀକ୍ଷା ଫଳ ପ୍ରକାଶିତ ହୋଇଥିବାବେଳେ ଏଥିରେ ଖୋର୍ଦ୍ଧା ମୁକୁନ୍ଦପ୍ରସାଦର ଝିଅ ଶ୍ରଦ୍ଧା ସୁମନ ୧୯୧ ରାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି।୨୦୨୧ ରୁ ସୁନ୍ଦରଗଡ଼ ଜିଲ୍ଲାରେ ରାଜସ୍ୱ ନିରୀକ୍ଷକ ଭାବେ କାର୍ଯ୍ୟରତ ଥିବା ସୁମନ ୨୦୧୭ ମସିହାରେ ରେଭେନ୍ସା ବିଶ୍ୱ ବିଦ୍ୟାଳୟରୁ ରସାୟନ ବିଜ୍ଞାନ ରେ ପିଜି କରିବା ପରେ ଏହି ପ୍ରବେଶିକା ପରୀକ୍ଷା ପାଇଁ ଚେଷ୍ଟା ଚଳାଇଥିଲେ। ବାରମ୍ବାର ବିଫଳ ହେବା ସତ୍ୱେ ସେ ହାର ନ ମାନି ନିଜ ଲକ୍ଷ ସ୍ଥଳରେ ପହଂଚିବା ପାଇଁ ଚେଷ୍ଟା ଜାରି ରଖିଥିଲେ। ତେବେ ୨୦୨୩ରେ ନିଜର ଷଷ୍ଠ ପ୍ରଚେଷ୍ଟା ରେ ପ୍ରଥମ ଥର ପାଇଁ ସାକ୍ଷାତକାର ପର୍ଯ୍ୟନ୍ତ ଯାଇ ଏଥିରେ ସଫଳ ହୋଇଥିଲେ।ମଣିଷ କିପରି ଚେଷ୍ଟା କଲେ ନିଜ ଅଧ୍ୟବସାୟ ବଳରେ ସବୁ କିଛି ସମ୍ଭବ କରିପାରେ ତାହାର ଉଦାହରଣ ହୋଇ ଯାଇଛନ୍ତି ଶ୍ରଦ୍ଧା ସୁମନ। ଖୋର୍ଦ୍ଧା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ରୁ ୨୦୧୦ ମସିହାରେ ମାଟ୍ରିକ ପାସ କରିବା ପରେ ୨୦୧୨ ରେ ପ୍ରାଣନାଥ ମହାବିଦ୍ୟାଳୟ ରୁ ପ୍ରଥମେ +୨ ଏବଂ ୨୦୧୫ ରେ ସ୍ନାତକ ଶିକ୍ଷା ହାସଲ କରିଥିଲେ। ସୁମନ ଙ୍କ ମାତା ସବିତା ଜେନା ଜଣେ ଗୃହିଣୀ ହୋଇଥିବା ବେଳେ ବାପା ସନତ କୁମାର ଜେନା ଜଣେ କୃଷକ ଅଟନ୍ତି।

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ମମିତାଙ୍କ ପରିବାର

## ଗୋବିନ୍ଦ ସାହୁଙ୍କ ମୃତ୍ୟୁର ପୁନଃ ତଦନ୍ତ ଦାବି

ଭୁବନେଶ୍ୱର(ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବହୁ ଚର୍ଚ୍ଚିତ ମମିତା ମେହେରା ହତ୍ୟା ମାମଲାରେ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ପରିବାର ଭେଟିଛନ୍ତି । ସେମାନେ ଗୋବିନ୍ଦ ସାହୁଙ୍କ ଆତ୍ମହତ୍ୟା ଘଟଣାରେ ସନ୍ଦେହ ପ୍ରକାଶ କରି ଏହାର ପୁନଃ ତଦନ୍ତ ଦାବି କରି ମୁଖ୍ୟମନ୍ତ୍ରୀଙ୍କୁ ଦାବି ପତ୍ର ଦେଇଛନ୍ତି ।

ପୂର୍ବତନ ବିରୋଧୀ ଦଳ ନେତା ତଥା ପୂର୍ବତନ ଭବାନୀପାଟଣା ବିଧାୟକ ପ୍ରଦୀପ୍ତ କୁମାର ନାଏକଙ୍କ ନେତୃତ୍ୱରେ ଗୋବିନ୍ଦ ସାହୁ ପରିବାର ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିବା ଜଣାପଡ଼ିଛି । କଳାହାଣ୍ଡି ସ୍କୁଲର ପୃଷ୍ଠପୋଷକ ସ୍ୱର୍ଗତ ଗୋବିନ୍ଦ ସାହୁଙ୍କ ପତ୍ନୀ ଓ ଝିଅ ଆଜି(ରବିବାର) ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ତାଙ୍କ ବାସ ଭବନରେ ଭେଟିଛନ୍ତି ।



ଉଭୟ ମା' ଓ ଝିଅ ତତ୍କାଳୀନ ଗୃହ ରାଷ୍ଟ୍ର ମନ୍ତ୍ରୀଙ୍କୁ ଦାୟୀ କରିଛନ୍ତି । ତାଙ୍କ କୁଚକ୍ରୀ ଗୋଷ୍ଠୀଙ୍କ ଦ୍ୱାରା ଦିଆଯାଉଥିବା ଧମକରୁ ରକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସୁରକ୍ଷା ମାଗିଛନ୍ତି । ମମିତା ମେହେରଙ୍କୁ ଯିଏ ହତ୍ୟା କରିଛି, ସିଏ ମୋ ବାପାଙ୍କୁ ହତ୍ୟା କରିଛି । ବାପା ହତ୍ୟା କାଣ୍ଡରେ ହୋଇଛି ଷଡ଼ଯନ୍ତ୍ର । ମୁଁ ଓ ମୋ ପରିବାର ଭୟଭୀତ । ଆମ ସମ୍ପତ୍ତି ସବୁ କବଜା କରିଛନ୍ତି । ମୋ ପରିବାର ସହ କିଛି ବି ହୋଇପାରେ ଗୋବିନ୍ଦ ସାହୁଙ୍କ ପତ୍ନୀ ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି । ବହୁ ଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡରେ ଗୋବିନ୍ଦ ସାହୁ ଜଣେ ଅଭିଯୁକ୍ତ ଥିଲେ । ରିପୋର୍ଟ ଅନୁଯାୟୀ ଜେଲ୍‌ରେ ଥିବା ଅବସ୍ଥାରେ ସେ ଆତ୍ମହତ୍ୟା କରିଥିଲେ ।

### ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

## ପରିବାର ଲୋକଙ୍କ ହତ୍ୟା ଅଭିଯୋଗ

ଭୁବନେଶ୍ୱର, (ସବ୍ୟୁ) : କ୍ୟାପିଟାଲ ଥାନା ଅଞ୍ଚଳରେ ଜଣେ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ କରିଛନ୍ତି । ୟୁନିଟ୍-୬ ସରକାରୀ କ୍ୱାର୍ଟର୍ସରେ ଦୁଇ ଭଉଣୀ ଭଡାରେ ରହି ପାଠ ପଢନ୍ତି । ଶନିବାର ରାତିରେ ଜଣେ ଭଉଣୀ ଭଡା ରହୁଥିବା କ୍ୱାର୍ଟର୍ସକୁ ଫେରିବା ବେଳକୁ ଭଉଣୀକୁ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ । ଏହା ପରେ ସେ ଘରକୁ ଖବର କରିଥିଲେ । ଘରେ ଖବର ପାଇବା ପରେ କ୍ୟାପିଟାଲ ଥାନାକୁ ଜଣାଇଥିଲେ । କ୍ୟାପିଟାଲ ଥାନା ପୋଲିସ ଖବର ପାଇ ଝୁଲନ୍ତା ଶବକୁ ଜଗି ରହିଥିବା ବେଳେ ଆଜି ପଞ୍ଚନାମା କରାଯାଇ ବ୍ୟବଚ୍ଛେଦ ହୋଇଛି । ମୃତ ୧୭ବର୍ଷୀୟା ନାବାଳିକା ଭୁବନେଶ୍ୱରର ଏକ ମହିଳା କଲେଜରେ ଯୁକ୍ତଦୁଇ ପଢନ୍ତି । ଭଉଣୀ ନଥିବା ବେଳେ ତାଙ୍କର ମୃତ୍ୟୁ କିପରି ଓ କାହିଁକି ହେଲା ତାହା ସ୍ପଷ୍ଟ ହୋଇନାହିଁ । ପରିବାର ଲୋକଙ୍କ କହିବାନୁଯାୟୀ ନାବାଳିକା ଛାତ୍ରୀଙ୍କୁ ହତ୍ୟା କରି ଫ୍ୟାନ୍‌ରେ ଝୁଲାଇ ଦେବା ପରେ ଅଭିଯୁକ୍ତ ଫେରାର ହୋଇଯାଇଛି । ଛାତ୍ରୀ ଜଣକ ଆତ୍ମହତ୍ୟା କରିବାର କୌଣସି ଅବକାଶ ନାହିଁ ବୋଲି ସାଙ୍ଗରେ ରହୁଥିବା ଭଉଣୀ କହିବା ସହ ପରିବାରର ଅନ୍ୟ ସଦସ୍ୟମାନେ ମଧ୍ୟ ମତ ଦେଇଛନ୍ତି । ସରକାରୀ କ୍ୱାର୍ଟର୍ସକୁ ଭଡା ଦିଆଯାଉଛି କିପରି ଓ କାହିଁକି ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ମାମଲାରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିଥିଲେ ମଧ୍ୟ ବ୍ୟବଚ୍ଛେଦ ରିପୋର୍ଟକୁ ପ୍ରତୀକ୍ଷା କରିଛି ମୃତ୍ୟୁ ରହସ୍ୟ ଜାଣିବା ପାଇଁ ।







## ପୋତା ପୋଖରୀ ପୂଜା କମିଟି ପକ୍ଷରୁ ଏଥର ମଞ୍ଚରେ ଶ୍ରୀଜଗନ୍ନାଥ କୁଇଜ୍

କଟକ, (ସବ୍ୟୁ):ପୋତା ପୋଖରୀ ପୋଇସା ପୂଜା କମିଟି ତରଫରୁ ଏଥର ପୂଜାରେ ହେବ ନିଆରା କାର୍ୟକ୍ରମ। ଅଷ୍ଟମୀ ସନ୍ଧ୍ୟା ୩୦ ତାରିଖରେ ହେବ ଶ୍ରୀଜଗନ୍ନାଥ କୁଇଜ୍। ଶ୍ରୀଜଗନ୍ନାଥ ଚେତନା ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ପୁରୀ ଦ୍ୱାରା ହଜାରେ ରୁ ଊର୍ଦ୍ଧ ଭକ୍ତ ମାନଙ୍କୁ ନେଇ ସମୂହ ସ୍ୱାଧ୍ୟାୟ ପରେ ସାମୁହିକ କୁଇଜ୍ ଓ ଶ୍ରୀ ଜଗନ୍ନାଥ କଥାମୃତ ଅନୁଷ୍ଠିତ ହେବ । ଏଥିରେ ଡ ଶୁଭେନ୍ଦୁ ସ୍ୱାଇଁ ମୁଖ୍ୟ ବକ୍ତା ଓ ପଣ୍ଡିତ ଲିଙ୍ଗରାଜ ପତି କୁଇଜ୍ ମାଷ୍ଟର ଭାବେ ଯୋଗ ଦେବେ । ପ୍ରସିଦ୍ଧ ସଙ୍ଗୀତଜ୍ଞ ତାନସେନ ସିଂହ ସଙ୍ଗୀତ ପରିବେଷଣ କରିବେ ।ଏହି କାର୍ୟକ୍ରମ ରେ ବହୁ ସଂଖ୍ୟା ରେ ଭକ୍ତ ମାନେ ଯୋଗ ଦେବାକୁ କମିଟିର ସୁବୋଧ ମହାନ୍ତି ଅନୁରୋଧ କରିଛନ୍ତି।








ଲୋକଙ୍କ ସୁବିଧା ପାଇଁ ପୂଜା ଛୁଟିରେ ସରକାରୀ କାର୍ଯ୍ୟ କରିବା ସହିତ ମୁଖ୍ୟଶାସନ ସଚିବ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ବିଭିନ୍ନ ବିକାଶମୂଳକ ଯୋଜନା ସମ୍ପର୍କରେ ଆଲୋଚନା କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

## ପାର୍ବଣ ଆରମ୍ଭ : କଟକରୋଡ଼ ଟ୍ରାଫିକ ଯନ୍ତ୍ରଣା ଅସମ୍ଭାଳ

# ଅମାନିଆ ଗାଡ଼ିଚାଳକ ଓ ବ୍ୟବସାୟୀଙ୍କୁ ନାହିଁ ଲଗାମ

ଭୁବନେଶ୍ୱର : (ପ୍ରଦୀପ୍ତ କୁମାର ଦାସ) ପାର୍ବଣ ଋତୁ ଆରମ୍ଭ ।ଦୁର୍ଗାପୂଜା,ଲକ୍ଷ୍ମୀପୂଜା ପରେ କାଳୀପୂଜା ଧୁମଧାମରେ ପାଳିତ ହେବ ।ହେଲେ ଏବେଠୁ ସ୍ଥାନୀୟ କଟକ ରୋଡ଼ରେ ଟ୍ରାଫିକ ଯନ୍ତ୍ରଣା ଅସମ୍ଭାଳ ହେଲାଣି । ବିଶେଷ କରି ଏହି ବ୍ୟସ୍ତବହୁଳ ରାସ୍ତାର ରସୁଲଗଡ଼ ଛକ ଠାରୁ କଳ୍ପନା ଛକ ମଧ୍ୟରେ ନିୟମିତଭାବେ ଅନେକ ସମୟରେ ଟ୍ରାଫିକ ଜାମ ସମସ୍ୟା ଲୋକଙ୍କ ପାଇଁ ଅତ୍ୟନ୍ତ ଯନ୍ତ୍ରଣାଦାୟକ ହେଉଛି । ଦୈନିକ ସମ୍ପୃକ୍ତ ରାସ୍ତାରେ ଅବାଧ ବେଆଇନ ଗାଡ଼ି ପାର୍କିଂ,ବେପରୁଆ ଭାରୀ ଯାନ ଚାଳନା ସହ କେତେକ ଅସାଧୁ ବ୍ୟବସାୟୀଙ୍କ ରାସ୍ତା ଅବରୋଧ ଓ ଅମାନିଆ ଗାଡ଼ି ଚାଳକଙ୍କ ଉଶୃଙ୍ଖଳତା ସାଧାରଣ ଜନତାଙ୍କ ପାଇଁ ବେଶ ମୁଣ୍ଡବ୍ୟଥାର କାରଣ ହୋଇଛି ।ଏଥି ସହ ଅମାନିଆଙ୍କ ଅବୈଧ ରଙ୍ଗ ରୁଟ ଡ୍ରାଇଭିଙ୍ଗ ମଧ୍ୟ ଏପରି ସମସ୍ୟାକୁ ଆହୁରି ଜଟିଳ କରୁଛି । ଏହି ରାସ୍ତାର ରସୁଲଗଡ଼ ଠାରୁ କଳ୍ପନା ଛକ ମଧ୍ୟରେ ବମିଖାଲ,ଝାରପଡ଼ା,ରିଫ୍ୟୁଜି କଲୋନୀ,କଟକ ରୋଡ଼,ପୁରୁଣା ଷ୍ଟେସନ ବଜାର ଓ ବଡ଼ଗଡ଼ ଆଦି ପୂଜା ମଣ୍ଡପରେ ପ୍ରବଳ ଜନ ସମାଗମ ହେବାର ସମ୍ଭାବନା ରହିଛି । ସମ୍ପୃକ୍ତ ପୂଜା ମଣ୍ଡପ ସଲଂଗ୍ନ ଓ ନିକଟବର୍ତ୍ତୀ ସଂଯୁକ୍ତ ରାସ୍ତାର କେତେକ ସ୍ଥାନରେ ଅବ୍ୟବସ୍ଥିତ ଭାବେ ନିର୍ମିତ ବିଶାଳ ତୋରଣ ସାଙ୍ଗକୁ ମିନାବଜାରର ପସରା ଯୋଗୁଁ ସର୍ବସାଧାରଣ ଯାତାୟାତ କ୍ଷେତ୍ରରେ ଅବରୋଧ କାରଣରୁ ବାଧା ସୃଷ୍ଟି ହେବାର ଅନୁମାନ କରାଯାଉଛି । ଏହା



ଛଡ଼ା ଉକ୍ତ ବ୍ୟସ୍ତବହୁଳ ରାସ୍ତାରେ ବେପରୁଆ ବିପଦ୍ଜନକ ଯାତ୍ରୀବାହି ଭାରୀଯାନ ଚଳାଚଳ ଓ ବେଆଇନ ଗାଡ଼ି ପାର୍କିଂ ସମସ୍ୟା ଆହୁରି ଅଧିକ ଚିନ୍ତାର କାରଣ ପାଲଟିଛି । ଭୁବନେଶ୍ୱର ସ୍ମାର୍ଟ ସିଟିରେ ଥିବା ବ୍ୟସ୍ତବହୁଳ ରାସ୍ତା ଭାବେ ଜଣାଶୁଣା କଟକ ରୋଡ଼ରେ ଦୀର୍ଘଦିନ ହେଲା ଉପୁଜିଆସୁଥିବା ଏପରି ସଂଗୀନ ସମସ୍ୟା ପ୍ରତି ସ୍ଥାନୀୟ ପ୍ରଶାସନ ବିମୁଖ ରହିବା ନେଇ ସାଧାରଣରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି । ତେବେ ଏହାର ପ୍ରତିକାର ଓ ନିୟନ୍ତ୍ରଣ ଦାୟିତ୍ୱରେ ଥିବା ଜିଲ୍ଲା ପ୍ରଶାସନ,କମିଶନରେଟ ଟ୍ରାଫିକ ପୋଲିସ,ବିଏମସି,ପରିବହନ ବିଭାଗ ଓ ସ୍ଥାନୀୟ ପୋଲିସ ଏପରି ଏକ ସମ୍ବେଦନଶୀଳ ଜନ ସମସ୍ୟାର ସ୍ଥାୟୀ ସମାଧାନ କ୍ଷେତ୍ରରେ ଉଦାସୀନତା ଦେଖାଇବାନେଇ ବୁଦ୍ଧିଜୀବୀ ମହଲରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ ପାର୍ବଣ ଋତୁ ଆରମ୍ଭରୁ ଏହାର ନିରାକରଣ ଦିଗରେ ସମ୍ପୃକ୍ତ ବିଭାଗ ଗୁଡିକ ମିଳିତ ଭାବେ ସମନ୍ୱୟ ରକ୍ଷା କରି ପ୍ରସ୍ତୁତି ଚଳାଇବା ସହ ବିଭିର୍ନ୍ନ ସତର୍କତା ତଥା ପ୍ରତିଷେଧକ ମୂଳକ ପଦକ୍ଷେପ ମାନ ଗ୍ରହଣ କରିବା ନିହାତି ଜରୁରୀ ଆବଶ୍ୟକ ବୋଲି ସହରର ସଚେତନ ନାଗରିକଙ୍କ ମହଲରେ ମତ ପ୍ରକାଶ ପାଇଛି ।ଏହି କ୍ରମରେ ପରିବହନ ବିଭାଗ କମିଶନର କମିଶନର ଅମିତାଭ ଠାକୁରଙ୍କ ପ୍ରତିକ୍ରିୟା ଲୋଡ଼ିବାରେ ଏକ୍ଷେତ୍ରରେ ମୋଟର ଯାନ ଆଇନ ଉଲ୍ଲଙ୍ଘନକାରୀ ଗାଡ଼ି ଚାଳକଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ ।ତେବେ ଏହି ସମସ୍ୟାର ନିରାକରଣ ନିମନ୍ତେ ବିଏମସି ମେୟର,ଭୁବନେଶ୍ୱର ଏଡିଏମ,ଟ୍ରାଫିକ ଡିସିପି,ଭୁବନେଶ୍ୱର ଆରଟିଓ,ଜୋନାଲ ଏସିପି,ସ୍ଥାନୀୟ ଥାନା ଅଧିକାରୀଙ୍କ ସମେତ କେତେକ ସ୍ଥାନୀୟ ଜନପ୍ରତିନିଧିଙ୍କ ସହ କିଛି ପୂଜା ମଣ୍ଡପ କର୍ମକର୍ତ୍ତାଙ୍କ ପ୍ରତିକ୍ରିୟା ଲୋଡ଼ାଯାଇଥିଲା ।ତେବେ ଏହିକ୍ରମରେ ଉପରୋକ୍ତ ବିଭାଗୀୟ କର୍ମକର୍ତ୍ତା ମାନଙ୍କୁ ନେଇ ଇତିମଧ୍ୟରେ ଆବଶ୍ୟକ ପ୍ରସ୍ତୁତି ଓ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା ବୋଲି ବିଏମସି ମେୟର ସୁଲୋଚନା ଦାସ କହିଛନ୍ତି

## "ଜୁନିୟର ଲୋହିଆ'କିଶନ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର,(ସବ୍ୟୁ): ବହରାଗୋଡାର ବାସିନ୍ଦା ଝାରଖଣ୍ଡ ରାଜ୍ୟର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଡା. ଦିନେଶ ସରଙ୍ଗୀଙ୍କ ଆବାସିକ କାର୍ଯ୍ୟାଳୟରେ ପ୍ରଖର ଲୋହିଆବାଦୀ, ସମାଜବାଦୀ ଚିନ୍ତକ ଓ ସମ୍ବଲପୁରର ପୂର୍ବତନ ସାଂସଦ କିଶନ ପଟ୍ଟନାୟକଙ୍କ ପୁଣ୍ୟତିଥିରେ ସ୍ମରଣ କରି ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା । ଏହି ଅବସରରେ ଡା. ସରଙ୍ଗୀ କହିଲେ ଯେ, ସମାଜବାଦୀ ଆନ୍ଦୋଳନରେ କିଶନ ପଟ୍ଟନାୟକଙ୍କ ଅପୂର୍ବ ଅବଦାନ ଥିଲା । ସମାଜବାଦକୁ ସେ ଏକ ନୂଆ ଦିଗରେ ନେଇଥିଲେ । ତାଙ୍କ ଚିନ୍ତନ, ଅବଦାନ ଓ ସରଳତାର କାରଣରୁ ତାଙ୍କୁ "ଜୁନିୟର ଲୋହିଆ' ବୋଲି କୁହାଯାଏ । ଏହି କାର୍ଯ୍ୟକ୍ରମରେ ସୁଦୀପ ପଟ୍ଟନାୟକ, ରବି ଦେ, କୃଷ୍ଣା ମହାତୋ, ହୁକୁମ ମହାତୋ, ଅରୁଣ କୁମାର ବାରିକ, ସନତ କର ଓ ବିନାଦୋ ଜାନା ପ୍ରମୁଖ ମଧ୍ୟ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

## ସାକାର ହେଲା ୧୮ ବର୍ଷର ସ୍ୱପ୍ନ

# ଉତ୍ସାହ, ଉଦ୍ଦୀପନା ମଧ୍ୟରେ ଅନ୍ଦରପୁର ପୂଜା ମଣ୍ଡପରେ ବିରାଜିଲେ ମା' ଦୁର୍ଗା

କଟକ, (ସ୍ୱପ୍ର): ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିଛି । ବହୁ ଦିନର ସ୍ୱପ୍ନ ବାସ୍ତବ ରୂପ ନେଇଛି । ଆନନ୍ଦ, ଉତ୍ସାହ, ଉଦ୍ଦୀପନା ମଧ୍ୟରେ ପ୍ରଥମଥର ପାଇଁ ଅନ୍ଦରପୁର ପୂଜା ମଣ୍ଡପରେ ବିରାଜମାନ କରିଛନ୍ତି ଜଗତ୍‌ଜନନୀ ମା' ଦୁର୍ଗା । ଆକର୍ଷଣୀୟ ତୋରଣ, ଉଜ୍ଜ୍ୱଳ ଆଲୋକମାଳା ସାଙ୍ଗକୁ ଭଜନ, ଜଣାଣ, ଘଣ୍ଟଘଣ୍ଟା ନାଦରେ ଫାଟି ପଡୁଛି ଅଞ୍ଚଳ । ଦୀର୍ଘ ୧୮ ବର୍ଷ ଧରି ଶିବ ପାର୍ବତୀ ଏଠାରେ ପୂଜା ପାଇଆସୁଥିବା ବେଳେ ଏଥର ମା' ଙ୍କ ଆର୍ବିଭାବକୁ ନେଇ ସମଗ୍ର ଅଞ୍ଚଳ ଉତ୍ସବ ମୁଖର ହୋଇପଡିଛି । ସିଏମସି ୫୩ନଂ ୱାର୍ଡ ସ୍ଥିତ ଅନ୍ଦରପୁର ପୂଜାମଣ୍ଡପରେ ପବିତ୍ର ଷଷ୍ଠୀ ଅବସରରେ ମା' ଜଗତଜନନୀ ଦୁର୍ଗାଙ୍କ ପୂଜା ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଛି । ରବିବାର ସନ୍ଧ୍ୟାରେ ଏକ ବିଶେଷ କାର୍ଯ୍ୟକ୍ରମରେ ଅତିଥି ଭାବେ କଟକ ମହାନଗର ପୂଜା କମିଟିର ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଯୋଗଦେଇ ଏହି ପୂଜା ମଣ୍ଡପକୁ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ବିଧାୟକ ସୌଭିକ ବିଶ୍ୱାଳ, ବରିଷ୍ଠ ବିଜେପି ନେତା ନୟନ ମହାନ୍ତି, ୨୨ ଦିଗଭାଗର ସର୍ବାଧିକାରୀ ସୁବାସ ସାହୁ, ମହାନଗର ଶାନ୍ତି କମିଟିର ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସଙ୍କ ସମେତ ବହୁ ପୂଜା କମିଟିର ସଭାପତି ଓ ସଂପାଦକ ଏବଂ କୁଞ୍ଜବିହାରୀ ମଠର ଟ୍ରଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ । ପୂଜାର ଆକର୍ଷଣୀୟ ବଢ଼ାଇବା ନିମନ୍ତେ କମିଟି ପକ୍ଷରୁ ମୀନା ବଜାର ଓ ଦୋଳିର ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ଅରବିନ୍ଦ ଜେନା,



ପୂଜା କମିଟି ସଭାପତି ବିନୟ କୁମାର ଦାସ, ସମ୍ପାଦକ ଅମର କୁମାର ସାମନ୍ତରାୟ, ସାହି ଆଧିକାରୀ ପ୍ରମୋଦ କୁମାର ଭୋଳ, କର୍ତ୍ତା ଅଙ୍ଗଦ ସ୍ୱାଇଁ, ମହନ୍ତ ଦିଲୀପ କୁମାର ଜେନା, କଟୁଆଳ ବିଶ୍ୱରଂଜନ ସ୍ୱାଇଁ, ପ୍ରଦୀପ୍ତ କୁମାର ଦାସ, ବିନୋଦ କୁମାର ବେହେରା, ଚିତ୍ତରଞ୍ଜନ ନାୟକ, ପ୍ରସନ୍ନ କୁମାର ମହାନ୍ତି, ରବୀନ୍ଦ୍ର ମହାନ୍ତି, ସୁରେନ୍ଦ୍ର ପଟ୍ଟନାୟକ, ବାମନ ଚରଣ ମହାନ୍ତି, ରଞ୍ଜିତ ରାଉତ, ଅନିଲ ଜେନା, ବିସ୍ମୟ ରଞ୍ଜନ ଜେନା, ପୂର୍ଣ୍ଣ ଚନ୍ଦ୍ର ମହାରଣା, ବିଶ୍ୱଜିତ୍ ମହାନ୍ତି, ଆଶୋକ କୁମାର ବସ୍ତିଆ, ସତ୍ୟରଞ୍ଜନ ସାହାଣୀ, ସୁଧୀର ଜେନାଙ୍କ ସମେତ ବହୁ ସଂଖ୍ୟାରେ ସ୍ଥାନୀୟ ଯୁବତୀ ଓ ଯୁବବର୍ଗ ଉପସ୍ଥିତ ଥିଲେ ।

## ଜବରଦସ୍ତ ସିନ୍ଦୂର ପିନ୍ଧାଇ ଯୁବକ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜଣେ ନାବାଳିକାଙ୍କୁ ବିବାହ କରିବା ପାଇଁ ପ୍ରସ୍ତାବ ଦେବା ପରେ ତାଙ୍କ ପରିବାର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲେ । ଏଥିରେ ଉତ୍‌କ୍ଷିପ୍ତ ହୋଇ ପ୍ରସ୍ତାବ ଦେଇଥିବା ଯୁବକ ଅପହରଣ କରି ନାବାଳିକାଙ୍କୁ ଜବରଦସ୍ତ ବିବାହ କରିବେ ବୋଲି ତାଙ୍କ ମା'ଙ୍କୁ ଧମକ ଦେଇଥିଲେ । ଧମକ ଅନୁଯାୟୀ ସେ ନାବାଳିକାଙ୍କୁ ଅପହରଣ କରିନେଇ ଜବରଦସ୍ତ ସିନ୍ଦୂର ପିନ୍ଧାଇ ଥିଲେ । ଏ ସମ୍ପର୍କରେ ତମାଣ୍ଡୋ ଥାନାରେ ନାବାଳିକାଙ୍କ ମା' ଅଭିଯୋଗ କରିବା ପରେ ପୋଲିସ ଜ୍ୟୋତି ଓରଫ ପଦ୍ମଲୋଚନ ମହାପାତ୍ର (୨୮)କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି । ପୀଡିତା ଯୁବତୀଙ୍କ ମା' ଭୁବନେଶ୍ୱରର ତମାଣ୍ଡୋ ଥାନା ଅଞ୍ଚଳରେ ଥିବା ଏକ ନିର୍ମାଣାଧୀନ ଆପାର୍ଟମେଣ୍ଟରେ ଶ୍ରମିକ ଭାବେ କାମ କରନ୍ତି । ଅଗଷ୍ଟ ୩୧ ତାରିଖରେ ପୀଡିତା ନାବାଳିକା ମା'ଙ୍କ ସହ ରହିବା ପାଇଁ ଭୁବନେଶ୍ୱର ଆସିଥିଲେ ।

## ଓଡ଼ିଶା ରିସର୍ଚ୍ଚ ସେଣ୍ଟର ଓ ଟିଆଇଏସଏସ ମୁମ୍ବାଇ ମଧ୍ୟରେ ଏମଓୟୁ ସ୍ୱାକ୍ଷର

# ସାମାଜିକ ଗବେଷଣାକୁ ପ୍ରୋତ୍ସାହନ ସହ ଓଡ଼ିଶାର ଭବିଷ୍ୟତ ପାଇଁ ମାର୍ଗ ଦେଖାଇବ : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ରିସର୍ଚ୍ଚ ସେଣ୍ଟର(ଓଆରଏସ), ଭୁବନେଶ୍ୱର ଏବଂ ଟାଟା ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସ(ଟିଆଇଏସଏସ), ମୁମ୍ବାଇ ମଧ୍ୟରେ ହୋଇଥିବା ବୁଝାମଣା ପତ୍ର(ଏମଓୟୁ) ସାମାଜିକ ଗବେଷଣାକୁ ପ୍ରୋତ୍ସାହନ ସହ ଓଡ଼ିଶାର ଭବିଷ୍ୟତ ଓ ଯୁବପିଢିର ଗବେଷଣା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ରବିବାର ଏହି ଏମଓୟୁ ସ୍ୱାକ୍ଷର ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନଙ୍କ ଉପସ୍ଥିତିରେ ଓଆରଏସ ଏବଂ ଟିଆଇଏସଏସ ମୁମ୍ବାଇ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା । ଶ୍ରୀ ପ୍ରଧାନ କହିଛନ୍ତି, ଏହା କେବଳ ଦୁଇଟି ଶିକ୍ଷାନୁଷ୍ଠାନ ମଧ୍ୟରେ ଚୁକ୍ତିନାମା ନୁହେଁ ବରଂ ଓଡ଼ିଶାର ଭବିଷ୍ୟତ ତଥା ଯୁବପିଢିର





ଗବେଷଣାକୁ ଆଗକୁ ନେବା ପାଇଁ ଏକ ମହତ୍ୱକାଂକ୍ଷୀ ଉଦ୍ୟମ । ଏହି ପଦକ୍ଷେପ ଓଡ଼ିଶାର ସାମାଜିକ ଗବେଷଣା ଏବଂ ବିକାଶ କ୍ଷେତ୍ରରେ ନୂଆ ଅଧ୍ୟାୟ ଆରମ୍ଭ କରିବ ।

ବର୍ତ୍ତମାନର ସମୟ ଆସିଛି, ଆମକୁ ବଡ଼ ସ୍ୱପ୍ନ ଦେଖିବା ପାଇଁ ପଡିବ । ଗବେଷଣା ମାଧ୍ୟମରେ ଓଡ଼ିଶାର ଥିବା ସବୁ ସମ୍ଭାବନାକୁ ଉପଯୋଗ କରିବା, ଏ ଦିଗରେ ଆଜିର ଏମଓୟୁ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ମତ ପ୍ରକାଶ କରିଥିଲେ ।

ଏହି ଏମଓୟୁ ସମାରୋହରେ ଓଡ଼ିଶାର ଉଚ୍ଚ ଶିକ୍ଷା, କ୍ରୀଡ଼ା ଏବଂ ଯୁବ ସେବା, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆଇଆଇଟି ଖଡଗପୁରର ନିର୍ଦ୍ଦେଶକ ପ୍ରଫେସର ସୁମନ ଚକ୍ରବର୍ତ୍ତୀ, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର, ଆଇସିଏସଏସଆରର ମେମ୍ବର ସେକ୍ରେଟେରୀ ପ୍ରଫେସର ଧନଞ୍ଜୟ ସିଂହ, ଟିଆଇଏସଏସର କୁଳପତି ପ୍ରଫେସର ବଦ୍ରି ନାରାୟଣ ତିୱାରୀ, ଓଡ଼ିଶା ରିସର୍ଚ୍ଚ ସେଣ୍ଟରର ନିର୍ଦ୍ଦେଶକ ପ୍ରଫେସର ଚଣ୍ଡି ପ୍ରସାଦ ନନ୍ଦ, ସିଏସଆଇଆର-ଆଇଏମଏମଟିର ନିର୍ଦ୍ଦେଶକ ଡକ୍ଟର ରାମାନୁଜ ନାରାୟଣ, ପ୍ରଫେସର କିଶୋର ବାଶା ଏବଂ ପରିଚାଳନା ପରିଷଦର ଅନ୍ୟାନ୍ୟ ସଦସ୍ୟଗଣ ପ୍ରମୁଖ ଉପସ୍ଥିତ ଥିଲେ ।

## ସେବାପକ୍ଷ ଉପଲକ୍ଷେ ରକ୍ତଦାନ ଶିବିର

କଟକ , (ଶବ୍ୟୁ):ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିନ ର (ସେବା ପକ୍ଷ ) ପାଳନ ଅବସରରେ ସଂସଦ ରତ୍ନ ଡ଼ଃ ଭର୍ତ୍ତୃହରି ମହତାବଙ୍କ ମାର୍ଗଦର୍ଶନରେ ଓ କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳଙ୍କ ପରାମର୍ଶ କ୍ରମେ କଟକ ଜିଲ୍ଲା କାଠଯୋଡ଼ି ମଣ୍ଡଳ ସଭାପତି ମନସ୍ୱିନୀ ଦୀକ୍ଷିତ ଙ୍କ ତତ୍ୱାବଧାନରେ ଏକ ରକ୍ତ ଦାନ ଶିବିର ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ରେ ହୋଇଥିଲା । ଏହି ରକ୍ତଦାନ ଶିବିର କୁ ରାଜ୍ୟର ଉପସଭାପତି ଡ଼ଃ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଙ୍କ କରକମଳ ରେ ଉଦ୍ଘାଟିତ କରାଯାଇଥିଲା ଉକ୍ତ ଦିବସ ଟି ଡ଼ଃ ଦିନଦୟାଲ ଉପାଧ୍ୟାୟଙ୍କ ୧୧୦ ତମ ଜୟନ୍ତୀ ହୋଇଥିବାରୁ ତାଙ୍କ ଫଟୋଚିତ୍ର ରେ ମାଲ୍ୟାର୍ପଣ କରିଥିଲେ ଓ ବହୁ କାର୍ଯ୍ୟକର୍ତ୍ତା ସ୍ୱଚ୍ଛାକୃତ ଭାବରେ ରକ୍ତଦାନ କରିଥିଲେ ।ଉକ୍ତ ଶିବିର ରେ ପୂର୍ବତନ କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ ଓ ଶାନ୍ତି କମିଟି ସଂପାଦକ ଭିକାରୀ ଦାସ,ବିଜେପି ନେତା ଶ୍ରୀ ତମ ଦାସ, ଚିତ୍ତରଞ୍ଜନ ବାରବାଟି ମଣ୍ଡଳ ସଭାପତି ଜୟ କୃଷ୍ଣ ସ୍ୱାଇଁ, ଶରତ ଭୋଳ,ସତ୍ୟବ୍ରତ ଦୀକ୍ଷିତ ଙ୍କ ସହିତ ବହୁ କର୍ମୀ ଉପସ୍ଥିତ ଥିଲେ ।

## ରାଧାନାଥ ଥିଲେ ଓଡ଼ିଆ କବିତାରେ ଆଧୁନିକ ଯୁଗର ସ୍ରଷ୍ଟା

# ବିଜେଡି ପାଳିଲା କବିବର ରାଧାନାଥଙ୍କ ଜୟନ୍ତୀ

ଭୁବନେଶ୍ୱର, (ସବ୍ୟୁ): କବିବର ରାଧାନାଥ ରାୟ ଙ୍କ ଜୟନ୍ତୀ ଓଡ଼ିଆ ଜାତି ର ଏକ ସାରସ୍ୱତ ପର୍ବ। ସେ ଓଡ଼ିଆ କବିତା ରେ ଆଧୁନିକତା ର ନୂଆ ଧାରା ର ପ୍ରବର୍ତ୍ତକ ।ତାଙ୍କର କାବ୍ୟ ସୃଷ୍ଟି ଓଡ଼ିଆ ସାହିତ୍ୟ କୁ ବିଶ୍ୱ ଦରବାର ରେ ପରିଚିତି ଦେଇଛି ବୋଲି ଆଜି ତାଙ୍କର ଜୟନ୍ତୀ ଉତ୍ସବ ରେ ଅତିଥି ମାନଙ୍କ ପକ୍ଷରୁ ସମୂହ ମତ ପ୍ରକାଶ ପାଇଛି। ରବିବାର ପୂର୍ବାହ୍ନ ସାଢ଼େ ଆଠଟା ସମୟ ରେ ପି. ଏମ.ଜି ଛକ ଠାରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳ ରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ତାଙ୍କର ଜୟନ୍ତୀ ଉତ୍ସବ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି। ସର୍ବ ପ୍ରଥମେ କବିବର ରାଧାନାଥ ଙ୍କ ଉପରେ ରଚିତ ସ୍ୱରଚିତ କବିତା ଆବୃତ୍ତି କରିଥିଲେ ଶିକ୍ଷାବିତ୍ କାମଦେବ ମହାପାତ୍ର। ଅନ୍ୟ ମାନଙ୍କ ମଧ୍ୟରେ ରଞ୍ଜନ କୁମାର ସାମନ୍ତରାୟ, ସମାଜସେବୀ ମନୋରଞ୍ଜନ ମହାନ୍ତି,ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ,ଦେବେନ୍ଦ୍ର ପ୍ରସାଦ ଜେନା, ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରି ଶେଷ ରେ ଅମିତ୍ ପାତାଳ ସିଂ ଧନ୍ୟବାଦ୍ ଅର୍ପଣ କରିଥିଲେ।



## କିଟ୍ ବିଶ୍ୱବିଦ୍ୟାଳୟର ୨୧ତମ ସମାବର୍ତ୍ତନ ସମାପନ

# ଛାତ୍ରଛାତ୍ରୀମାନେ ଦୟା, କରୁଣା ଓ ମାନବିକତାକୁ ଜୀବନର ମୂଳମନ୍ତ୍ର କରନ୍ତୁ

ଭୁବନେଶ୍ୱର, (ସବ୍ୟୁ): କିଟ୍ ବିଶ୍ୱବିଦ୍ୟାଳୟର ୨୧ତମ ସମାବର୍ତ୍ତନ ରବିବାର ସମାପନ ହୋଇଛି । ତିନିଦିନ ଧରି ଚାଲିଥିବା ଏହି ସମାବର୍ତ୍ତନ ଉତ୍ସବରେ ୧୯୫ଜଣ ଛାତ୍ରଛାତ୍ରୀଙ୍କୁ ପିଏଚ୍‌ଡି, ୨୦୩୪ଜଣଙ୍କୁ ସ୍ନାତକୋତ୍ତର, ୭୨୩୨ ଜଣଙ୍କୁ ସ୍ନାତକ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଶ୍ରୀଲଙ୍କାର ନୋବେଲ ପୁରସ୍କାର ବିଜେତା ପ୍ରଫେସର ମୋହନ ମୁନାସିଂଘେ, ଟ୍ୟୁନିସିଆର ନୋବେଲ ବିଜେତା ଓଉଇଦେଦ୍ ବୋଚାମାଓଇ, ୱକହର୍ଡ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଗ୍ଲୋବାଲ୍ ମାନବବାଦୀ ଓ ଶାନ୍ତି ପ୍ରବକ୍ତା ଡ ହୁଜେଫା ଖୋରାକିୱାଲା, କମ୍ପିଟିସନ ସକସେସ୍ ରିଭ୍ୟୁର ଅଧ୍ୟକ୍ଷ ତଥା ସଂପାଦକ ଏସ୍. କେ. ସଚଦେବା, ଗୁଏତମାଲା ଗଣରାଜ୍ୟ ସାଂସଦ ଡ ଫିଡେଲ ରାଏସ୍ ଲି, ଜର୍ମାନୀର ପ୍ରତ୍ନତାତ୍ତ୍ୱିକ ପାର୍କର ଅଧ୍ୟକ୍ଷ ତଥା ବିଶ୍ୱ ମାନବବାଦୀ ପ୍ରବକ୍ତା ନର୍ବର୍ଟ ସାଉର ଏବଂ ଲାଲଚନ୍ଦ ଗ୍ରୁପର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସଙ୍କୁ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା।





ସମାବର୍ତ୍ତନ ଉତ୍ସବର ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ ଛାତ୍ରଛାତ୍ରୀଙ୍କୁ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରି ଶ୍ରୀ ମୁନାସିଂଘେ କହିଲେ, ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ପୂର୍ବରୁ ନିଜ ମଧ୍ୟରେ ଶାନ୍ତି ଆଣିବାକୁ ଚେଷ୍ଟା କରିବା ଉଚିତ। ବିଶ୍ୱର ସ୍ଥାୟିତ୍ୱ ଓ ଶାନ୍ତି ପ୍ରତିଷ୍ଠା ହେଉଛି ପ୍ରମୁଖ ଆହ୍ୱାନ। ଦାରିଦ୍ର୍ୟ, ଅସମାନତା ଏବଂ ସମ୍ବଳ ଅଭାବ ଉପରେ ଆଲୋକପାତ କରି ସେ ଚେତାଇ ଦେଇ କହିଲେ, ବର୍ତ୍ତମାନ ସମୟରେ ମାନବବାଦ ପାଇଁ ପରିବେଶର ସୁରକ୍ଷା ତୁରନ୍ତ ଆବଶ୍ୟକ। ସଂପ୍ରତି ବିଶ୍ୱ ପାଇଁ ଯେତିକି ସମ୍ବଳର ଆବଶ୍ୟକତା ରହିଛି, ୨୦୩୦ ମସିହା ବେଳକୁ ଦୁଇଗୁଣା ହୋଇଯିବ। ଦ୍ୱିତୀୟ ଦିନରେ ଇଣ୍ଟରନ୍ୟାସ୍‌ନାଲ୍ କୋର୍ଟ ଅଫ୍ ଜଷ୍ଟିସ୍‌ର ବିଚାରପତି ଜଷ୍ଟିସ୍ ଅବଦୁଲକ୍ୱାଇ ଅହମ୍ମଦ ଇସୁଫ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ନାତକମାନଙ୍କୁ ବିଶ୍ୱ ଶାନ୍ତି ନିର୍ମାତା ଏବଂ ନ୍ୟାୟର ସ୍ୱର ଭାବରେ ସେମାନଙ୍କର ଭୂମିକା ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। ସେହିପରି ତୃତୀୟ ଦିନରେ ନୋବେଲ ବିଜେତା ଓଉଇଦେଦ୍ ବୋଚାମାଓଇ ଛାତ୍ରଛାତ୍ରୀଙ୍କୁ ଦୀକ୍ଷାନ୍ତ ଭାଷଣ ଦେଇ କହିଲେ, ଛାତ୍ରଛାତ୍ରୀମାନେ କିଟ୍ ବିଶ୍ୱବିଦ୍ୟାଳୟର ବିସ୍ତୃତ କ୍ୟାମ୍ପସରେ ଅଧ୍ୟୟନ କରି ବିଶ୍ୱ ନାଗରିକତାର ସ୍ୱପ୍ନ ଦେଖୁଛନ୍ତି। ଏଠାରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନେ ସେମାନଙ୍କ ଜୀବନରେ ଡ. ସାମନ୍ତଙ୍କ ଭଳି ଦୟା, କରୁଣା ଓ ମାନବିକତାକୁ ସେମାନଙ୍କ ମୂଳ ମନ୍ତ୍ର କରିବାକୁ ସେ ଆହ୍ୱାନ ଦେଇଥିଲେ।

ଶ୍ରୀ ସଚଦେବା କହିଲେ, କିଟ୍ ଓ କିସ୍ ହେଉଛି ଉତ୍କର୍ଷ ଶିକ୍ଷା ଓ ସମାଜସେବାର ଦୁଇଟି ସ୍ତମ୍ଭ। ଏହି ଅବସରରେ ପ୍ରତିଷ୍ଠାତା ଶ୍ରୀ ସାମନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମାବର୍ତ୍ତନରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦିତ କରିଥିବା ଦୁଇ ଛାତ୍ରଛାତ୍ରୀଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣପଦକ, କୁଳାଧିପତି ସ୍ୱର୍ଣ୍ଣ ପଦକ, ପିପିଏଲ୍ ସ୍ୱର୍ଣ୍ଣ ପଦକ, ପିକେ ବଳ ସ୍ମାରକୀ ସ୍ୱର୍ଣ୍ଣ ପଦକ, ନନିବାଳା ସ୍ମାରକୀ ସ୍ୱର୍ଣ୍ଣପଦକ, ଶ୍ରୀକୃଷ୍ଣଚନ୍ଦ୍ର ପଣ୍ଡା ସ୍ମାରକୀ ସ୍ୱର୍ଣ୍ଣ ପଦକ, ଡ ୱାଟି ପରମଗୁରୁ ସ୍ମାରକୀ ସ୍ୱର୍ଣ୍ଣ ପଦକ ଓ କୁଳପତି ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା, ଉପକୁଳାଧିପତି ପ୍ରଫେସର ଡା ସୁବ୍ରତ ଆଚାର୍ଯ୍ୟ, କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ରାଜୁ କେ ଡି ଓ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଦେବଯୁଗ ପରିବାର ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ଭୁବନେଶ୍ୱର, (ସବ୍ୟୁ): ପୂର୍ବାହ୍ନ ୧୧ଟାରେ କେଦାରଗୌରୀ ରିସର୍ଟ, ଲୁଇସ ରୋଡ୍, ଭୁବନେଶ୍ୱରରେ ଦେବଯୁଗ ପରିବାରର ସଂସ୍ଥାପକ ଦେବବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ଏକ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ, ଦେବବ୍ରତ ନାୟକଙ୍କର "ବ୍ରହ୍ମ ବିନ୍ଦୁ" ରକ୍ତଦାନର ନୂତନ ଉଦ୍ଭାବନୀୟ ପ୍ରୟାସକୁ ଉଦଘାଟନ କରିଥିଲେ। ପୂର୍ବତନ ବିଧାୟକ ସୁରେଶ ରାଉତରାଏ, ପୂର୍ବତନ ବିଜେପି ରାଜ୍ୟ ସଭାପତି ତଥା ଓଲିମ୍ପିକ୍ ସ୍ପୋର୍ଟସ୍ ପ୍ରେସିଡେଣ୍ଟ ସମୀର ମହାନ୍ତି ଏବଂ ସାଙ୍ଗ୍ରାମ କେଶରୀ ପାଇକରାୟ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଉତ୍ସବରେ ସରକାରୀ, ବେସରକାରୀ ଏବଂ ସ୍ଥାନୀୟ ସମୁଦାୟର ୪ର୍ଥ ଶ୍ରେଣୀ କର୍ମଚାରୀମାନେ ଓ ଅନ୍ୟନ୍ୟ ସେବା ଯୋଗାଉ ଥିବା ବ୍ୟକ୍ତି ବିଶେଷ ଯଥା — ବିଏମ୍‌ସି ସଫାଇ କର୍ମଚାରୀ, ଡାକବାଲା, ଖବର କାଗଜ ହକର, ଭଣ୍ଡାରୀ, ଇଲେକ୍ଟ୍ରିସିଟି କର୍ମଚାରୀ, ସେଲୁନ କର୍ମୀ, ପିଏଚ୍‌ଡି କର୍ମଚାରୀ, ଆଙ୍ଗନୱାଡ଼ି, ଆଶାକର୍ମୀ, ଦୁଧବାଲା, ଗ୍ୟାସ୍ ବିତରକ ସହିତ ସମାଜସେବୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଦେବଯୁଗ ପରିବାର ର ଏହି ମହାନ କାର୍ଯ୍ୟକୁ ସବୁ ସ୍ତରରେ ଅନେକ ପ୍ରଶଂସା କରାଯାଉଛି।



## ମା' ମୁଁ କଲେକ୍ଟର ହେବି ପୁସ୍ତକ ଦେଲା ପ୍ରେରଣା
# ବାପା ଦିନମଜୁରିଆ, ପୁଅ ପାଇଲେ ଓଏଏସ୍



ବାରିପଦା, (ସବ୍ୟୁ) : ବାପା ଦିନ ମଜୁରିଆ, ପୁଅ ହେଲେ ଓଏଏସ। ବାପା ଦିନମଜୁରୀଆ ଭାବେ ବିଲବାଡି ତଥା ଲୋକଙ୍କ ଘରେ କାମ କରି ଗୁଜୁରାଣ ମେଣ୍ଟାଉଥିବା ବେଳେ ପୁଅ ଆଜି ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ହାସଲ କରିଛନ୍ତି । ଭଙ୍ଗା ଦଦରା ଘରେ ବସିବା ପାଇଁ ଜାଗା ଟିକେ ନଥିବାବେଳେ ଏହି ଘରୁ ଜନ୍ମହୋଇ ଧୂଳି ମାଟିସହ ଲଢେଇ କରି ଆଜି ଓଏଏସ ପାଇଛନ୍ତି କୁଳିଅଣା ବ୍ଲକ ପାଣିଜିଆ ଗ୍ରାମର ସରୋଜ କୁମାର ନାଏକ। ସରୋଜ ପିଲାବେଳୁ ଜଣେ ମେଧାବୀ ଛାତ୍ର ରହିଆସିଥିଲା। ବେଳେ ମୟୂରଭଞ୍ଜ ଜିଲ୍ଲାର ପୂର୍ବତନ ଜିଲ୍ଲାପାଳ ରାଜେଶ ପ୍ରଭାକର ପାଟିଲଙ୍କୁ ଦେଖି ଏବଂ ତାଙ୍କ ରଚୟିତ ପୁସ୍ତକ ମା'-ମୁଁ-କଲେକ୍ଟର ହେବି ଦ୍ୱାରା ଅନୁପ୍ରାଣୀତ ହୋଇଥିଲେ ଏବଂ ସେହିଦିନ ଠାରୁ ଆରମ୍ଭ କରିଥିଲେ ପ୍ରୟାସ। ପରିବାରର ଆର୍ଥିକ ସ୍ଥିତି ଅତ୍ୟନ୍ତ ଦୁର୍ବଳ ରହିଥିବା କାରଣରୁ କୌଣସି କୋଚିଂ ନେଇନପାରି ୟୁଟୁବ୍ ଓ ଗୁଗୁଲ ସାହାଯ୍ୟରେ ସେ ଆଜି ସଫଳତା ପାଇଥିବା କହିଛନ୍ତି। ତେବେ ପ୍ରଥମ ପ୍ରୟାସରେ ବିଫଳ ହେବା ପରେ ଦ୍ୱିତୀୟ ପ୍ରୟାସରେ ସଫଳତା ପାଇ ସ୍ଥାନୀୟ ଅଞ୍ଚଳର ଏବଂ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ସରୋଜ।

# ୨୦ଲକ୍ଷ ଟଙ୍କାର ଜବତ ବାଣକୁ ନଷ୍ଟ କଲା ପୋଲିସ : ଦୁଇ ଗିରଫ

ଛତ୍ରପୁର, (ସବ୍ୟୁ): ବେଆଇନ ବାଣ ଜବତ ଘଟଣାରେ ଦୁଇ ଜଣକୁ ଗିରଫ କଲା ଛତ୍ରପୁର ପୁଲିସ । ଗିରଫ ଦୁଇ ଜଣ ହେଲେ ଛତ୍ରପୁରର ଅଶୋକ ସେନାପତି ଓ ରବିନ୍ଦ୍ର ସେନାପତି । ଜବତ ୨୦ ଲକ୍ଷ ବାଣକୁ ନଷ୍ଟ କରିଦିଆଯାଇଛି । ଆଇନଗତ ବ୍ୟବସ୍ଥାର କଡ଼ାକଡ଼ି ପାଳନ କରି ଏବଂ କୋର୍ଟଙ୍କ ଠାରୁ ଆବଶ୍ୟକୀୟ ନିର୍ଦ୍ଦେଶ ପାଇବା ପରେ ବୋମା ସ୍କ୍ୱାର୍ଡ, ମାଜିଷ୍ଟ୍ରେଟ, ଫାୟାର କର୍ମଚାରୀ, ଡାକ୍ତର ଏବଂ ପୁଲିସ କର୍ମଚାରୀଙ୍କ ଉପସ୍ଥିତରେ ପାଲୁର ନିକଟ ଫାୟାର ରେଞ୍ଜ ଜଙ୍ଗଲରେ ଜବତ ହୋଇଥିବା ବାଣକୁ ପୋଡି ତାହା ଉପରେ ପାଣି ପକାଇ ଖାଲ କରି ପୋତି ନଷ୍ଟ କରି ଦିଆଯାଇଛି । ଏଥିରେ ଛତ୍ରପୁର ଏସଡିପିଓ ଚନ୍ଦନ ଘଡେଇ, ମାଜିଷ୍ଟ୍ରେଟ ଭାବେ ଛତ୍ରପୁର ଅତିରିକ୍ତ ତହସିଲଦାର ମନୋଜ ପ୍ରଧାନ, ଥାନା ଅଧିକାରୀ ସବ୍ୟସାଚି ମଲ୍ଲ ଉପସ୍ଥିତ ଥିଲେ । ପୁଲିସ ପକ୍ଷରୁ ଦୁଇଟି ମାମଲା ରୁଜୁ ହୋଇଛି । ସୂଚନା ଥାଉକି ଗତକାଲି ଛତ୍ରପୁର ସହରର ଅଶୋକ ସେନାପତିଙ୍କ ଦୁଇଟି ଘରୁ ଓ ରବିନ୍ଦ୍ର ସେନାପତିଙ୍କ ଗୋଟିଏ ଘରେ ବେଆଇନ ଭାବେ ବାଣ ଗଛିତ ଥିବା ବେଳେ ପୁଲିସ କୌଣସି ପ୍ରକାରେ ସୂଚନା ପାଇଁ ଚଢାଉ କରିଥିଲା । ବିପୁଳ ପରିମାଣର ବାଣ ଜବତ ହୋଇଥିଲା । ତାହାକୁ ୭ ଟି ଗାଡ଼ିରେ ଥାନାକୁ ଆଣିଥିଲା ପୁଲିସ । ଦୁଇ ଜଣ ବ୍ୟକ୍ତିଙ୍କ ତିନୋଟି ଘରୁ ଆନୁମାନିକ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବେଆଇନ ଭାବେ ବାଣ ଜବତ କରିଥିଲା ପୁଲିସ । ଅଂଚଳରେ ଯେଉଁଠି ବି ବେଆଇନ ବାଣ ବିକ୍ରି ହେବ ତାହାକୁ ଧରାଯିବ ବୋଲି କୁହାଯାଇଛି । କିଛି ଦିନ ତଳେ ଛତ୍ରପୁର ପୋଲିସ ସୁନ୍ଦରପୁର ଅଂଚଳରେ ମଧ୍ୟ ୧୦ ଲକ୍ଷ ଟଙ୍କାର ବାଣ ଜବତ କରିଥିଲେ। ଗଞ୍ଜାମ ଏସପି ଙ୍କ ନିଦେଶ କ୍ରମେ ସମସ୍ତ ଥାନା ଅଧିକାରୀଙ୍କୁ ଯେଉଁଠି ବି ବେଆଇନ ବାଣ ରହିଥିବ ତାହାକୁ ଧରିବା ପାଇଁ ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।



# ବିନା ସୂଚନା ଫଳକରେ ଚାଲିଛି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପିଏଚୟୁ କାମ

ବୁଗୁଡ଼ା, (ସବ୍ୟୁ) : ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପିଏଚୟୁ କୋଠା ନିର୍ମାଣ କାର୍ଯ୍ୟ ବିନା ସୂଚନା ଫଳକରେ ଚାଲିଥିବା ବେଳେ ଗତ ଶୁକ୍ରବାର ସକାଳେ ହଠାତ ବଡ ଶବ୍ଦ ହୋଇ ଏକ କାନ୍ଥ ଭୁଷୁଡିବା ପରେ ତାହାକୁ ପାଲ ଘୋଡାଇ ମରାମତି କରାଯିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଉକ୍ତ ନୂତନ ପିଏଚୟୁ କୋଠା ନିର୍ମାଣ ପାଇଁ କେତେ ଟଙ୍କା ବ୍ୟୟ ବରାଦ କରାଯାଇଛି ଏବଂ ନିର୍ମାଣର ସମୟ ସୀମା କେଉଁ ପର୍ଯ୍ୟନ୍ତ ରହିଛି ତାହା ସର୍ବସାଧାରଣଙ୍କ ଅବଗତ ନିମନ୍ତେ ସୂଚନା ଫଳକରେ ଦର୍ଶାଇବାକୁ ପ୍ରଶାସନ ଭୁଲି ଯାଇଛି । ଏନେଇ ଜନସାଧାରଣ ଅନ୍ଧକାରରେ ରହିଥିବା ବେଳେ ସେମାନଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି । ବୁଗୁଡା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏହି ପିଏଚୟୁ ନୂତନ କୋଠା ନିର୍ମାଣ ପାଇଁ ଗତ ୧ ଏପ୍ରିଲ ୨୦୨୫ରେ ଶିଳାନ୍ୟାସ ହୋଇଥିବାର ଏକ ଫଳକ ଏକ କାନ୍ଥରେ ଲାଗିଥିବା ବେଳେ ଇତି ମଧ୍ୟରେ ପାଞ୍ଚ ମାସରୁ ଉର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇଯାଇଛି । ବିନା ସୂଚନା ଫଳକରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବା ଦିନଠୁ ହିଁ ନିର୍ମାଣକାରୀ ସଂସ୍ଥାର ଉଦ୍ଦେଶ୍ୟ ସନ୍ଦେହ ଘେରରେ ରହିଥିବା ବେଳେ ଏବେ ତାହା ପଦାରେ ପଡି ଯାଇଛି । ଏକ୍ଷେତ୍ରରେ ସ୍ଥାନୀୟ ପୂର୍ତ୍ତ ବିଭାଗର ଦାୟିତ୍ୱହୀନତାକୁ ମଧ୍ୟ ବିଭିନ୍ନ ମହଲରେ ଦାୟୀ କରାଯାଉଛି । ଏଣୁ, ଯାହା ହେବାର କଥା ତାହା ହୋଇ ଗଲାଣି, ଆଉ କାଳ ବିଳମ୍ବ ନକରି ଲୋକଙ୍କ ଅବଗତ ସକାଶେ ସୂଚନା ଫଳକ ମାରି କାର୍ଯ୍ୟ ଯଥାଶୀଘ୍ର ଶେଷ କରିବା ସହ ଲୋକସେବାରେ ବିନିଯୋଗ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ଅକ୍ଟୋବର ୧ ରୁ ୧୫ ଦିନିଆ ନାଟ୍ୟ କର୍ମଶାଳା

ବାରିପଦା, (ସବ୍ୟୁ) : ଓଡିଶା ସଂଗୀତ ନାଟକ ଏକାଡେମୀ ଓ ଓଡିଶା ନାଟ୍ୟ ସଂସ୍ଥା ଆନୁକୂଲ୍ୟରେ ବାରିପଦାରେ ୧୫ଦିନିଆ ଏକ କର୍ମଭିତ୍ତିକ ନାଟ୍ୟ କର୍ମଶାଳା ହେବାକୁ ଯାଉଅଛି । ଅକ୍ଟୋବର ୧ତାରିଖରୁ ୧୫ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଏହି କର୍ମଶାଳାର ନିର୍ଦ୍ଦେଶକ ଭାବେ ସଂଗୀତ ମହାବିଦ୍ୟାଳୟ, ଭୁବନେଶ୍ୱରର ପୂର୍ବତନ ଅଧ୍ୟକ୍ଷ ଡଃ ନବୀନ କୁମାର ପରିଡା କାର୍ଯ୍ୟଭାର ତୁଲାଇବେ ଓ ନାଟ୍ୟ ନିର୍ଦ୍ଦେଶକ ତଥା ଅଭିନେତା ଧୀର ବଶା ଏଥିରେ ସହଯୋଗ କରିବେ । ୧ ରୁ ୧୪ ତାରିଖ ପର୍ଯ୍ୟନ୍ତ ବାରିପଦା ଛଉ ନାଟ୍ୟ କେନ୍ଦ୍ରରେ କର୍ମଶାଳା ହେବ ଏବଂ ଭାଗ ନେଇଥିବା କଳାକାର ମାନଙ୍କ ଦ୍ୱାରା ୧୫ତାରିଖ ଦିନ ସହୀଦ ସ୍ମୃତି ଭବନରେ ଏକ ନାଟକ ପରିବେଷିତ ହେବ । ୧୬ ବର୍ଷରୁ ୪୦ ବର୍ଷ ବୟସର ଉଭୟ ପୁରୁଷ ଓ ମହିଳା ପ୍ରାର୍ଥୀ ଏଥିରେ ଅଂଶଗ୍ରହଣ କରିପାରିବେ ଓ ଇଚ୍ଛୁକ ପ୍ରାର୍ଥୀ ୩୦ତାରିଖ ମଧ୍ୟରେ ଧୀର ବଶା-୯୪୩୭୨୩୭୮୮୯, ଜ୍ଞାନରଞ୍ଜନ ପଣ୍ଡା- ୭୯୭୮୬୯୫୩୯୪, ମହେଶ ସାହୁ- ୯୭୭୩୭୭୮୭୭୦ ଙ୍କ ଦିଆଯାଇଥିବା ଏହି ମୋବାଇଲ ନମ୍ବରରେ ଅନ୍‌ଲାଇନ ପଞ୍ଜିକରଣ କରିପାରିବେ ।

# କୁଆଁର ପୁନେଇଁ ଜହ୍ନ ଲୋ-୨୦୨୫ ଜମିଲା ଗ୍ରାମୀଣ ମହିଳା କ୍ରୀଡାର ଅପୂର୍ବ ସମ୍ଭାର



ବ୍ରହ୍ମପୁର, (ସବ୍ୟୁ): ସଂସ୍କୃତି ପ୍ରେମୀ ଅତିଥି, ବହୁ ଗଣମାଧମ ବ୍ୟକ୍ତି ତଥା ଅଭିଜ୍ଞ ସମ୍ପନ୍ନ ବିଚାରକଙ୍କ ଗହଣରେ ଷୋଡ଼ଶ କୁଆଁର ପୁନେଇଁ ଜହ୍ନ ଲୋ କାର୍ଯ୍ୟକ୍ରମ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମରେ ପ୍ରତିଯୋଗିତା ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା କମିଶନର ଅଧକ୍ଷା ବବିତା ପାତ୍ର ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ସହ କାର୍ଯକ୍ରମ ଅଭୂତପୂର୍ବ ବୋଲି ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ରୂପେ ଡିସିଏର ସାଧାରଣ ସମ୍ପାଦକ କମେଶ୍ୱର୍‌ରେ ଯୋଗ ଦେଇଥିଲେ। କୁଆଁର ପୁନେଇଁ ଜହ୍ନ ଲୋ କାର୍ଯ୍ୟକ୍ରମର ସଭାନେତ୍ରୀ ତଥା ସୁଦୀପ୍ତା ପାଣିଗ୍ରାହୀଙ୍କ କୁଆଁର ପୁନେଇ ସଙ୍ଗୀତର ଧୁନର ତାଳେ ତାଳେ ସାତଗୋଟି ଗ୍ରାମୀଣ ମହିଳା କ୍ରୀଡ଼ାରେ ବ୍ରହ୍ମପୁର ଓ ଆଖପାଖରୁ ପ୍ରାୟ ତିନି ଶହ ଝିଅ ଅଂଶଗ୍ରହଣ କରିଥିଲେ। ଫାଉଣ୍ଡେସନର ପ୍ରତିଷ୍ଠାତା ମଧୁ ମାୟାଙ୍କ ଜ୍ୟେଷ୍ଠା କନ୍ୟା ମଞ୍ଜୁଶ୍ରୀ ବେବର୍ତ୍ତା ଉପସ୍ଥିତ ଥିଲେ। ମଧୁମାୟା ପାଣିଗ୍ରାହୀ ଫାଉଣ୍ଡେସନର ମୁଖ୍ୟ ଉପଦେଷ୍ଟା ହୃଷୀକେଶ ପାଣିଗ୍ରାହୀଙ୍କ ଆବାହକତ୍ୱରେ ଉତ୍ସବ କମିଟି ତ୍ରିପତି ବାଲାଜି ପାତ୍ର, ଡ ମିହିର କୁମାର ତ୍ରିପାଠୀ, ଡି.ସୋମେୟା, ସୁନିଲ ପଟ୍ଟନାୟକ, ଡ ସବ୍ୟସାଚୀ ରଥ, ଭବାନୀ ଶଙ୍କର ମହାପାତ୍ର, ଡ ବିଶ୍ୱନାଥ ପାଣିଗ୍ରାହୀ, ଶ୍ରୀକାନ୍ତ ପାଢ଼ୀ, ଭଗବାନ ମହାରଣା, ନଳିନୀକାନ୍ତ ଗୌଡ଼, ସୋନାଲି ପଣ୍ଡା, ଡ ପ୍ରବୀର ଦାଶ, ରବୀନ୍ଦ୍ର ଗୌଡ଼, ଧରିତ୍ରୀ ସାହୁ, କୃପାସିନ୍ଧୁ ସାହୁ, ସଂହିତା ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ସାହୁ, ବସନ୍ତ ସାହୁ, ଜିତୁନ ସାହୁ, ସୁଶାନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ମାଧବ ପାତ୍ର। ବିନାୟକ ହୋତା ମୁଖ୍ୟ ବିଚାରକ ରୂପେ ପରିଚାଳନା କରିଥିବାବେଳେ ଶରତ ମହାପାତ୍ର, ବାସନ୍ତୀ ପାତ୍ର, ମନୋରମା ମହାରଣା, ସୁଜାତା ରାଣୀ ବିଷୋୟୀ, ସୋନି ପଟ୍ଟନାୟକ, ରବୀନ୍ଦ୍ର ମହାରଣା, ବ୍ରଜ ଦାସ ପ୍ରମୁଖ ପରିଚାଳନା କରିଥିଲେ ।

# ଡ୍ରିମ୍‌ସରେ ବିଶ୍ୱ ପର୍ଯ୍ୟଟନ ଦିବସ
# ପର୍ଯ୍ୟଟନ ଶିଳ୍ପର ବିକାଶରେ ହୋଟେଲ ମ୍ୟାନେମେଣ୍ଟ ଛାତ୍ରଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




କଟକ, (ସ୍ୱପ୍ର) : ଡ୍ରିମ୍‌ସ ସ୍କୁଲ ଅଫ ହୋଟେଲ ମ୍ୟାନେଜେମେଣ୍ଟ ଆନୁକୂଲ୍ୟରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଅଭାସି ମାଧ୍ୟମରେ କାର୍ଯ୍ୟକ୍ରମ ଉଦଘାଟନ କରି କହିଲେ ପର୍ଯ୍ୟଟନ ଶିଳ୍ପ ଦ୍ୱାରା ଦେଶର ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ଅଭିବୃଦ୍ଧି ଘଟିଥାଏ । ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଓଡିଶା ଗୌରବମୟ ସ୍ଥାନ ଅଧିକାର କରିଥିବାବେଳେ ଏହାକୁ ଆଗକୁ ନେବାରେ ହୋଟେଲ ମ୍ୟାନେମେଣ୍ଟ ଛାତ୍ରଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଉଲ୍ଲେଖ କରିଥିଲେ । ଏହି ଅବସରରେ ପର୍ଯ୍ୟଟନ ଦିବସର ମହତ୍ତ୍ୱ ସଂପର୍କରେ ଜନ ସଚେତନତା ସୃଷ୍ଟି ଲାଗି ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକାଙ୍କର ପଦଯାତ୍ରା କ୍ୟାମ୍ପସ ପରିକ୍ରମା କରିଥିଲା । ଶିକ୍ଷାନୁଷ୍ଠାନର ଡିନ୍ ବିକାଶ କୃଷ୍ଣ ଦାସଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଓ ଅଧ୍ୟାପକ, ଅଧ୍ୟାପିକା ଅଂଶ ଗ୍ରହଣ କରିଥିଲେ । ଅଧ୍ୟାପକ ଆୟୁଷ ଜେନା, ଉତ୍କଳ ଜେନା, ସ୍ମୃତି ସେନାପତି, ସର୍‌ଫର୍ଜ କାଦ୍ରୀ, ଦେବୀପ୍ରିୟା ସାମଲ, ଖଗେଶ୍ୱର ସାହୁ, ସଂଘମିତ୍ରା ଦାଶ, ଲକ୍ଷ୍ମୀକାନ୍ତ ସେଠୀ ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

# ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ତେଲୁଗୁ ସମ୍ପ୍ରଦାୟର ମହିଳାମାନେ କରିଥାନ୍ତି କୁମ୍ କୁମ୍ ପୂଜା



ଛତ୍ରପୁର, (ସବ୍ୟୁ) : ନବରାତ୍ର ପୂଜା ଉପଲକ୍ଷେ ଛତ୍ରପୁରରେ ଆୟୋଜିତ ହୋଇଛି କୁମ କୁମ ପୂଜା । ତେଲୁଗୁ ସଂମ୍ପ୍ରଦାୟର ନିଅରା ସଂସ୍କୃତି ଓ ପରମ୍ପରା ହେଉଛି ଏହି କୁମ କୁମ ପୂଜା। ତେଲୁଗୁ ମହିଳାମାନେ ନବରାତ୍ର ସମୟରେ ଏହି ପୂଜା କରିଥାନ୍ତି । ଆଉ ଏହି ସଂସ୍କୃତି ଓ ପରମ୍ପରା ଅନୁସାରେ ମହିଳାମାନେ ଏକାଠି ହୋଇ ଏହି କୁମ କୁମ ବ୍ରତ ପାଳିଥାନ୍ତି । ସ୍ୱାମୀର ଦୀଘାୟୁ କାମନା ଓ ପରିବାର ମଙ୍ଗଳକାମନା ସକାଶେ ମହିଳା ମାନେ ଏହି ପୂଜା କରିଥାନ୍ତି । ଛତ୍ରପୁର ସ୍ଥିତ ମା' ରାମାୟାଣାମା ଠାକୁରାଣି ମନ୍ଦିର ପରିସରରେ ତେଲୁଗୁ ସମ୍ପ୍ରଦାୟର ମହିଳା ଏକାଠି ହୋଇ ଏହି ବ୍ରତ ପାଳନ କରିଥିଲେ। ଦୁଇ ଦିନ ଧରି ଚାଲିଥିବା ଏହି ପୂଜାରେ ଛତ୍ରପୁର ସହରର ପ୍ରାୟ ଦୁଇ ଶହ ଉର୍ଦ୍ଧ୍ୱ ତେଲୁଗୁ ସମ୍ପ୍ରଦାୟର ମହିଳାମାନେ ଏହି କୁମକୁମ ପୂଜା ପାଳନ କରିଥିବାର ଦେଖିବାକୁ ମିଳିଛି । ଏହି ଭିନ୍ନ ଏକ ଆକର୍ଷଣ ପୂଜା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା ହୋଇଥିଲା । ମନ୍ଦିର କମିଟି ସଭାପତି ଭି. ତ୍ରିନାଥ ରାଓ, ସମ୍ପାଦକ ବି. ଶ୍ରୀନିବାସ ରାଓ, କେ. ଚନ୍ଦ୍ର ଶେଖର ରେଡି, ସମରେନ୍ଦ୍ର ସେନାପତି, କେ. ରାମ ବାବୁ, ଏନ. ପ୍ରଭାକର ରାଓ, ଚିନ୍ନା ବାବୁଙ୍କ ସମେତ ତେଲୁଗୁ ସମ୍ପ୍ରଦାୟର ମହିଳା ମଣ୍ଡଳୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା ଓ ସହଯୋଗ କରିଥିଲେ ।

# ମରଣଯନ୍ତା ପାଲଟିଛି ବୁଗୁଡା-ବେତାରସିଂ ରାସ୍ତା, ପ୍ରତିକାର ଦାବି

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ବ୍ଲକର ବିଭିନ୍ନ ଗ୍ରାମକୁ ଯାତାୟତ ନିମନ୍ତେ ଉଦ୍ଦିଷ୍ଟ ବୁଗୁଡା-ବେତାରସିଂ ରାସ୍ତାର ଅବସ୍ଥା ଶୋଚନୀୟ ହୋଇଥିବା ବେଳେ ତାହା ଏବେ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି। ସେହି ରାସ୍ତାଟି ଅନେକ ଛୋଟ ବଡ ଖାଲଖମାରେ ପରିପୂର୍ଣ୍ଣ ଯୋଗୁଁ ଲୋକଙ୍କ ଯାତାୟାତରେ ନାହିଁ ନଥିବା ଅସୁବିଧା ହେଉଛି। ବର୍ଷା କାଳରେ ମାଳମାଳ ଜଳପୂର୍ଣ୍ଣ ଖାଲଖମା କାରଣରୁ ଅନେକ ଦୁର୍ଘଟଣା ମଧ୍ୟ ଘଟୁଛି। ଯାତାୟତ ପାଇଁ ସେହି ରାସ୍ତା ଉପରେ ବିଶେଷ କରି ଗୋଳାବନ୍ଧ ପଞ୍ଚାୟତର ଅନେକ ଗ୍ରାମର ଅଧିବାସୀଙ୍କ ସମେତ ସ୍କୁଲ ଓ କଲେଜ ପଢୁଆ ଛାତ୍ରଛାତ୍ରୀ ନିର୍ଭର କରୁଥିବା ବେଳେ ତାହା ସେମାନଙ୍କ ସକାଶେ ମରଣଯନ୍ତା ପାଲଟିଛି। ତେବେ ଏହି ରାସ୍ତାର ଦୂରାବସ୍ଥା ସ୍ଥାନୀୟ ପ୍ରଶାସନ ଏବଂ ଜନପ୍ରତିନିଧିଙ୍କ ଦୃଷ୍ଟିଆଢୁଆଳରେ ରହି ଯାଇଥିବାରୁ ସାଧାରଣରେ ପ୍ରବଳ ଅସନ୍ତୋଷ ଦେଖା ଦେଇଛି। ଏହି ବିପଦଜ୍ଜନକ ରାସ୍ତାର ଦୂରାବସ୍ଥା ପାଇଁ ଏକ ଠିକା ସଂସ୍ଥାର ମାଳମାଳ ଭାରିଯାନ ଚଳାଚଳ ଦାୟୀ ବୋଲି ସାଧାରଣରେ ଆଲୋଚନା ହେଉଥିଲେ ହେଁ ଏହାର କୌଣସି ପ୍ରତିକାର ହୋଇପାରୁନଥିବା ଅଭିଯୋଗ ହେଉଛି। ସ୍ଥାନୀୟ ପ୍ରଶାସନିକ ଉଦାସୀନତାର କୁଫଳ ସାଧାରଣ ଜନତା ଭୋଗୁଛନ୍ତି । ତେବେ ଲୋକଙ୍କ ହିତକୁ ପ୍ରାଥମିକତା ଦେଇ ଯଥାଶୀଘ୍ର ଉକ୍ତ ରାସ୍ତାର ମରାମତି ଦିଗରେ ପଦକ୍ଷେପ ଗ୍ରହଣ କରିବା ସକାଶେ ପ୍ରଶାସନିକ ଉଚ୍ଚ କର୍ତ୍ତୃପକ୍ଷ ଏବଂ ଅଞ୍ଚଳର ନାମକରା ମନ୍ତ୍ରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଜୁଆ ଆଡ୍ଡାରେ ଚଢାଉ ୬ ଜୁଆଡି ଗିରଫ

ବୁଗୁଡା, (ସବ୍ୟୁ): ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ବାଲିପଦର ଗ୍ରାମର ପଣ୍ଡା ସାହି କୋଠଘର ସମ୍ମୁଖରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ରବିବାର ସନ୍ଧ୍ୟାରେ ପୋଲିସ ଅଚାନକ ଚଢାଉ କରି ୬ ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହ ସେଠାରୁ ୬୮୯୦ ଟଙ୍କା ଓ ତାସ ଜବତ କରିଥିବା ଜଣାଯାଇଛି। ଏନେଇ କେସ୍ ନଂ ୬୦୮/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ଠାରୁ ପ୍ରକାଶ ପାଇଛି। ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡିଙ୍କ ନେତୃତ୍ୱରେ ପୋଲିସ ଦଳ ଏହି ଚଢାଉ କାର୍ଯ୍ୟ ହୋଇଥିଲା।

# ପ୍ରଧାନଶିକ୍ଷୟିତ୍ରୀ ଚନ୍ଦ୍ରମଣି ମିଶ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା




ବାରିପଦା, (ସବ୍ୟୁ) : ଶିକ୍ଷକ ହିଁ ଛାତ୍ର ମାନଙ୍କର ମାର୍ଗଦର୍ଶକ। ଶିକ୍ଷକର ଆଚରଣ ଓ ଉଚ୍ଚାରଣ ଛାତ୍ରଛାତ୍ରୀଙ୍କ ମନରେ ଗଭୀର ପ୍ରଭାବ ପକାଇଥାଏ। ମଣିଷ ଶିଶୁକୁ ବୌଦ୍ଧିକ ଜ୍ଞାନ ପ୍ରଦାନ କରି ଭବିଷ୍ୟତରେ ଏକ ସୁନାଗରିକ କରି ଗଢି ତୋଳିବା ଶିକ୍ଷାର ମହତ୍ ଉଦ୍ଦେଶ୍ୟ ବୋଲି ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧିନରେ ଥିବା ନହରପଦା ଆଞ୍ଚଳିକ ସାଧନକେନ୍ଦ୍ର ତରଫରୁ ଢିପାସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ପ୍ରଧାନଶିକ୍ଷୟିତ୍ରୀ ଚନ୍ଦ୍ରମଣି ମିଶ୍ରଙ୍କ ଉପଲ୍ଲକ୍ଷେ ଏକ ଅବସର କାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ବାରିପଦା ବ୍ଲକର ଶିକ୍ଷକ ସଂଗଠନର ସମ୍ପାଦକ ସିଦ୍ଧେଶ୍ୱର ମିଶ୍ରଙ୍କ ସଭାପତିତ୍ୱରେ ଏକ ଭବ୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ବିଆରସିସି ତପସ୍ୱିନୀ ଦାଶ ମୁଖ୍ୟଅତିଥି, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ ବ୍ରଜମୋହନ ମୁର୍ମୁ ମୁଖ୍ୟବକ୍ତା, ଶିକ୍ଷକ ସଂଗଠନର ସଭାପତି ପ୍ରଦୀପ କୁମାର ନାଥ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଡଃ ଅସୀମ କୁମାର ଚକ୍ରବର୍ତ୍ତୀ, ଅବସର ପ୍ରାପ୍ତ ବରିଷ୍ଠ ଶିକ୍ଷକ ବଳରାମ ନାଥ, ସମ୍ମାନିତ ଅତିଥି ଏବଂ ପୂର୍ବତନ ପ୍ରଧାନ ଶିକ୍ଷକ ମିନାରାଣୀ ମିଶ୍ର, ସରୋଜ ବାସିନୀ ପଟ୍ଟନାୟକ, କମଳ ଲୋଚନ ମହାକୁଡ, ଶିକ୍ଷକ ଗୋପାଳ ଚନ୍ଦ୍ର ଲେଙ୍କା ପ୍ରମୁଖ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇ ଶ୍ରୀମତୀ ମିଶ୍ରଙ୍କ ସମୟାନୁବର୍ତ୍ତିତା, ସ୍ନେହଶିଳ ଉଚ୍ଚାରଣ ଓ ଛାତ୍ରଛାତ୍ରୀଙ୍କ ପ୍ରତି ଉତ୍ତମ ବ୍ୟବହାର ପାଇଁ ସେ ସମସ୍ତଙ୍କର ଶ୍ରଦ୍ଧା ଭାଜନ ହୋଇପାରିଛନ୍ତି ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ନହରପଦା କ୍ଲଷ୍ଟର ସିଆରସିସି କନକଲତା ମାଝି ପ୍ରଥମେ ସ୍ୱାଗତ ଭାଷଣ ଦେଇ ଶିକ୍ଷାର ମହତ୍ ଉଦ୍ଦେଶ୍ୟକୁ ଚରିତାର୍ଥ କରିବାପାଇଁ ଶ୍ରୀମତୀ ମିଶ୍ର ଯଥାସାଧ୍ୟ ଉଦ୍ୟମ କରି ଆମ କ୍ଲଷ୍ଟର ଜଣେ ଆଦର୍ଶ ସ୍ଥାନୀୟ ଶିକ୍ଷୟିତୀ ହୋଇପାରିଛନ୍ତି ବୋଲି ମତପ୍ରକାଶ କରି ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ଏହି ଅବସରରେ ଶ୍ରୀମତୀ ମିଶ୍ରଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ବିଭିନ୍ନ ପ୍ରକାର ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଶାନ୍ତିଲତା ମହାପାତ୍ର, ଷ୍ଟେସନ ବଜାର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମମତା ଦାଶ, ଶ୍ରୀପଦଗଞ୍ଜ ପ୍ରାଥମିକ ବିଦ୍ୟାଳୟର ପାର୍ବତୀ ଦେ, ଲଲାଟକିଶୋର ସି, ଶରତ ଚନ୍ଦ୍ର ସରକାରୀ ବିଦ୍ୟାଳୟର ସନ୍ଧ୍ୟାରାଣୀ ମହାପାତ୍ର ତଥା ଢିପାସାହି ବିଦ୍ୟାଳୟ ପରିଚାଳନା ସମିତିର ସଭାପତି କିରଣ ସାହୁ ପ୍ରମୁଖ ଶ୍ରୀମତୀ ମିଶ୍ରଙ୍କ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସଭାରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସହକାରୀ ଚନ୍ଦ୍ର ଶେଖର ମିଶ୍ର, ଭୀମ ଚରଣ ମହାନ୍ତ, ଯତିନ୍ଦ୍ର କୁମାର ସାହୁ, ସମିତ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିବା ବେଳେ ବଳାଙ୍ଗୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ମନୋଜ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ କର୍ମକର୍ତ୍ତା ବିଦ୍ୟାଳୟ ପୂର୍ବତନ ଛାତ୍ରଛାତ୍ରୀ ତଥା କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।



# ସାର୍ବଜନୀନ ଦୁର୍ଗାପୂଜା ଆରମ୍ଭ: ବଜାର ଅଞ୍ଚଳ ଉତ୍ସବ ମୁଖର



ଚଣ୍ଡିଖୋଲ, (ସବ୍ୟୁ): ଯାଜପୁର ଜିଲ୍ଲାର ମୁଖ୍ୟ ବ୍ୟବସାୟିକ ସ୍ଥଳ ଚଣ୍ଡିଖୋଲ ଠାରେ ୪୦ତମ ଶାରଦୀୟ ଦୁର୍ଗାପୂଜା ଆରମ୍ଭ ହୋଇଛି । ଚଣ୍ଡିଖୋଲ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଏଥିନେଇ ବ୍ୟାପକ ପ୍ରସ୍ତୁତି ସାଙ୍ଗକୁ ସମଗ୍ର ବଜାର ଅଞ୍ଚଳକୁ ଆଲୋକ ମାଳାରେ ସଜ୍ଜିତ କରାଯିବା ସହ ମଙ୍ଗଳବାଦ୍ୟ, ଆତସବାଜି ଓ ବ୍ୟାପକ ସାଜସଜ୍ଜା କରାଯାଇଛି । ମା'ଙ୍କ ମଣ୍ଡପ ସମ୍ମୁଖରେ ବିରାଟ ତୋରଣ ନିର୍ମାଣ ହେବାସହ ସମ୍ପୂର୍ଣ୍ଣ ଆଧାତ୍ମିକ ରିତିନିତି ଅନୁଯାଇ ରବିବାର ଦିନ ମା'ଙ୍କ ଆରାଧନା ପାଇଁ ପବିତ୍ରିଲ ବରଣ ଓ ପରେପରେ କଳସ ଯାତ୍ରା ସମ୍ପର୍ଣ୍ଣ କରାଯାଇଥିଲା । ମା'ଙ୍କ ପୂଜାପାଇଁ ସମସ୍ତେ ପୂର୍ଣ୍ଣ ସୂଚିବନ୍ତ ରହିବା ସହ ଆମିଷ ଭକ୍ଷଣରୁ ନିବୃତ୍ତ ରହିବା ପାଇଁ ପୂଜା କମିଟି ପକ୍ଷରୁ ସମସ୍ତଙ୍କୁ ନିବେଦନ କରାଯାଇଛି । ପୂଜା କମିଟି ସଭାପତି ବିଭୂତିଭୂଷଣ ଜେନା, ସମ୍ପାଦକ ଅକ୍ଷୟକୁମାର ସ୍ୱାଇଁ, ଉପ ସଭାପତି ସଂଜୟ ସ୍ୱାଇଁ, ପ୍ରଶାନ୍ତକୁମାର ଜେନା, ବରିଷ୍ଠ ସଭ୍ୟ ଶୈଳେନ୍ଦ୍ର ନାୟକ, ରାମଚନ୍ଦ୍ର ସେନାପତି, ସମରେନ୍ଦ୍ର ମାହାଲା, ଅଟଳ ଜେନା, ଅଶୋକକୁମାର ସାହୁଙ୍କ ସହ କମିଟିର ସମସ୍ତ ସଦସ୍ୟ ମା'ଙ୍କ ପୂଜାକୁ କିପରି ଶୃଙ୍ଖଳିତ ଭାବେ ସମ୍ପର୍ଣ୍ଣ କରାଯିବ ସେଥିନେଇ ଉଦ୍ୟମ ଯାରୀ ରଖିଛନ୍ତି ।

ବଡଚଣା ଥାନା ଓ ଚଣ୍ଡିଖୋଲ ଫାଣ୍ଡି ପୋଲିସ ପକ୍ଷରୁ ପୂଜା ଅଞ୍ଚଳରେ ଜନ ଗହଳିକୁ ଦୃଷ୍ଟିରେ ରଖି ଶାନ୍ତି ଶୃଙ୍ଖଳା ରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ପ୍ରତି ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛ । ସମ୍ରାଟ ଲଳିତେନ୍ଦୁ ବିଶ୍ୱାଳ ସସ୍ତ୍ରୀକ କର୍ତ୍ତା ଭାବେ ପୂଜାନିତି ସମ୍ପର୍ଣ୍ଣ କରୁଥିବା ବେଳେ ଶତାଧିକ ସଦସ୍ୟ ଓ ବହୁ ଶ୍ରଦ୍ଧାଳୁ ପୂଜା ମଣ୍ଡପରେ ଉପସ୍ଥିତ ଥିବା ଦେଖାଯାଉଛ । ଆରମ୍ଭରୁ ଏଠାରେ ପ୍ରବଳ ଜନଗହଳି ପରିଲକ୍ଷିତ ହୋଇଛି ।

# କାନ୍ଥ ଭୁଶୁଡ଼ି ଭିନ୍ନକ୍ଷମ ମହିଳା ଗୁରୁତର : ଅଳ୍ପକେ ବର୍ତିଲେ ଝିଅ

ଚଣ୍ଡିଖୋଲ ,(ସବ୍ୟୁ): ଶନିବାର ବିଳମ୍ବିତ ରାତିରେ ଯାଜପୁର ଜିଲ୍ଲାର ବଡଚଣା ବ୍ଲକ ଅନ୍ତର୍ଗତ ଅରଖପୁର ପଞ୍ଚାୟତର ହରିଚନ୍ଦନପୁର ଗ୍ରାମରେ ମାଟି କାନ୍ଥ ଭୁଶୁଡ଼ି ପଡ଼ିବା ଫଳରେ ମାଆ ଗୁରୁତର ଆହତ ହୋଇଥିବା ବେଳେ ଅଳ୍ପକେ ରକ୍ଷା ପାଇଛି ଝିଅ। ହରିଚନ୍ଦନପୁର ଗ୍ରାମର ଗୌରାଙ୍ଗ ଦାସଙ୍କ ପତ୍ନୀ ନୟନା ଦାସ,(୪୨) ଓ ତାଙ୍କ ଝିଅ ନିଜ ଘରେ ଶୋଇଥିବା ବେଳେ ରାତିଯାକ ଲଗାଣ ବର୍ଷା ହେବା ଯୋଗୁଁ ତାଙ୍କ ଘର କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଫଳରେ ନୟନାଙ୍କ ଗୋଟିଏ ଗୋଡ ଭାଙ୍ଗି ଯାଇଥିଲା। ମାତ୍ର ପାଖରେ ଶୋଇ ଥିବା ଝିଅଟିର କୌଣସି କ୍ଷତି ନହୋଇ ସେ ଅଳ୍ପକେ ର୍ତି ଯାଇଥିଲେ।ଗୁରୁତର ନୟନାକୁ ବଡଚଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା।ସେଠାରେ ତାଙ୍କର ଚିକିତ୍ସା ଚାଲୁଛି। ସରକାରଙ୍କ ପକ୍ଷରୁ ଅନ୍ତୋଦୟ ଯୋଜନାରେ ଗୌରାଙ୍ଗ ପାଇଥିବା ଆବାସ ଗୃହ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ରହିଛି। ଗୌରାଙ୍ଗ ଜଣେ ଦିନ ମଜୁରୀଆ ହୋଇଥିବାରୁ ତାଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଗ୍ରାମବାସୀ ଦାବୀ କରିଛନ୍ତି।ଗୌରାଙ୍ଗ ଜଣେ ମାନସିକ ବିକାର ଗ୍ରସ୍ତ ହୋଇଥିବା ବେଳେ ତାଙ୍କ ସ୍ତ୍ରୀ ନୟନା ଜଣେ ଶାରିରୀକ ଅକ୍ଷମ ମହିଳା। ସେ ଅତି ଗରିବ ହୋଇଥିବାରୁ ସେମାନଙ୍କୁ ସରକାରୀ ସାହାଯ୍ୟ ଓ ଚିକିତ୍ସା ଖର୍ଚ୍ଚ ଯୋଗାଇ ଦେବାକୁ ଦାବି ହୋଇଛି ।

# ଧର୍ମଶାଳା ବିଧାୟକଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା



ଧର୍ମଶାଳା, (ସବ୍ୟୁ): ଧର୍ମଶାଳା ନିର୍ବାଚନମଣ୍ଡଳୀର ସୁହୁରିଆ ପଞ୍ଚାୟତରେ ଧର୍ମଶାଳା ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ସୁହୁରିଆ ସରପଞ୍ଚ ନିର୍ମଳ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟକ ଶ୍ରୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଜେପି ଜିଲ୍ଲା ସଭାପତି ଦେବଜାନୀ ପ୍ରଧାନ, ବିଜେପି ନେତା ସର୍ବେଶ୍ୱର ବେହୁରା ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ । ଏଥିରେ ଯୁବ ସଙ୍ଗଠକ ସ୍ୱାଗତ ଦାସ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିବା ବେଳେ ୧୪ନମ୍ବର ଜୋନ ମଣ୍ଡଳ ସଭାପତି ଦେବଦତ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଜେଡି ସରକାର ସମୟରେ ପଞ୍ଚାୟତ ବାସୀ ବିଭିନ୍ନ ସରକାରୀ ଯୋଜନାରୁ ବଂଚିତ ହୋଇଥିବା ବେଳେ ବର୍ତମାନର ବିଧାୟକ ସରକାର ଙ୍କ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ଓ ଯୋଜନା ପହଂଚାଇ ପାରିଥିବାରୁ ତାଙ୍କ କାର୍ଯ୍ୟ ଦକ୍ଷତା ଦେଖି ଶହ ଶହ ପୁରୁଷ ଓ ମହିଳା କର୍ମୀ ନିର୍ବାଚନର ୧୫ମାସ ପରେ ମଧ ବିଧାୟକଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଥିଲେ ।

ସମସ୍ତଙ୍କୁ ସରକାରଙ୍କ ଦ୍ୱାରା ପକ୍କା ଘର ଯୋଗାଇ ଦିଆଯିବା ସହ ପଞ୍ଚାୟତର ମାନଚିତ୍ର ସମ୍ପୂର୍ଣ୍ଣ ରୂପେ ବଦଳାଇ ଦିଆଯିବ ବୋଲି ବିଧାୟକ ଶ୍ରୀ ସାହୁ ଉପସ୍ଥିତ ପଞ୍ଚାୟତବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସଭା ସରିବା ପରେ ବିଧାୟକ ଶ୍ରୀ ସାହୁ ନିକଟସ୍ଥ ସବର ସାହିରେ ପହଁଚି ସାହି ଲୋକଙ୍କ ସମସ୍ୟା ପଚାରି ବୁଝିବା ସହ ଏହାର ସମାଧାନ ଦିଗରେ ପଦକ୍ଷେପ ନେଇଥିବା ଦେଖିବାକୁ ମିଳିଥିଲା । ଅୟୋଜିତ ସମସ୍ତ କାର୍ଯ୍ୟକ୍ରମକୁ ସମିତିସଭ୍ୟ ନିତ୍ୟାନନ୍ଦ ବିଶ୍ୱାଳ, ସ୍ୱାଗତ ଦାସ, ସପ୍ତସାଗର ଦାସ, ଇନ୍ଦ୍ରଜିତ ବେହେରା, ପ୍ରଦୀପ ସାହୁ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ ।

# ଶୃଙ୍ଖଳାର ସହ ଓଟିଇଟି ପରୀକ୍ଷା ଶେଷ

ଯାଜପୁରସଦର, (ସବ୍ୟୁ): ମାଧ୍ୟମିକ ଶିକ୍ଷା ପରିଷଦ ଓଡିଶା, କଟକଙ୍କ ଦ୍ୱାରା ଆୟୋଜିତ ସ୍ପେସାଲ୍ ଓଡିଶା ଟିଚର ଏଲିଜିବିଲିଟି ଟେଷ୍ଟ (ଓଟିଇଟି ପରୀକ୍ଷା) ୨୦୨୫ ଯାଜପୁର ଜିଲାର ୮ଟି ପରୀକ୍ଷା କେନ୍ଦ୍ରରେ ଶୃଙ୍ଖଳାର ସହ ସମାପ୍ତ ହୋଇଛି । ଯାଜପୁର ମ୍ୟୁନିସପାଲିଟି ଅନ୍ତର୍ଗତ ଜିଲା ସ୍କୁଲ୍, ବିରଜା ହାଇସ୍କୁଲ, ମ୍ୟୁନିସପାଲ ହାଇସ୍କୁଲ୍, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବୈଷ୍ଣବ ଦତ ହାଇସ୍କୁଲ, ହରିସାମନ୍ତ ହାଇସ୍କୁଲ୍, ସରସ୍ୱତି ଶିଶୁ ବିଦ୍ୟା ମନ୍ଦିର ଓ ଉପେନ୍ଦ୍ର କୁମାର ହାଇସ୍କୁଲରେ ପରୀକ୍ଷା କେନ୍ଦ୍ର ମାନ ହୋଇଥିଲା । ଉଚ୍ଚ ବିଦ୍ୟାଳୟ ଗୁଡିକ ମଧ୍ୟରୁ କେବଳ ୪ଟି ପରୀକ୍ଷା କେନ୍ଦ୍ରରେ ପ୍ରଥମ ସିଟିଂ ରେ ପ୍ରଥମ ପତ୍ର ଅନୁଷ୍ଠିତ ହୋଇଥିଲା ବେଳେ ସମସ୍ତ ୮ଟି ପରୀକ୍ଷା କେନ୍ଦ୍ରରେ ୨ୟ ସିଟିଂରେ ୨ୟ ପତ୍ର ପରୀକ୍ଷା ହୋଇଥିଲା । ପ୍ରଥମ ପତ୍ରରେ ୯୭୭ଜଣ ଆଶାୟୀ ଥିବାବେଳେ ୫୪ଜଣ ଅନୁପସ୍ଥିତ ଥିଲେ ।

ସେହିପରି ୨ୟ ପତ୍ରରେ ୧୬୦୦ଜଣ ଆଶାୟୀ ଥିବା ବେଳେ ୫୩ଜଣ ଅନୁପସ୍ଥିତ ଥିଲେ । ଜିଲାପାଳଙ୍କ ମାର୍ଗଦର୍ଶନରେ ଓ ଜିଲା ଆରକ୍ଷୀ ଅଧିକ୍ଷକଙ୍କ ସମ୍ପୂର୍ଣ୍ଣ ସହେଯାଗରେ ୨ ଅତିରିକ୍ତ ଜିଲାପାଳ, ସଦର ଆଇଆଇସି, ଅତିରିକ୍ତ ତହସିଲଦାର, ଜିଲା ସ୍ପୋର୍ଟ୍ସ ଅଫିସର , ଜିଲା ଶୀକ୍ଷାଧିକାରୀ ,୨ ଅତିରିକ୍ତ ଜିଲା ଶିକ୍ଷାଧିକାରୀ, ଜିଲା ବିଜ୍ଞାନ ନିରିକ୍ଷକ ଓ ସମସ୍ତ ମଣ୍ଡଳ ଅଧିକାରୀ ବିଭିନ୍ନ ପରୀକ୍ଷା କେନ୍ଦ୍ରର ଦାୟିତ୍ୱରେ ରହିଥିଲେ । ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶ୍ରେଣୀ ମାନଙ୍କରେ ଶିକ୍ଷା ଦାନ କରୁଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ପରୀକ୍ଷା ଦେଇଥିଲେ । ୮ଟି କେନ୍ଦ୍ରରେ ୮ଜଣ କେନ୍ଦ୍ର ନିରିକ୍ଷକଙ୍କ ସହ ୮ଜଣ ଅବଜର୍ଭର ଥିଲେ । ଜିଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ଓ ବିଜ୍ଞାନ ନିରିକ୍ଷକ କୁମାର ସେନ୍ ସେନାପତି ପରୀକ୍ଷା କେନ୍ଦ୍ର ବୁଲି ପରୀକ୍ଷାର ଶୃଙ୍ଖଳାକୁ ତଦାରଖ କରିଥିଲେ । ମାଧ୍ୟମିକ ଶିକ୍ଷା ପରିଷଦର ଅଧିକାରୀମାନଙ୍କୁ ସମୟାନୁକ୍ରମେ ଆବଶ୍ୟକୀୟ ତଥ୍ୟ ପ୍ରଦାନ କରାଯାଉଥିଲା ।

# ମଦ ଜବତ, ଜଣେ ଗିରଫ

ପାଣିକୋଇଲି, (ସବ୍ୟୁ) : ପାଣିକୋଇଲି ପୁଲିସ ଦେଶୀ ମଦ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରିବାରେ ସକ୍ଷମ ହୋଇଚି । ସନ୍ଧ୍ୟା ପେଟ୍ରୋଲିଂଗ ସମୟରେ ପାଣିକୋଇଲି ଥାନା ଅନ୍ତର୍ଗତ ନୂଆପଦା ଛକ ତଥା ୨୦ ନମ୍ବର ଜାତୀୟ ରାଜପଥ ପର୍ଶ୍ୱରେ ଦେଶୀ ମଦର ଚୋରା କାରବାର ଖବର ପାଇ ପୁଲିସ ସଦଳବଳେ ଚଢାଉ କରିଥିଲା । ସେଠାରେ ସନ୍ଦେହ ଜନକ ଭାବେ ଜଣଙ୍କୁ ଧରିବା ପରେ ତା ନିକଟରୁ ୧୦.୬୨୦ଲିଟର ମଦ ଜବତ କରି ତାକୁ ଥାନାକୁ ଆଣିଥିଲେ । ଏନେଇ ଓଡିଶା ଅବକାରୀ ନିୟମ ୫୨(୨) ରେ ଏକ ମାମଲା ୩୧୩/୨୫ ରୁଜ୍ଜୁ କରାଯାଇ ମଦ ବେପାରିକୁ ଗିରଫ କରାଯାଇଥିଲା । ଉତରପ୍ରଦେଶ ରାଜ୍ୟ ଚାନ୍ଦୁଆଳି ଜିଲ୍ଲା ସାହେବ ଗଂଜ ଥାନା କିରାଇଗାଁର ଛବିନାଥ ଯାଦବଙ୍କ ପୁଅ ରାମ ନିବାସ ଯାଦବ (୪୦)କୁ ଗିରଫ କରାଯାଇଥିଲା । ରାମ ନିବାସ ଦୀର୍ଘ ବର୍ଷ ହେବ ପାଣିକୋଇଲି ଅଂଚଳରେ ରହି ଦେଶୀ ମଦର ଚୋରା କାରାବାର ଚଳାଇ ଆସିଛି । ଏବେ ତାର ନୂଆ ଠିକାଣା ନୂଆପଦା ଛକ ପାଲଟିଛି ।

# ଓଏଏସ ପରୀକ୍ଷାରେ ରାଜନଗରରୁ ୩ ଜଣଙ୍କ କୃତିତ୍ୱ

ରାଜନଗର ,(ସବ୍ୟୁ): ଓଡ଼ିଶା ସରକାରଙ୍କ ଦାରା ପରିଚାଳିତ ଓଡ଼ିଶା ପ୍ରଶାସନିକ ସେବା ( ଓଏଏସ ) ପରୀକ୍ଷାରେ ଚଳିତ ବର୍ଷ ରାଜନଗର ବ୍ଲକରୁ ୩ ଜଣ ପରୀକ୍ଷାର୍ଥୀ କୃତିତ୍ୱ ହାସଲ କରି ରାଜନଗର ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି । ଏହି କୃତି ପରୀକ୍ଷାର୍ଥୀ ହେଲେ ଘଡ଼ିଆମାଳ ଗ୍ରାମର ରାଜେନ୍ଦ୍ର ମାଝୀ, ମହୁଲିଆ ଗ୍ରାମର ସୁଧୀର ରଂଜନ ଦେବଶର୍ମା ଦାଶ ଓ ସରସ୍ୱତୀ ମହାପାତ୍ର ଓଏଏସ ସଫଳତା ହାସଲ କରିଥିବାରୁ ସମଗ୍ର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ଏକ କାଳୀନ ଗୋଟିଏ ବ୍ଲକରୁ ୩ ଜଣ ଓ ଏ ଏସ ପାଇବା ଆମ ଅଞ୍ଚଳ ପାଇଁ ଗୌରବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଉପକୂଳ ଅଞ୍ଚଳରେ ଏପରି ଘଟଣା ସମସ୍ତଙ୍କୁ ଆନନ୍ଦ ଆଣି ଦେଇଛି। ବିଭିନ୍ନ ମହଲରୁ ଶୁଭେଚ୍ଛା ସୁଅ ଛୁଟିଛି ।

# ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତବାର୍ଷିକୀ ଉତ୍ସବ

ପାଣିକୋଇଲି, (ସବ୍ୟୁ): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତବାର୍ଷିକୀ ପୂର୍ତୀ ଅବସରରେ ପାଣିକୋଇଲି ମଣ୍ଡଳ ତରଫରୁ ଉକ୍ତ ଉତ୍ସବକୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ପାଳନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୂଳାପାଳ , କରଦା, ପଥରପଦା, ପାଣିକୋଇଲି ଓ ଗୋଳେଇପୁର ପଂଚାୟତର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସମ୍ପଦ, ସାମୁହିକ ସଙ୍ଗୀତ ଓ ଧ୍ୱଜାରୋହଣ ସହିତ ମାତୃ ପୁଜନ କରାଯାଇଥିଲା। ଜିଲ୍ଲା ପ୍ରଚାର ପ୍ରମୁଖ ସନ୍ଦୀପ କୁମାର ନାୟକଙ୍କ ସଂଯୋଜନାରେ ତଥା ମଣ୍ଡଳ ପ୍ରମୁଖ ପଦ୍ମଲୋଚନ ମଲ୍ଲିକଙ୍କ ସଂଚାଳନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବେ ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳର ଅଧ୍ୟକ୍ଷ ସୁଧିରଂଜନ ସାହୁ , ମୁଖ୍ୟ ବକ୍ତା ଭାବେ ବିଭାଗ ସେବା ପ୍ରମୁଖ ଇନ୍ଦ୍ରମଣୀ ବେହେରା, ଅତିଥି ଭାବେ ଖଣ୍ଡ କାର୍ଯ୍ୟ ନିର୍ବାହ (କୋରାଇ) ସନ୍ତୋଷ କୁମାର ଜେନା ଓ ବିଶ୍ୱ ହିନ୍ଦୁ ପରିଷଦର ଯାଜପୁର ଜିଲ୍ଲା ସମ୍ପାଦକ ରାଜ କିଶୋର ମଲିକ, ପାଣିକୋଇଲି ମଣ୍ଡଳ କାର୍ଯ୍ୟବାହ ସତ୍ୟଜିତ ସାହୁ, ପାଣିକୋଇଲି ବରିଷ୍ଠ ନାଗରିକ ମଂଚର ସଭାପତି ନୃସିଂହ ଚରଣ ଦଳାଇ, ଭରତ ଚନ୍ଦ୍ର ବାରିକ, ରଂଜନ କୁମାର ସାହୁ, ସୁରେନ୍ଦ୍ର ସେଠୀ ପ୍ରମୁଖ ଯୋଗ ଦେଇଥିଲେ।ଶେଷରେ ସଂଘର ସଦସ୍ୟ ଉମେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା କଂଗ୍ରେସର ନୂତନ ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଧର୍ମଶାଳା, (ସବ୍ୟୁ): ଧର୍ମଶାଳା ବ୍ଲକ ଜାରକା କୁମାରୀସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ କଂଗ୍ରେସର ନବନିଯୁକ୍ତ ଯାଜପୁର ଜିଲ୍ଲା ସଭାପତିଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି । ଯାଜପୁର ଜିଲ୍ଲାର ନବନିଯୁକ୍ତ କଂଗ୍ରେସ ସଭାପତି ମାଗୁଣୀ ଜେନା ଆଜି ଧର୍ମଶାଳା ଗସ୍ତରେ ଆସିଥିବା ବେଳେ କୁମାରୀସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ କର୍ମୀମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଛନ୍ତି । ଧର୍ମଶାଳା କଂଗ୍ରେସ ନେତା କିଶାନ ପଣ୍ଡାଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାପରେ କୃଷକ ନେତା ବସନ୍ତ କୁମାର ପରିଡା, ପ୍ରଫୁଲ୍ଲ କୁମାର ରାୟ,ବାବୁଲି ମଲିକ, ଦୀପକ ବଳ, ପୂର୍ଣ୍ଣଚନ୍ଦ୍ର ତରେଇ, ସଞ୍ଜୟ କୁମର ରାଉତ, ଶୁଶିଲ ଡୋରା,ହରିମୋହନ ରାଉତ, ନକୁଳ ଜେନା,ଅମରେନ୍ଦ୍ର ସାମଲ, ପ୍ରମୋଦ ମହାନ୍ତି, ସାଗର ପାଳ, ମହମ୍ମଦ ଇକବାଲ, କାର୍ତିକ ସାହୁ, ଦେବାଶିଷ ପରିଡା ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ରହିଥିଲେ । ୨୦୨୯ ରେ କଂଗ୍ରେସ ଦଳ ଓଡିଶା ଏବଂ କେନ୍ଦ୍ରରେ ସରକାର ଗଠନ କରିବାକୁ ଯାଉଛି । ଏଥିଲାଗି ତୃଣମୁଳ ସ୍ତରରୁ କଂଗ୍ରେସ ଦଳକୁ ସଙ୍ଗଠିତ କରିବାକୁ କଂଗ୍ରେସ ସଭାପତି ଶ୍ରୀ ଜେନା ଉପସ୍ଥିତ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ ।

# ଜ୍ଞାନପ୍ରଭା ମିଶନ ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର

ପଟ୍ଟାମୁଣ୍ଡାଇ ,(ସବ୍ୟୁ): ଜ୍ଞାନପ୍ରଭା ମିଶନ ଓ ଜଗତପୁର ସଦଗୁରୁ ହସ୍ପିଟାଲ ମିଳିତ ଆନୁକୂଲ୍ୟରେ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମଦନପୁର ହାଇସ୍କୁଲ ଠାରେ ଏକ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ କର୍କଟ ରୋଗ ବିଶେଷଜ୍ଞ ଡା ସୁଲଗ୍ନା ମହାନ୍ତି ଯୋଗ ଦେଇ କର୍କଟ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହିତ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏହି ଶିବିରରେ ଶତାଧିକ ରୋଗୀ ଯୋଗ ଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜ୍ଞାନପ୍ରଭା ମିଶନ ସମ୍ପାଦକ ସ୍ୱାମୀ ଶାରଦାନନ୍ଦ ଗିରି, ସ୍ୱାମୀ ସତ୍ୟାମୟାନନ୍ଦଗିରି ଓ ସମାଜସେବୀ ମନୋଜ ରାଉତ ପରିଚାଳନା କରିଥିଲେ ।

# ବିଶ୍ୱ ଜଳାତଙ୍କ ଦିବସ ପାଳନ




କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡାରେ ବିଶ୍ୱ ଜଳାତଙ୍କ ଦିବସ ଆତ୍ମା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ପ୍ରାଣି ଚିକିତ୍ସା ଅଧିକାରୀ ଡ଼ଃ ମନୋଜ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଜଳାତଙ୍କ ଦିବସରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ରବିନ୍ଦ୍ର କୁମାର ମଲିକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମନୋରଜ କୁମାର ରାଉତ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରମୋଦ କୁମାର ପ୍ରହରାଜ, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର କୁମାର ବାରିକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲିକ ଏବଂ ଏସପିସିଏ ର ଉପାଧ୍ୟକ୍ଷ ଫକୀର ଚରଣ ଖଟୁଆ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଜଳାତଙ୍କ ରୋଗର ଭୟାବହ, ଲକ୍ଷଣ ଏବଂ ଏହାର ପ୍ରତିକାର ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ ।

ସାରା ବିଶ୍ୱରୁ କିଭଳି ଭାବରେ ଏହି ଜଳାତଙ୍କ ରୋଗ ଲୋପ ପାଇବ ଏବଂ ଏଥିପାଇଁ ମନୁଷ୍ୟ ଡାକ୍ତର, ପ୍ରାଣୀ ଚିକିତ୍ସକ, ଗୃହପାଳିତ ପ୍ରାଣୀମାନଙ୍କ ମାଲିକ ଏବଂ ସମାଜର ଭୂମିକା ବିଷୟରେ ଆଲୋଚନା କରାଯାଇଥିଲା । ଏହି ଆଲୋଚନା ଚକ୍ରରେ ଜିଲ୍ଲାର ପ୍ରାଣୀ ବିଭାଗର କର୍ମକର୍ତା, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମଚାରୀ, ଏସିଡିଏସ କର୍ମକର୍ତା, ସମାଜସେବୀ/ସେବିକାଙ୍କ ସହିତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରାଣି ଚିକିତ୍ସାର ଉପ ନିର୍ଦ୍ଦେଶକ ଡ଼ଃ ତୁଷାରଚନ୍ଦ୍ର ମିଶ୍ର ପରିଚାଳନା କରିଥିବା ବେଳେ ଡ଼ଃ ପ୍ରଭନ କବି ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲାର ସମସ୍ତ ପ୍ରାଣି ଚିକିତ୍ସାଳୟ କେନ୍ଦ୍ରରେ ବୁଲା କୁକୁର, ପୋଷା କୁକୁର ଏବଂ ବିରାଡି ମାନଙ୍କୁ ମାଗଣାରେ ଜଳା'କ ରୋଗର ଟୀକାକରଣ କରାଯାଇ ଥାଏ ।

# ଚାହାଣି ପୁରସ୍କାର ଘୋଷଣା

ପାଣିକୋଇଲି, (ସବ୍ୟୁ): ଯାଜପୁର ଜିଲ୍ଲାରୁ ପ୍ରକାଶ ପାଉଥିବା ସାହିତ୍ୟ ପତ୍ରିକା ଚାହାଣିର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ପୂଜା ସଂଖ୍ୟା ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହେବ । ଏହି ଉତ୍ସବରେ ବିଶିଷ୍ଟ ଲେଖକ, ଗାଳ୍ପିକ ଡକ୍ଟର ସଚ୍ଚିଦାନନ୍ଦ କର ଓ ଶିଶୁ ସାହିତ୍ୟିକ ଡକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ ଚାହାଣି ପୁରସ୍କାର ୨୦୨୫ ପ୍ରଦାନ କରାଯିବ । ସେହିପରି ବରିଷ୍ଠ ସମ୍ବାଦିକ ପ୍ରଦୀପ କୁମାର ଦାସ ଏବଂ ଡାକ୍ତର ନିର୍ମଳେନ୍ଦୁ ପୃଷ୍ଟିଙ୍କୁ ଚାହାଣି ସମ୍ମାନ ୨୦୨୫ ପ୍ରଦାନ କରି ସମ୍ମାନୀତ କରାଯିବ ।

ଉଦ୍ଘାଟକ ଭାବେ ଶ୍ରମିକ ନେତା ମାୟାଧର ନାୟକ, ଅତିଥିଭାବେ ଡକ୍ଟର ରାଜ କିଶୋର ପାଢୀ, ପ୍ରଧାନପାଧ୍ୟକ ମନୋରଂଜନ ମହାନ୍ତି, ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ପ୍ରାକ୍ତନ ପ୍ରଶାସକ ଜିଲ୍ଲାପାଳ ସରୋଜ କୁମାର ସାମଲ, ପ୍ରାକ୍ତନ ଅଧ୍ୟକ୍ଷ ଶିବ ଚରଣ ମାଝୀ, ବୃନ୍ଦାବନ ସାହୁ, ଡକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ, ଅଧ୍ୟାପକ ଦାମୋଦର ବେହେରା, ଶିକ୍ଷାବିତ ବଟକୃଷ୍ଣ ସ୍ୱାଇଁ, ଡକ୍ଟର ଦୈତାରୀ ଧଳ, ବ୍ରଜ କିଶୋର ଦାଶ, ଅନନ୍ତ ଚରଣ ସ୍ୱାଇଁ, ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଉକ୍ତ କାର୍ଯ୍ୟକ୍ରମ ଅକ୍ଟୋବର ୫ ତାରିଖ କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳସ୍ଥିତ ଲିଙ୍ଗେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହେବ । ଚାହାଣିର ସମ୍ପାଦକ ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତି ଏହି ସୂଚନା ଦେଇଛନ୍ତି ।

# ଜିଲ୍ଲା କଂଗ୍ରେସ ସଭାପତିଙ୍କୁ ଅଭିନନ୍ଦନ



ରାଜକନିକା, (ସବ୍ୟୁ): ନବ ନିଯୁକ୍ତି କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ସଭାପତି ତଥା ଆଳିର ଟାଣୁଆ କଂଗ୍ରେସ ନେତ୍ରୀ ପିସିସି ସମ୍ପାଦିକା ଡାକ୍ତର ଦେବସ୍ମିତା ଶର୍ମାଙ୍କୁ ରାଜକନିକା ବ୍ଲକ ସିକୋ ଗ୍ରାମ ପଞ୍ଚାୟତ ଯୁବ ସମିତି ସଭ୍ୟ ଅମିତ ନାୟକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏହା ସହ କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରଥମ ମହିଳା ଓ ଜଣେ ଯୁବ ନେତୃତ୍ୱଙ୍କୁ ଜିଲ୍ଲାର ସଭାପତି ଭାବେ ଚୟନ କରାଯାଇ ଥିବାରୁ ସେ କଂଗ୍ରେସର ସମସ୍ତ ଉଚ୍ଚ ପଦାଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ଆଗାମି ଦିନରେ ଜିଲ୍ଲାର ସମସ୍ତ ନେତୃତ୍ୱ ଓ କଂଗ୍ରେସ କର୍ମୀ ମାନେ ତାଙ୍କର ହାତମୁଠାକୁ ଟାଣ କରି ଜିଲ୍ଲା ସଂଗଠନକୁ ମଜବୁତ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।

# ସ୍ୱଦେଶୀ ଆପଣାଅ, ଦେଶକୁ ଆଗକୁ ବଢାଅ : ସାସଂଦ

କେନ୍ଦ୍ରାପଡା, (ସବ୍ୟୁ): ନିଜର ଦୈନନ୍ଦିନ ଜୀବନରେ ସ୍ୱଦେଶୀ ଜିନିଷ ପଦାର୍ଥ ଆପଣାଇବା ସହ ନୂତନ ପିଢିକୁ ମଧ ସ୍ୱଦେଶୀ ଆପଣାଇବା ପାଇଁ ପ୍ରବର୍ତାଇବା ପାଇଁ ସାଂସଦ ବୈଜୟନ୍ତ ପଣ୍ଡା ଅନୁରୋଧ କରିଛନ୍ତି । ସଂସ୍କୃତି ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମ ରେ ବୁଦ୍ଧିଜୀବୀ ଜିଏସ୍‌ଟି ସୁଧାର ଆଲେଚନା ଚକ୍ରରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ସାଂସଦ ଶ୍ରୀ ପଣ୍ଡା ପ୍ରକାଶ କରିଛନ୍ତି । ଅୟୋଜିତ ଏହି ସମ୍ମିଳନୀରେ ଯାଜପୁର ସାଂସଦ ରବି ନାରାୟଣ ବେହେରା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଜିଲ୍ଲା ବିଜେପି ପାର୍ଟି ଦ୍ୱାରା ଆୟୋଜିତ ଏହି ଅଲୋଚନା ଚକ୍ରରେ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ସମ୍ମାନିତ କରିଥିବା ଦିବ୍ୟାଙ୍ଗ ବ୍ୟକ୍ତି ମାନଙ୍କୁ ସାଂସଦ ଶ୍ରୀ ପଣ୍ଡା ସମ୍ମାନିତ କରିଥିଲେ । ଏଥି ସହ ଜିଲ୍ଲାରେ କ୍ରୀଡା, ସଂଗୀତ, କଳା, ସାହିତ୍ୟ, ସଂସ୍କୃତି, ଚିତ୍ର, ନାଟ୍ୟରେ ଉଲ୍ଲେଖନୀୟ ଅବଦାନ ଥିବା ୩୦ ଜଣ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରା ଯାଇଥିଲା । କାର୍ଯ୍ୟକ୍ରମ ରେ ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ମହାକାଳପଡା ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ, ଭୂବନ ମୋହନ ଜେନା, ଦୁର୍ଯ୍ୟୋଧନ ସାହୁ, ଗୀତାଳୀ ସେଠୀ, ତେଜେଶ୍ୱର ପରିଡା, ଦୋଳ ଗୋବିନ୍ଦ ଜେନା, କିଶୋର ପଣ୍ଡା, ଅର୍ଚ୍ଚନା ନାୟକ, ସୁନାକର ବେହେରା, ସଂଜୟ ରଥ, ସଲିମ ଖାନ, ବୈଦନାଥ ଚାଟାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ । ସାଂସଦ ଶ୍ରୀ ପଣ୍ଡା ପୂର୍ବାହ୍ନ ୧୦ଟାରେ ୪ନଂ ୱାର୍ଡର ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ମନ୍ କି ବାତ୍, ନୂଆ ବସଷ୍ଟାଣ୍ଡରେ ଥିବା ବୟୋନିକା, ଜଝାଙ୍ଗରେ ଥିବା କାଇଁଚ ପ୍ରଭୃତି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ । ଏଥି ସହିତ ଜିଲ୍ଲାର ବୁଦ୍ଧିଜୀବୀମାନଙ୍କୁ ସମ୍ମାନିତ କରିବା ସହ ନୂଆ ବସଷ୍ଟାଣ୍ଡର ବ୍ୟବସାୟୀ ସଂଘର କର୍ମକର୍ତା ମାନଙ୍କ ସହ ଜିଏସଟି ସୁଧାର ସଂପର୍କରେ ଆଲୋଚନା କରିଥିଲେ ।

# ବୃଦ୍ଧାଙ୍କ ବେକରୁ ସୁନାଚେନ ଲୁଟ୍

ପଟ୍ଟାମୁଣ୍ଡାଇ, (ସବ୍ୟୁ) : ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ଦକ୍ଷିଣଦିଆ ଗ୍ରାମରେ ଏକ ସୁନା ଚେନ ଲୁଟ ଘଟଣା ଘଟିଛି । ୨ଜଣ ଦୁର୍ବୃତ୍ତ ଜନୈକା ବୃଦ୍ଧାଙ୍କ ବେକରୁ ସୁନା ଚେନ ଲୁଟି ନେଇ ଫେରାର ହୋଇଯାଇଛନ୍ତି ।ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ଏ ସମ୍ପର୍କରେ ଏକ ମୋକଦମା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ପ୍ରକାଶ ଯେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ଦକ୍ଷିଣଦିଆ ଗ୍ରାମରେ ବିଜୟ ଭାସ୍କର ରାଉତଙ୍କର ବାସୁଦେବ ଭେରାଇଟି ଷ୍ଟୋର ରହିଛି । ଏଠାରେ ପାନ ସହିତ ବିଭିନ୍ନ ସାମଗ୍ରୀ ବିକ୍ରୟ କରାଯାଇଥାଏ । ରବିବାର ଦିନ ବିଜୟ ନଥିବାରୁ ତାଙ୍କ ବୃଦ୍ଧା ମା ଦୋକାନରେ ବସି ଥିଲେ । ପୂର୍ବାହ୍ନ ପ୍ରାୟ ୧୧ଟାରେ ର ବାଇକ ଯୋଗେ ଦୁଇ ଜଣ ଯୁବକ ଦୋକାନ ନିକଟରେ ପହଂଚି ପାନ ଦେବା ପାଇଁ ବିଜୟଙ୍କ ମା 'ଙ୍କୁକହିଥିଲେ । ବୃଦ୍ଧା ଜଣକ ପାନ ଭାଙ୍ଗୁ ଥିବା ସମୟରେ ଦୁଇ ଯୁବକ ହଠାତ ବୃଦ୍ଧାଙ୍କ ବେକରୁ ସେ ପିନ୍ଧି ଥିବା ୧୨ଗ୍ରାମ ଓଜନର ସୁନା ଚେନ ଛିଣ୍ଡାଇ ନେଇ ବାଇକ ଯୋଗେ ଦୁଇ ଜଣ ଦୁର୍ବୃତ୍ତ ଫେରାର ହୋଇ ଯାଇଥିଲେ। ।ବୃଦ୍ଧାଙ୍କ ପୁଅ ବିଜୟ ଘରକୁ ଫେରି ସୁନା ଚେନ ଲୁଟ ବିଷୟ ଜାଣିବା ପରେ ସଙ୍ଗେ ସଙ୍ଗେ ସୁନା ଚେନ ଲୁଟ ବିଷୟରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଏତଲା ଦେଇଥିଲେ ।ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇ ଆଇ ସି ବନ୍ଦନା ପାତ୍ରଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ପୋଲିସ ଏକ ଲୁଟ ମାମଲା ରୁଜୁ କରି ସମୁଦାୟ ଘଟଣାର ତଦନ୍ତ ଆରମ୍ଭ କରିଛି । ସୁନା ଚେନ ଲୁଟ ମାମଲାର ଦୁଇ ଅଭିଯୁକ୍ତ ଫେରାର ଅଛନ୍ତି ।

# ନାବାଳିକା ଅପହରଣ : ଅଭିଯୁକ୍ତ ଗିରଫ

କୁଆଖିଆ ,(ସବ୍ୟୁ): ରସୁଲପୁର ବ୍ଲକ ନୂଆହାଟ ଅଂଚଳ ରୁ ଗତ ଜୁନ ମାସରେ ଜନୈକ ନାବାଳିକା କୁ ସୁଶାନ୍ତ ମଲିକ ଅପହରଣ କରି ନେଇଥିଲା। ନାବାଳିକା ପରିବାର ପକ୍ଷ୍ୟରୁ କୁଆଖିଆ ଥାନା ରେ ସେତେବେଳେ ଅଭିଯୋଗ ହୋଇଥିଲା ।ପୂର୍ବରୁ ନାବାଳିକା ଜଣକ ଉଦ୍ଧାର ହୋଇ ନିଜ ପରିବାର ରେ ରହୁଥିବା ବେଳେ ସୁଶାନ୍ତ ସେହି ଦିନରୁ ଫେରାର ଥିଲା । କୁଆଖିଆ ଥାନା ଅଧିକାରୀ ଚିନ୍ମୟୀ ସାହୁ ଜେନାପୁର ଥାନା ଗୋବରେଶ୍ୱର ଅଂଚଳ ରୁ ସୁଶାନ୍ତ ମଲିକ ଙ୍କୁ ଆଜି ପୋସ୍କୋ ଆଇନ ରେ ଗିରଫ କରି ଅଦାଲତ ଚାଲାଣ କରି ଅଧିକ ତଦନ୍ତ ଜାରି ରଖିଛନ୍ତି।

# ପ୍ରଧାନମନ୍ତ୍ରୀଙ୍କ ମନ୍ ବି ବାତ୍ କାର୍ଯ୍ୟକ୍ରମରେ ଗ୍ରାମବାସୀ



ପାଣିକୋଇଲି, (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକାଭିମୁଖି କାର୍ଯ୍ୟକ୍ରମକୁ ନେଇ ମନ କି ବାତ କାର୍ଯ୍ୟକ୍ରମ ପ୍ରାସରଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଟେଲିଭିଜନ ପରଦାରେ ଦେଖିବା ଲାଗି କୋରାଇ ବ୍ଲକ ଗୋଳେଇପୁର ପଞ୍ଚାୟତର ସୋଡି ଗ୍ରାମର ଜନସାଧାରଣଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଦେଖାଦେଇଥିଲା।

ପଞ୍ଚାୟତର ଯୁବ ଭାଜପା ନେତା ହରେକୃଷ୍ଣ ସାହୁଙ୍କ ସମେତ ଅନାମ ଚରଣ ମହାପାତ୍ର,ସ୍ଥାନୀୟ ସରପଂଚ ସସ୍ମିତା ମାଝୀ , ଲକ୍ଷ୍ମୀଧର କରଣ, ପ୍ରଫୁଲ୍ଲ ମାଝୀ, ଭାନୁପ୍ରଭା କରଣ, ଶୁଭସ୍ମିତା ସାହୁଙ୍କ ସମେତ ବହୁ ଭାଜପା କର୍ମୀଙ୍କ ସମେତ ସ୍ଥାନୀୟ ଜନସାଧାରଣ ଟିଭି ପରଦାରେ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମ ଦେଖିଥିଲେ।

# କଣ୍ଟୁଣିଆ ନୋଡାଲ ଉଚ୍ଚ ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା

ନାଉଗାଁ, (ସବ୍ୟୁ): କଣ୍ଟୁଣିଆ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ପାଳିତ ହୋଇଛି ସଂସ୍କୃତ ଦିବସ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଙ୍କର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରତାପ ମିଶ୍ର ବକ୍ତବ୍ୟ ରଖିଥିବା ବେଳେ ସଂସ୍କୃତ ଶିକ୍ଷକ ଗୋପାଳ ଚନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।୨୦୨୪/୨୫ ଶିକ୍ଷା ବର୍ଷରେ ସଂସ୍କୃତରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ତେଜସିନୀ ମିଶ୍ରକୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲା ବେଳେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସଭାରେ ଉପସ୍ଥିତ ରହି ନୃତ୍ୟ, ସଙ୍ଗୀତ, ନାଟକ ଆଦି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ବିଦ୍ୟାଦାତ୍ରୀ ମା ସରସ୍ୱତୀ ଓ ବିଘ୍ନବିନାସକ ଶ୍ରୀ ଗଣେଶଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା ବେଳେ ଶେଷରେ ସହକାରୀ ଶିକ୍ଷୟିତ୍ରୀ ସୋନାଲୀ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ ।

# ଧର୍ମପରାୟଣ ମହିଳାଙ୍କ ପରଲୋକ

ମାହାଙ୍ଗା, (ସବ୍ୟୁ): ମାହାଙ୍ଗା ବ୍ଲକ କୁରୁଜଙ୍ଗା ଅର୍ନ୍ତଗତ ଭରତପଡା ଗ୍ରାମର ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ଦାଶଙ୍କର ଧର୍ମପତ୍ନୀ ଶ୍ରୀମତୀ ଶୋଭାମୟୀ ଦାଶ(୮୯)ଙ୍କର ଗୁରୁବାର ଦିନ ପରଲୋକ ହୋଇଯାଇଛି। ସେ ଜଣେ ଉଦାର କରୁଣାମୟୀ, ମିଷ୍ଟଭାଷୀ, ପରୋପକାରୀ, ଲୋକପ୍ରିୟ ମହିଳା ଭାବରେ ସ୍ଥାନୀୟ ଅଚଂଳରେ ପରିଚିତ ଥିଲେ। ତାଙ୍କର ବିୟୋଗରେ ଭରତପଡା ଓ ଆଖପାଖ ଅଂଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା। କନିଷ୍ଠ ପୁତ୍ର ବିରେନ୍ଦ୍ର କୁମାର ଦାଶ ମୁଖାଗ୍ନୀ ଦେଇଥିଲେ। ଶୋଭାମୟୀଙ୍କ ବିୟୋଗରେ ମାହାଙ୍ଗା ଅଂଚଳର ବହୁ ସଂଗଠନ ଓ ବିଶିଷ୍ଟ ବ୍ୟକ୍ତିମାନେ ଶୋକବ୍ୟକ୍ତ କରିଛନ୍ତି।

# ସୁଚିତ୍ରା ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ

ମାହାଙ୍ଗା ,(ସବ୍ୟୁ): ମାହାଙ୍ଗା ବ୍ଲକ ଅର୍ନ୍ତଗତ ଗୌଡପଡା ଗ୍ରାମର ବୟୋଜ୍ୟେଷ୍ଠ ମହିଳା ତଥା ମଂଚ ନିର୍ଦ୍ଦେଶକ ସ୍ୱର୍ଗତ ସଚ୍ଚିକାନ୍ତ ଦାସଙ୍କ ଧର୍ମପତ୍ନୀ ସୁଚିତ୍ରା ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସ୍ୱର୍ଗତ ସୁଚିତ୍ରା ଦାସଙ୍କ ଭାଇ ବୈଷ୍ଣବ ଚରଣ ମହାନ୍ତି, ପୁତ୍ର ଧନଞ୍ଜୟ ଦାସ, ଜ୍ୱାଇଁ ଶାରଦା ମହାନ୍ତି, ବାବୁଲା ମହାନ୍ତି, ସନ୍ଦିପ୍ ମହାନ୍ତି, ଜୟନାରାୟଣ ଦାସ, ବୋହୂ ସ୍ନେହପ୍ରଭା ଦାସ, ଶତଦ୍ରୁଦା ମହାପାତ୍ର, ଝିଅ ଦମୟନ୍ତୀ ମହାନ୍ତି, ଭାଗ୍ୟବତୀ ମହାନ୍ତି, ଲିଲୁଆ ମହାନ୍ତି, ନାତି ଭବ୍ୟକାନ୍ତ ଦାସ, ପୁତ୍ର ରବିନାରାୟଣ ଦାସ, ୪୨ନଂଜୋନ୍‌ର ସଭାପତି ଭକ୍ତ ଚରଣ ସ୍ୱାଇଁ, ସାମ୍ବାଦିକ ଅଖିଳେଶ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଥିଲେ।



କାକଟପୁର ମା ମଙ୍ଗଳାଙ୍କ ପ୍ରସିଦ୍ଧ ସିଂହବାହିନୀ ବେଶ

## ବିଳମ୍ବିତ ରାତିରେ ୧୨ ମେଣ୍ଢା ଚୋରି

ବଳଙ୍ଗା, (ସବ୍ୟୁ): ପୁରୀ ଜିଲ୍ଲା ବଳଙ୍ଗା ଥାନା ଅନ୍ତର୍ଗତ ଉଛୁପୁରୁ ପଞ୍ଚାୟତ ଅଧୀନ ସୁନିନ୍ଦା ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଗୋବିନ୍ଦ ଚନ୍ଦ୍ର ପ୍ରଧାନଙ୍କ ୧୨ଟି ମେଣ୍ଢାକୁ ଦୁର୍ବୃତ୍ତ ଚୋରି କରି ନେଇ ଥିବା ଥାନାରେ ଅଭିଯୋଗ କରିଛନ୍ତି । ଏନେଇ ବଳଙ୍ଗା ପୋଲିସ ଅଭିଯୋଗ ପାଇବା ପରେ ତଦନ୍ତ ଆରମ୍ଭ କରିଛି।

## ବ୍ୟବସାୟୀଙ୍କୁ ଅପହରଣ: ୫ ଗିରଫ, ମାରଣାସ୍ତ୍ର ସହ କାର ଜବତ

ବାଲୁଗାଁ ,(ସବ୍ୟୁ):ଶନିବାର ବିଳମ୍ବିତ ରାତ୍ରିରେ ବାଲୁଗାଁ ଅଞ୍ଚଳର ପ୍ରତିଷ୍ଠିତ ବ୍ୟବସାୟୀ ସୁଶୀଲ କୁମାର ସୁବୁଦ୍ଧି ବ୍ୟବସାୟିକ ଅର୍ଥ ନଗଦ ୧୦ ଲକ୍ଷରୁ ଊର୍ଦ୍ଧ୍ବ ଟଙ୍କା ଧରି ସ୍କୁଟି ଯୋଗେ ନିଜ ଘର ପାଟଣା ସାହିକୁ ଫେରୁଥିବା ବେଳେ ୫ ଜଣ ଦୁର୍ବୃତ୍ତ ଏକ କାରରେ ଆସି ତାଙ୍କୁ ଅପହରଣ କରିନେଇଛନ୍ତି । ତେବେ ଅପହରଣର ୧୨ ଘଣ୍ଟା ପରେ ଅର୍ଥାତ ରବିବାର ମଧ୍ୟାହ୍ନ ସମୟରେ ବାଲୁଗାଁ ପୋଲିସ ମୋବାଇଲ ଫୋନ ଟ୍ରାକିଙ୍ଗ କରି ୧୬ ନଂ ଜାତୀୟ ରାଜପଥର ଚାନ୍ଦପୁର ନିକଟ କଟକ ସହର ଅଞ୍ଚଳରୁ ସମ୍ପୃକ୍ତ ୫ ଜଣ ଅପହରଣକାରୀଙ୍କୁ କାବୁ କରିବାରେ ସଫଳ ହେବା ସହ ଅପହୃତ ସୁଶୀଲଙ୍କୁ ଉଦ୍ଧାର କରିଛନ୍ତି । ପୋଲିସ ଅପହରଣରେ ବ୍ୟବହୃତ କାର ସମେତ ଦୁଇଟି ଧାରୁଆ ମାରଣାସ୍ତ୍ର ଜବତ କରିଛି । ବାଲୁଗାଁ ପାଟଣା ସାହି ସ୍ଥିତ ବିଜୟ ସୁବୁଦ୍ଧିଙ୍କ ବିଭିନ୍ନ କମ୍ପାନୀର ହୋଲସେଲ ବ୍ୟବସାୟ



ସ୍ମୃତି ଏଜେନସି ନାମରେ ରହିଛି । ତାଙ୍କ ପୁତ୍ର ସୁଶୀଲ ବ୍ୟବସାୟରେ ବାପାଙ୍କୁ ସହଯୋଗ କରନ୍ତି ଶନିବାର ରାତ୍ରିରେ ସୁଶୀଲ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରି କାରବାର ହୋଇଥିବା ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ବ ଟଙ୍କା ଏକ ବ୍ୟାଗରେ ରଖି ନିଜ ସ୍କୁଟି ଯୋଗେ ଘରକୁ ଫେରୁଥିଲେ । ରାତ୍ରି ପ୍ରାୟ ସାଢ଼େ ୧୧ଟାରେ ରେ ସୁଶୀଲ ନିଜ ଘର ପାଟଣା ସାହିକୁ ଯାଉଥିବା ବେଳେ କେନ୍ଦ୍ରୀୟ ପ୍ରାଥମିକ ବିଦ୍ୟାଳୟ ଛକ ଠାରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ୫ ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ସୁଶୀଲଙ୍କୁ ଅଟକାଇ ସ୍କୁଟିରୁ ଟଙ୍କା ବ୍ୟାଗଟିକୁ ଲୁଟି ନେବା ସହ ୨୫ ବିଏଚ ୭୯୫୦ ବି ନମ୍ବର ବିଶିଷ୍ଟ ମାରୁତି କାରରେ ସୁଶୀଲଙ୍କୁ ଜୋର ଜବରଦସ୍ତ ଉଠାଇ ନେଇ ଫେରାର ହୋଇଯାଇଥିଲେ । ମୁଖା ପିନ୍ଧା ଜଣେ ଦୁର୍ବୃତ୍ତ କାର ପଛେ ପଛେ ସ୍କୁଟି ଗାଡିକୁ ମଧ ନେଇ ପଳାଇଥିଲା । ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ସୁଶୀଲ ଘରକୁ ନ ଫେରିବାରେ ତାଙ୍କ ପତ୍ନୀ ଫୋନ କରିବାରେ ମୋବାଇଲ ସ୍ୱିଚ ଅଫ ଥିଲା । ଘଟଣା ସମ୍ପର୍କରେ ସୁଶୀଲଙ୍କ ପରିବାର ବର୍ଗ ତାର ସାଙ୍ଗ ସାଥି ଏବଂ ବନ୍ଧୁ ସମ୍ପର୍କୀୟଙ୍କୁ ଜଣାଇ ଖୋଜା ଖୋଜି କରିଥିଲେ କିନ୍ତୁ କୌଣସି ସନ୍ଧାନ ମିଳିନଥିଲା । ତେବେ ରାତି ପ୍ରାୟ ଗୋଟାଏରେ ସୁଶୀଲ ନିଜ ଫୋନ ଯୋଗେ ଜଣାଇଥିଲେ ଯେ ବ୍ୟସ୍ତ ହେବନି,ମୋତେ ଭିଜିଲାନ୍ସ ଟିମ ନେଇ ଆସିଛନ୍ତି,ମୁଁ କାଲି ସକାଳେ ଫେରିବି । ଏଥିରେ ପରିବାର ଲୋକଙ୍କ ସନ୍ଦେହ ଉପୁଜି ଥିଲା । ଘଟଣା ସମ୍ପର୍କରେ ବାଲୁଗାଁ ପୋଲିସକୁ ଅବଗତ କରିବା ପରେ ଅପହରଣ ସନ୍ଦେହରେ ଆଖ ପାଖ ବିଭିନ୍ନ ଥାନାକୁ ଜଣାଇ ଅନୁସନ୍ଧାନ ଜାରି ରଖିଥିଲେ ।ଏଭଳି ପରିସ୍ଥିତିରେ ରବିବାର ପୂର୍ବାହ୍ନ ପ୍ରାୟ ୯ଟାରେ ସୁଶୀଲ ପୁନର୍ବାର ଫୋନ ଯୋଗେ ଭୁବନେଶ୍ୱରରୁ ଫେରୁଥିବା କହିଥିଲେ ।ବାଲୁଗାଁ ଆଇଆଇସି ଜୟ ପ୍ରକାଶ ପରିଡାଙ୍କ ନେତୃତ୍ୱରେ ଏସ ଆଇ ସୌମ୍ୟକାନ୍ତ ପାଣିଗ୍ରାହୀ ନେଇ ଦୁଇଟି ଟିମ ସଙ୍ଗେ ସଙ୍ଗେ ସୁଶୀଲଙ୍କ ମୋବାଇଲ ଫୋନ ଲୋକେସନ ଟ୍ରାକିଂ କରି ପିଛା କରିଥିଲେ ।ଅପରାହ୍ନ ପ୍ରାୟ ଗୋଟାଏରେ କାରଟି ଭୁବନେଶ୍ୱର ଆଡୁ ଚାନ୍ଦପୁର ଅଭିମୁଖେ ଆସୁଥିବା ବେଳେ ପୋଲିସ ଗାଡି ମୋବାଇଲକୁ ଟ୍ରାକିଂ କରି ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ଝଚାନ୍ଦପୁର ନିକଟ କଟକ ସହର ଠାରେ ପୋଲିସ ଟିମ ଦୁର୍ବୃତ୍ତଙ୍କ କାର କୁ ଚିହ୍ନଟ କରି ଘେରିଯାଇଥିଲେ । ତେବେ ଦୁର୍ବୃତ୍ତ ମାନେ ସୁଶୀଲଙ୍କୁ କାରରୁ ଠେଲି ଦେଇ ନିକଟସ୍ଥ ଜଙ୍ଗଲ ଅଭିମୁଖେ ଦୌଡ଼ି ଥିଲେ । ପୋଲିସ ଗୋଡାଉ ଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ସହଯୋଗ କରି ସମସ୍ତ ୫ଦୁର୍ବୃତ୍ତଙ୍କୁ ଧରି ପୋଲିସ ଜିମା ଦେଇଥିଲେ । ଏହି ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତମାନେ ଗଞ୍ଜାମ, ବାଣପୁର ଏବଂ ବାଲକାଟି ଅଞ୍ଚଳର ବୋଲି ଜଣାପଡ଼ିଛି । ସୁଶୀଲଙ୍କୁ ଉଦ୍ଧାର କରାଯିବା ସହ ଉକ୍ତ କାରରୁ ୬ ଲକ୍ଷ ଟଙ୍କା ଜବତ କରାଯାଇଥିବା ବାଲୁଗାଁ ଆଇଆଇସି ଜୟ ପ୍ରକାଶ ପରିଡା ସୂଚନା ଦେଇଛନ୍ତି । ସୁଶୀଲଙ୍କ ପତ୍ନୀଙ୍କ ଅଭିଯୋଗ କ୍ରମେ ବାଲୁଗାଁ ଥାନା ପକ୍ଷରୁ କେସ ନଂ ୩୧୮/୨୫ରେ ଏକ ମାମଲା ରୁଜୁ ହୋଇଛି । ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି ।

## ପାଣୁସାହୁ ପାଟଣା ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ କଳସ ଯାତ୍ରା

କଣ୍ଟିଲୋ,(ସବ୍ୟୁ): କଣ୍ଟିଲୋ ପାଣୁସାହୁ ପାଟଣା ବିଶ୍ୱ ଶାନ୍ତି ମହାଯଜ୍ଞ ୫୨ ବର୍ଷ ପୂର୍ତ୍ତି ପାଳନ କରୁଥିବାବେଳେ ଏଥିପାଇଁ ରବିବାରଦିନି କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ର ପ୍ରତି ବର୍ଷ ଦଶହରା ଅବସରରେ ପାଳନ ହେଉଥିବା ଏହି ଯଜ୍ଞ ଉତ୍ସବ ଗଣ ପର୍ବ ରୂପେ ପରିଗଣିତ ହେବା ସହ ବର୍ଣ୍ଣାଢ୍ୟ ଢଙ୍ଗରେ ପାଳିତ ହୋଇଥାଏ। ଗ୍ରାମ ବାହାରେ ରହୁଥିବା ବନ୍ଧୁ, ପରିଜନ, ଏହି ସମୟରେ ଏକାଠି ହୋଇଥାନ୍ତି। ରବିବାର ପୂର୍ବାହ୍ନରେ ଗ୍ରାମର ମହିଳା ପୁରୁଷ ମହାନଦୀ ଘାଟରେ ଏକତ୍ର ହୋଇ କଳସ ଯାତ୍ରାରେ ସାମିଲ ହୋଇ ଗ୍ରାମ ପରିକ୍ରମା କରିବା ପରେ ଯଜ୍ଞସ୍ଥଳୀ ରେ ପହଞ୍ଚିବା ପରେ ଅଧିବାସ କାର୍ଯ୍ୟ ଆରମ୍ଭ ହୋଇଥିଲା। ଆସନ୍ତା କାଲି ସୋମବାର ଠାରୁ ୪ଦିନ ବ୍ୟାପି ୫୨ କୁଣ୍ଡିୟ ବିଶଶାନ୍ତି ବୈଦିକ ମହାଯଜ୍ଞ ଅନୁଷ୍ଠିତ ହେବ ।ଏହାର ପୂର୍ଣ୍ଣାହୁତି ଆସନ୍ତା ୧ତାରିଖ ରେ ଅନୁଷ୍ଠିତ ହେବ।ଏଥିସହ ପ୍ରତିଦିନ ସନ୍ଧ୍ୟା ରେ ପ୍ରବଚନ କଥାମୃତ ଅନୁଷ୍ଠିତ ହେବ । ୨ ରେ ଅଷ୍ଟପ୍ରହରୀ ନମଯଜ୍ଞ ଓ ସନ୍ଧ୍ୟାରେ ରାବଣ ପୋଡି, ୩ରେ ବାଲ୍ୟଲୀଳା ଓ ମେଲୋଡି, ୫ତାରିଖରେ ଗ୍ରାମ କଳାକାରଙ୍କୁ ନେଇ ସାମାଜିକ ନାଟକ ହା କୃଷ୍ଣ ବୋଲି ଯାଉ ଜିବ ମଞ୍ଚସ୍ଥ ହେବାର କାର୍ଯ୍ୟକ୍ରମ ରହିଥିବା ଜଣାଯାଇଛି।

## ଫୁଲ ବ୍ୟବସାୟୀଙ୍କ ପୁଅ ପାଇଲେ ଓଏଏସ

ଗୋପ, (ସବ୍ୟୁ): ଗାଁ ର ପୁଅ ସାହିଲ କୁମାର ପାତ୍ର ଆଜି ପ୍ରକାଶିତ ଓଏଏସ ( ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ) ପରୀକ୍ଷାରେ ,୧୫୧ର୍ୟାଙ୍କରେ କୃତ୍ୟ କାର୍ଯ୍ୟ ହେବା ପରେ ଗୋପ ବ୍ଲକ ଅନ୍ତର୍ଗତ ଇଷାଣପୁର ପଞ୍ଚାୟତ ଅଧିନ କଦମ୍ବପାଟେଣା ଗ୍ରାମରେ ଉତ୍ସାହର ମାହୋଲ ଦେଖାଯିବା ସହିତ ଏକ ଖୁସିର ଲହରୀ ଖେଳିଯାଇଛି। ଓଏଏସ ପରୀକ୍ଷାରେ କୃତ୍ୟ କାର୍ଯ୍ୟ ହୋଇଥିବା ବାପା ଆଲୋକ କୁମାର ପାତ୍ର ଜଣେ ପ୍ଲାଷ୍ଟିକ ଫୁଲ ବ୍ୟବସାୟୀ ହୋଇ ଥିବା ବେଳେ ମା ଶୁଭାସିନି ପାତ୍ର ସମିତିସଭ୍ୟା ଭାବରେ ସାଧାରଣ ଲୋକମାନଙ୍କ ସେବା କରୁଛନ୍ତି। ଓଏଏସ ପାଇଥିବା ୨୭ ବର୍ଷିୟା ସାହିଲ ଗାଁ ସ୍କୁଲରେ ସପ୍ତମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପରେ ବ୍ରହ୍ମଗିରି ଭଣ୍ଡାରିକୁଦା ଗଙ୍ଗାଧର ବିଦ୍ୟା ନିକେତନ ରେ ପାଠ ପଢିବା ଆଉ ପଛକୁ ଚାହିଁ ନାହାନ୍ତି। ଗୋପ ବ୍ଲକର କଦମ୍ବପାଟେଣା ଗାଁ ରେ ସାହିଲ ପ୍ରଥମେ ଓଏଏସ ପରୀକ୍ଷା ରେ କୃତ୍ୟ କାର୍ଯ୍ୟ ହୋଇଥିବାରୁ ଗାଁ ରେ ଖୁସିର ମାହୋଲ ଦେଖା ଦେଇଥିବା ବେଳେ ବିଭିନ୍ନ ସ୍ଥାନରୁ ଶୁଭେଚ୍ଛା ଓ ଅଭିନନ୍ଦନ ଆସୁଥିବା ଜଣା ପଡିଛି।

## ମହାନଦୀରେ ଭାସି ଯାଉଥିବା ଗୋ ମାତା ଉଦ୍ଧାର



ବାଙ୍କୀ ,(ସବ୍ୟୁ): ଗତ ତିନି ଦିନ ଧରି ମହାନଦୀରେ ବନ୍ୟା ଜଳ ବୃଦ୍ଧି ପାଇଥିଲା ବେଳେ ବାଙ୍କୀ ବ୍ଲକ ବୈଦେଶ୍ୱର ନିକଟସ୍ଥ ଟି ବ୍ରିଜ ନିକଟ ପଠାରେ ଗୋଟିଏ ଗାଈ ଭାସି ଭାସି ଆସି ଲାଗି ରହିଥିଲା। ପାଣି ସ୍ରୋତ ଜୋର୍ ଥିବାରୁ ସେ ପଠା ଉପରକୁ ଉଠି ପାରୁଥିଲା ନା ପହଁରି ପହଁରି ଆସି ପାରୁଥିଲା । ଏକ ବୁଦା ମୂଳେ ଜୀବନ ବଞ୍ଚାଇବାକୁ ଚେଷ୍ଟା କରି କରି ହତାଶ ହୋଇ ଲାଗି ରହି ଥିବାର ଦୃଶ୍ୟ ଟି ବ୍ରିଜ ଉପରେ ଯାଉ ଥିବା ଲୋକେ ଦେଖି କଳାପଥର ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ଦେଇଥିଲେ ।ଖବର ପାଇ କଳାପଥର ଅଗ୍ନିଶମ ବିଭାଗ ର ଅଧିକାରୀ ନରେନ କୁମାର ମହାନ୍ତିଙ୍କ ନେତୃତ୍ୱ ରେ ଏକ ଟିମ ମହାନଦୀ କୂଳରେ ପହଞ୍ଚିଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ସାହାସ ଯୁଟାଇ ସିଂହନାଥ ଦେବଙ୍କ ପୀଠରୁ ପାୱାର ବୋଟରେ ପ୍ରଖର ସ୍ରୋତରେ ଗାଈ ପାଖକୁ ଯାଇ କୌଶଳ କ୍ରମେ ଗାଈକୁ ଧରି ଦଉଡ଼ି ସାହାଯ୍ୟରେ ବୋଟ ସାଥିରେ ଧରି ଧିରେ ଧିରେ ମହାନଦୀ ର ପ୍ରଖର ସ୍ରୋତ ରେ କୂଳକୁ ସୁରକ୍ଷିତ ଭାବେ ଆଣି ଥିଲେ। ସୁରକ୍ଷିତ ଭାବେ ଗାଈ ଟିକୁ ବାହାରେ ଛାଡି ଦେଇଥିଲେ। ତେବେ ଗାଈ ଟି କେଉଁଠୁ ଭାସି ଭାସି ଆସି ଥିଲା ତାହା ସଠିକ ଭାବେ ଜଣା ପଡୁ ନାହିଁ।

## ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ

ସାକ୍ଷୀଗୋପାଳ,(ସବ୍ୟୁ): ପୁରୀ ଡିଭିଜନ ଶ୍ରମ କମିଶନର କାର୍ଯ୍ୟାଳୟ ଓ ଅଟଳ ନିର୍ମାଣ ଶ୍ରମିକ ମହାସଂଘ ପକ୍ଷରୁ ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଏକ ମଣ୍ଡପରେ ରବିବାର ଦିନ ନିର୍ମାଣ ଶ୍ରମିକ ହିତାଧିକାରୀ ମାନଙ୍କୁ ସହାୟତା ରାଶି ପ୍ରଦାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ପୁରୀ ସାଂସଦ ଡ଼ା. ସମ୍ବିତ ପାତ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦଘାଟନ କରି ଦେଶର ବିକାଶ ରେ ଶ୍ରମିକ ମାନଙ୍କର ଭୂମିକା ଅତୁଳନୀୟ ବୋଲି କହିଥିଲେ। ଉତ୍ସବ ରେ ଅଧକ୍ଷତା କରିଥିଲେ ମହାସଂଘ ସଭାପତି ତଥା ସତ୍ୟବାଦୀ




ବିଧାୟକ ଓମ ପ୍ରକାଶ ମିଶ୍ର। ସମ୍ମାନିତ ଅତିଥି ଭାବରେ ମଣ୍ଡଳ ଶ୍ରମ କମିଶନର ଚୌଧୁରୀ ସୁବ୍ରତ କୁମାର ଜେନା, ଜିଲ୍ଲା ଶ୍ରମ ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ, ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ସଭ୍ୟା ବିଷ୍ଣୁ ପ୍ରିୟା ବରାଳ ଯୋଗଦେଇ ହିତାଧିକାରୀ ମାନଙ୍କୁ ସହାୟତା ରାଶି ବାବଦରେ ବ୍ୟାଙ୍କ ଚେକ ପ୍ରଦାନ କରିଥିଲେ। ଅଟଳ ନିର୍ମାଣ ଶ୍ରମିକ ମହାସଂଘ କାର୍ଯ୍ୟକାରୀ ସଭାପତି ଅଶ୍ୱିନୀ କୁମାର ନନ୍ଦ, ଉପସଭାପତି ସୁଦର୍ଶନ ରାଉଳ, ବିଚିତ୍ର କୁମାର ସାହୁ, ସମ୍ପାଦକ ମହେଶ୍ୱର ମୁଦୁଲିଙ୍କ ସହିତ ବ୍ଲକ ଶ୍ରମ ଅଧିକାରୀ, ମହାସଂଘ ର କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ। ବିଭିନ୍ନ ଶ୍ରମିକ କଲ୍ୟାଣ ଯୋଜନାରେ କଣାସ ଓ ସତ୍ୟବାଦୀ ବ୍ଲକର ହିତାଧିକାରୀ ମାନଙ୍କୁ ସହାୟତା ପ୍ରଦାନ କରାଯାଇଥିଲା।

## ଗୋଷ୍ଠୀ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

କଣାସ,(ସବ୍ୟୁ): ପୁରୀ ଜିଲ୍ଲା କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସେବା ପକ୍ଷ ଆରମ୍ଭ ହୋଇଥିବା ବେଳେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ ।ଏହି ପରିପ୍ରେକ୍ଷୀରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସଚ୍ଛୋକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ବ୍ଲକ ଅଧକ୍ଷା ଶ୍ରୀମତୀ ପ୍ରଭାତୀ ରାଉତ ଉଦ୍ଘାଟନ କରିଥିଲେ । ପୁରୀ ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଡାକ୍ତର ଦୀପକ କୁମାର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆଜି ୪୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଅଧିକ୍ଷକ ଡାକ୍ତର କ୍ଷମାନିଧି ସେଠୀ ୨୩ ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଓ ୬ ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମହିଳାମାନଙ୍କର ବିସ୍ତୃତ ସ୍ୱାସ୍ଥ୍ୟ ପରୀକ୍ଷା, ପରାମର୍ଶ, ଓ ସଚେତନତା କାର୍ଯ୍ୟକ୍ରମର ଚାଲୁ ରହିଥିବା କଥା ପ୍ରକାଶ କରିଥିଲେ। କଣାସରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନରେ ଆଜିସୁଧା ୭୬ ହଜାର ଦୁଇଶହ ୪୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିବା ଜଣାପଡିଛି। ଡାକ୍ତର ସବ୍ୟସାଚୀ ମହାପାତ୍ର, ଡାକ୍ତର ବିବେକ ଅନୁରାଗ, ଡାକ୍ତର ସୌମ୍ୟ ରଞ୍ଜନ ସେଠୀ, ଡାକ୍ତର ବିଶ୍ୱରଜନ ଜେନା, ସର୍ୱର୍ଣ୍ଣଲତା ରଥ, ଧନେଶ୍ୱର ସୱାଇଁ, କଳିଙ୍ଗ କୁମାର ଉପାଧାୟ, ଅନ୍ତର୍ଜାମୀ ମହାପାତ୍ର, ତପନ ଚୌଧୁରୀ, ଲୋକନାଥ ଦଳେଇ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ପ୍ରକାଶ ଥାଉକି ତିରିଶ ବର୍ଷରୁ ଊର୍ଦ୍ଧ୍ବ ବ୍ୟକ୍ତିଙ୍କର ରକ୍ତଚାପ, ମଧୁମେହ, କର୍କଟ, ରକ୍ତହୀନତା ଓ ମାନସିକ ରୋଗ ସମ୍ପର୍କରେ ପରୀକ୍ଷା ଓ ଷାଠିଏ ବର୍ଷରୁ ଊର୍ଦ୍ଧ୍ବ ଲୋକଙ୍କର ଯକ୍ଷ୍ମା, ମାନସିକ ରୋଗ ସ୍କ୍ରିନିଙ୍ଗ କରାଯାଇଥିଲା। ରକ୍ତଦାନ ମହତ ଦାନ ଭଳି ପୁଣ୍ୟ କରିଥିବା ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ ମୁଖ୍ୟ ଚିକିତ୍ସା ଅଧିକାରୀ କ୍ଷମାନିଧି ସେଠୀ ସ୍ୱାସ୍ଥ୍ୟ ବିଭାଗ ତରଫରୁ କୃତଜ୍ଞତା ଜଣାଇଥିଲେ ।

## ଧର୍ମପରାୟଣା ମହିଳାଙ୍କ ପରଲୋକ

ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଗ୍ରାମର ସୁଶାନ୍ତ କୁମାର ପ୍ରଧାନଙ୍କ ପତ୍ନୀ ଧର୍ମପରାୟଣା ମହିଳା ସୁଜାତା ପ୍ରଧାନ (୪୭)ଙ୍କର ନିଜ ବାସ ଭବନରେ ବିୟୋଗ ଘଟିଛି। ସେ ଦୀର୍ଘଦିନ ଧରି କର୍କଟ ରୋଗରେ ପୀଡ଼ିତ ଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ଏକ ଶୋଭାଯାତ୍ରାରେ ତାଙ୍କ ମର ଶରୀରକୁ ବଜାର ପରିକ୍ରମା କରାଯାଇ ପୁରୀ ନିଆଯାଇଥିଲା। ପୁତ୍ର ଶୁଭକାନ୍ତ ପ୍ରଧାନ ମୁଖାଗ୍ନି ଦେଇଥିଲେ ।

## ପଣ୍ଡିତ ଦିନ ଦୟାଲ ଉପାଧାୟଙ୍କ ଜୟନ୍ତୀ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୋଳ ସ୍ଥିତ ମା ତାରାଦେବୀ ଙ୍କ ପୀଠ ଠାରେ ବଡପୋଖରିଆ ବିଜେପି ମଣ୍ଡଳ ସଭପତି ମାଧବ ପ୍ରସାଦ ମହାନ୍ତିଙ୍କ ସଭାପତିତ୍ୱ ରେ ପଣ୍ଡିତ ଦିନ ଦୟାଲ ଉପାଧାୟଙ୍କ ୧୧୦ ତମ ଜନ୍ମ ଜୟନ୍ତୀ ଓ ସେବା ପକ୍ଷ ପାଳିତ ହୋଇଯାଇଛି । ଏହି ଅବସରରେ ମଣ୍ଡଳ ସ୍ତରୀୟ ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବରେ ବିଜେପି ର ପୂର୍ବତନ ଖୋର୍ଦ୍ଧା ଜିଲ୍ଲା ସଭାପତି ନିକୁଞ୍ଜ କିଶୋର ପଟ୍ଟନାୟକ ଯୋଗ ଦେଇଥିଲେ। ସ୍ଥାନୀୟ ବିଜେପି ନେତା କର୍ମୀ ମାନେ ଉପସ୍ଥିତ ରହିଥିଲେ।

## ଦଶହରାରେ ୩ ମଣ୍ଡପରେ ମଞ୍ଚସ୍ଥ ହେବ ନାଟକ

ବାଲିପାଟଣା,(ସବ୍ୟୁ): ମା ଦୁର୍ଗା ଓ ହରପାର୍ବତୀଙ୍କ ପୂଜା ପାଇଁ ବାଲିପାଟଣା ଓ ବନମାଳୀପୁର ଚଳଞ୍ଚଳ ହୋଇ ଉଠିଛି । ଏ ବର୍ଷ ୩ ସାଂସ୍କୃତିକ ପରିଷଦ ତରଫରୁ ଦର୍ଶକଙ୍କ ମନୋରଞ୍ଜନ ପାଇଁ ନାଟକ ମଞ୍ଚସ୍ଥ ହେବ ବୋଲି ଜଣା ପଡିଛି । ସେଥିପାଇଁ ଆଖଡ଼ାଶାଳା ଚଳ ଚଞ୍ଚଳ ହୋଇଛି । ସୂଚନା ଅନୁସାରେ ବାଲିପାଟଣା ସାର୍ବଜନୀନ ଦୁର୍ଗା ପୂଜା କମିଟି ଓ ଶ୍ରୀ ବୁଦ୍ଧନାଥ ବ୍ୟବସାୟୀ ସଙ୍ଘ ଏବଂ ମହାବୀର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆସନ୍ତା ଅକ୍ଟୋବର ୧ ନବମୀ ରାତିରେ କାହାଣୀ କାନ୍ଦୁଛି ଆଖି ଲୁଚେଇ ଏବଂ ୨ ତାରିଖ ଦଶହରା ରେ ଆସିଛି ଏକା ଯିବି ମୁଁ ଏକା ନାଟକ ପ୍ରସ୍ତୁତି ଚାଲିଛି ନିର୍ଦ୍ଦେଶକ ଭଗବାନ ପଣ୍ଡା ଓ ସହ ନିର୍ଦ୍ଦେଶକ ଦୀପକ ପ୍ରଧାନ ଏବଂ ସୁରେଶ ମହାରଣା ନାଟକ ଶିକ୍ଷା ଦେଉଛନ୍ତି ।ସେଥିପାଇଁ ସକାଳୁ ରାତି ପର୍ଯ୍ୟନ୍ତ ଆଖଡ଼ା ଶାଳା ଜମୁଛି ।ସେହିପରି ବନମାଳୀପୁର କୁଶଭଦ୍ରା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ନବମୀ ରାତିରେ ଆଖି ଅବୁଝାକୁ ଲୁହ ଅବୁଝା ଏବଂ ଦଶହରାରେ କାନ୍ଦେନା ଲୁହ ସରିଯିବ ନିର୍ଦ୍ଦେଶକ ତ୍ରିଦେବ ଛୋଟରାୟ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ।ସେହିପରି ବନମାଳୀପୁର ହରପାର୍ବତୀ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ନବମୀ ରାତିରେ ' ମଝି ନଈରେ ମୋ ଜୀବନ ଡ଼ଙ୍ଗା ଏବଂ ଦଶମୀ ରେ ମିଛ ସଂସାର ' ନାଟକ ମଞ୍ଚସ୍ତ ହେବ ବୋଲି ଜଣା ପଡିଛି । ଅନୁଷ୍ଠାନ ତରଫରୁ ନାଟକକୁ ଅଧିକ ସରସ ସୁନ୍ଦର କରିବାକୁ ପ୍ରାଣ ମୁର୍ଚ୍ଛା ଉଦ୍ୟମ ଜାରି ରହିଛି । ତେଣୁ ଚଳିତ ବର୍ଷ ଦଶହରାରେ ଦର୍ଶକ ପୂଜା ମଣ୍ଡପ ବୁଲିବା ସହ ନାଟକ ସୱାଦ ପାଇବେ ବୋଲି କମିଟି ଆଶାବାଦୀ ରହିଛନ୍ତି ।

## ବିଦ୍ୟାଳୟରେ ପୋଷାକ ବିତରଣ




ବଡମ୍ବା,(ସବ୍ୟୁ): କଟକ ଜିଲ୍ଲା ବଡମ୍ବା ସଦର ମହକୁମା ନିକଟବର୍ତ୍ତୀ ଗଡାପୋଖରୀ ଗ୍ରାମ ପଞ୍ଚାୟତର ଚମ୍ପେଇଦ୍ୱାର ଗଡାପୋଖରୀ ଉନ୍ନୀତ ମଧ ଇଂରାଜୀ ବିଦ୍ୟାଳୟରେ ଚଳିତ ବର୍ଷ ପାଇଁ ପୋଷାକ ବିତରଣ ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା ସମିତିର ଅଧକ୍ଷ କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ଅଧକ୍ଷତାରେ ଓ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ସମ୍ମାନିତ ଅତିଥିଭାବେ ରଗ ନୋଡାଲ ଉଚ୍ଚ ବିଦ୍ୟାଳୟ କ୍ଲଷ୍ଟରର ସାଧନ କେନ୍ଦ୍ର ସଂଯୋଜକ ସୁରସୁନ୍ଦର ଶତପଥୀ ଯୋଗଦେଇଥିଲେ । ଚଳିତ ବର୍ଷ ସ୍ୱୟଂ ସହାୟକ ଗୋଷ୍ଠୀର ମାତା, ଭଗିନୀମାନଙ୍କୁ ଆତ୍ମନିର୍ଭର ଶୀଳ ହେବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପୋଷାକ ଯୋଗାଇ ଦିଆଯାଇଥିବାରୁ ବ୍ଲକ ଶିକ୍ଷାଧିକାରୀ,ଜିଲ୍ଲା ଶିକ୍ଷାଧିକାରୀ ଓ ଲୋକପ୍ରିୟ ସରକାରଙ୍କୁ ସମସ୍ତେ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ୨ହଳ ପୋଷାକ, ଜୋତା, ମୋଜା ସହିତ ହାଉସ ପୋଷାକ, ଟୋପି ଓ ବିଦ୍ୟାର୍ଥୀ ପରିଚୟ ପତ୍ର ଦିଆଯିବା ପାଇଁ ସ୍ଥିରୀକୃତ ହୋଇଛି ।ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଶାନ୍ତିଲତା ନାଏକ, ଅନିତା କୁମାରୀ ନାଏକ,ଶତ୍ରୁଘ୍ନ ବେହେରା,ସତୀଶ କୁମାର ମହାନ୍ତି,ଅକ୍ଷୟ କୁମାର ନାଏକ,ବିଜୟ କୁମାର ନାଏକ, ହରପ୍ରିୟା ସାହୁ ଉପସ୍ଥିତ ଥିଲେ । ସର୍ବ ଶେଷରେ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଶାରଦୀୟ ପୂଜା ନେଇ ଦୁର୍ଗା କ୍ଲବ ବୈଠକ

ଅସ୍ତରଙ୍ଗ,(ସବ୍ୟୁ): ପୁରି ଜିଲ୍ଲା ଅସ୍ତରଙ୍ଗ ବଜାର ସ୍ଥିତ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ମା ଦୁର୍ଗା କ୍ଲବର ପ୍ରସ୍ତୁତି ବୈଠକ ଶୁକ୍ରବାର ଦିନ ଅନୁଷ୍ଠାନର ସଭାପତି ଦିବ୍ୟଦର୍ଶୀ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ତାହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ବି ଡି ଓ, ସସ୍ମିତା ବେହେରା, ଥାନା ଅଧିକାରୀ ଦୁର୍ଗା ଚରଣ ମହାପାତ୍ର, ସୱାସ୍ଥ୍ୟକେନ୍ଦ୍ର ର ଡାକ୍ତର ଶଶୀ ଶେଖର ସେନାପତି, ଅଗ୍ନିଶ୍ରମ ଅଧିକାରୀ ପ୍ରହଲାଦ ରାୟ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ଦଶହରା ସମୟରେ ମାଙ୍କୁ ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ ସମସ୍ୟା ଅଗ୍ନି ଦାଉରୁ ରକ୍ଷା ପାଇଁ ସୁ ବନ୍ଦୋବସ୍ତ,ମେଡିକାଲ ଟିମ ଉପସ୍ଥିତ, ସଠିକ ବିଦ୍ୟୁତ ସେବା ଆଦି ଉପରେ ଆଲୋଚନା କରା ଯାଇଥିଲା ।ସମସ୍ତ କାର୍ଯ୍ୟକ୍ରମ କିପରି ସଠିକ ଭାବେ କିପରି ପରି ଚାଳନା ହେବ ସେ ନେଇ ଉପରିସ୍ଥ ଅଧିକାରୀ ମାନେ ନିଜ ନିଜର ମତ ପୋଷଣ କରି ଥିଲେ । ଏହି ବୈଠକରେ ମା ଦୁର୍ଗା କ୍ଲବ ଉପ ସଭାପତିପ୍ରକାଶ ଚନ୍ଦ୍ରବେହେରା, ସମ୍ପାଦକ ରବୀନ୍ଦ୍ର ପରିଡା, ସହ ସମ୍ପାଦକ ରାକେଶ ମହାନ୍ତି, ଉପ ଦେଷ୍ଟା ଲୋକ ନାଥ ପରିଡା, ଦୁଷ୍ମନ୍ତ ପରିଡା ଓ ପୁରନ୍ଦର ବେହେରା, କର୍ତ୍ତା ରବୀନ୍ଦ୍ର ମହାନ୍ତି, ସାଂସ୍କୃତିକ ସମ୍ପାଦକ କମଳେଶ ଛାଟୋଇ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତ ରଖି ଥିଲେ ।

## ମା ବଗଳାଦେବୀଙ୍କ ପୀଠରେ ଶାରଦୀୟ ପୂଜା

ପିପିଲି ,(ସବ୍ୟୁ): ପିପିଲି ବ୍ଲକ ଅନ୍ତର୍ଗତ ଦାଣ୍ଡମୁକୁନ୍ଦପୁର ଗ୍ରାମ ପ୍ରଥମ ଭାଗ ରେ ଅବସ୍ଥିତ ମା ବଗଳା ଦେବୀଙ୍କ ପୀଠରେ ଚାଲିଛି ନବରାତ୍ରି ଶାରଦୀୟ ଉତ୍ସବ । ଚଳିତବର୍ଷ ପ୍ରଥମ କରି ଠାକୁରାଣୀ ଚାନ୍ଦିମେଢ ରେ ସୁସଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି।ଦାଣ୍ଡମୁକୁନ୍ଦପୁର ଏବଂ ଏହାର ଆଖପାଖ ଅଂଚଳର ଅନନ୍ୟ ଶକ୍ତିପୀଠ ଭାବେ ପରିଚିତ ଏହି ଦେବିପୀଠ ଏବେ ଚଣ୍ଡୀପାଠ ରେ ମୁଖରିତ ହେଉଥିବା ବେଳେ ମନସ୍କାମନା ପୂରଣ ପାଇଁ ପ୍ରତି ଦିନ ସନ୍ଧ୍ୟାରେ ମାନସିକ ଧାରୀ ମାନଙ୍କୁ ଦେଖିବାକୁ ମିଳୁଛି ।ମା ଙ୍କ ଏହି ପାର୍ବଣ ଉତ୍ସବ ଆଶ୍ୱିନ ଶୁକ୍ଲପକ୍ଷ ପ୍ରତିପଦା ଠାରୁ ମୁଖ୍ୟ ପଣ୍ଡିତ ଦେବାଶିଷ ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ୧୮ ଜଣ ବ୍ରାହ୍ମଣ ଙ୍କ ଦ୍ୱାରା ହେଉଛି। ଦାଣ୍ଡମୁକୁନ୍ଦପୁର ସ୍ଥିତ ଭକ୍ତ ସାଲବେଗ ଙ୍କ ପୀଠ ନିକଟରେ ଥିବା ଏହି ଶକ୍ତିପୀଠ ରେ ନବରାତ୍ରି ରେ ନ ଟି ବୋଧନ ଦ୍ରବ୍ୟରେ ଠାକୁରାଣୀ ସଂସ୍କାର ହୋଇଥାନ୍ତି । ଏହି ଅବସରରେ ପୀଠ ପରିସରରେ ନ ଦିନ ବ୍ୟାପି ବିଶ୍ୱ ଶାନ୍ତି ମହଜଜ୍ଞ ଅନୁଷ୍ଠିତ ହେଉଛି। ବିଜୟା ଦଶମୀ ରାତିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ର ଆୟୋଜନ ସହ ସମସ୍ତ ଭକ୍ତଙ୍କ ପାଇଁ ମନ୍ଦିର ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ମନ୍ଦିର ମୁଖ୍ୟ ପୂଜକ ଦେବାଶିଷ ନନ୍ଦ ସୂଚନା ଦେଇଛନ୍ତି।

## ମଙ୍ଗଳାଯୋଡିର ପ୍ରକୃତି ନିବାସ ପରିସରରେ ବିଶ୍ୱ ପର୍ଯ୍ୟଟନ ଦିବସ

ଟାଙ୍ଗୀ,(ସବ୍ୟୁ): ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ଟାଙ୍ଗୀ ବ୍ଲକ ର ପରିବେଶ ପର୍ଯ୍ୟଟନ ମାନ୍ୟତା ପ୍ରାପ୍ତ ବିହଙ୍ଗ ବିହାର ମଙ୍ଗଳାଯୋଡି ପ୍ରକୃତି ନିବାସ ପରିସରରେ ପରିବେଶ ପର୍ଯ୍ୟଟନ ଗୋଷ୍ଠୀ ତରଫରୁ ଉତ୍ସାହ ଉଦ୍ଦୀପନା ମଧ୍ୟରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମଙ୍ଗଳାଯୋଡି ସରପଞ୍ଚ ମାନସ ରଞ୍ଜନ ସାମନ୍ତରାୟ ଅଧକ୍ଷତା କରିଥିବା ବେଳେ ବାଲୁଗାଁ ବନଖଣ୍ଡ ବନ୍ୟପ୍ରାଣୀ ଅଧିକାରୀ ଅମ୍ଲାନ ନାୟକ ମୁଖ୍ୟ ଅତିଥି, ବରିଷ୍ଠ ସାମ୍ବାଦିକ ପଦ୍ମନାଭ ବିଶ୍ୱାଳ ମୁଖ୍ୟବକ୍ତାଓ ଟାଙ୍ଗୀ ବ୍ଲକ ଉପାଧକ୍ଷ ଦୁର୍ଗା ପ୍ରସାଦ ନାଥ ଶର୍ମା, ଟାଙ୍ଗୀ ବନଖଣ୍ଡ ବନ୍ୟପ୍ରାଣୀ ଅଧିକାରୀ ଚିତ୍ରସେନ ଜେନା, ମଙ୍ଗଳାଯୋଡିର ବନପାଳ ମୀନାକୁମାରୀ ନାୟକ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ପ୍ରଦାନ କରିବା ପରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। କ୍ଷେତ୍ର ପରିଚାଳକ ଦୀପ୍ତି ରଞ୍ଜନ ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ପରେ ପରିବେଶ କର୍ମୀ ତଥା ପରିବେଶ ପର୍ଯ୍ୟଟନ ଗୋଷ୍ଠିର ସକ୍ରିୟ ସଦସ୍ୟ ମାନସ ପ୍ରଧାନ ଅତିଥି ପରିଚୟ, ଉଦ୍ଦେଶ୍ୟ ଜ୍ଞାପନ ସହିତ ବିହଙ୍ଗ ବିହାର ମଙ୍ଗଳାଯୋଡିରେ ପର୍ଯ୍ୟଟକ ମାନଙ୍କୁ ଆକର୍ଷିତ କରିବାକୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାକୁ ପ୍ରସ୍ତାବ ରଖିଥିଲେ। ମଙ୍ଗଳାଯୋଡିରେ ଶିକ୍ଷିତ ଯୁବକ ଯୁବତୀ ମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ କରାଯାଇ ପର୍ଯ୍ୟଟନ ଶିଳ୍ପରୁ ଆର୍ଥିକ ରୋଜଗାର ହାସଲ କରିବା, ସନ୍ଧ୍ୟାରେ ପର୍ଯ୍ୟଟକ ମାନଙ୍କୁ ଅମୋଦିତ କରିବା ପାଇଁ ସ୍ଥାନୀୟ ଲୋକକଳା କୁ ପ୍ରୋତ୍ସାହିତ କରିବା,।ଚିଲିକା ଉପକୂଳରେ ଥିବା ବିସ୍ତିର୍ଣ୍ଣ ନଳ ଘାସ କୁ ଉତ୍ପାଟନ କରି ମତ୍ସ୍ୟଜୀବୀ ମାନଙ୍କ ଡ଼ଙ୍ଗା ନେବା ଆଣିବା କରିବାକୁ ସହଜ କରିବା, ବିଦେଶୀ ପକ୍ଷୀ ସୁରକ୍ଷାରେ ପ୍ରମୁଖ ଅବଦାନ ଗ୍ରହଣ କରୁଥିବା ହେତୁ ମଙ୍ଗଳାଯୋଡିକୁ ପକ୍ଷୀ ଅଭୟାରଣ୍ୟ ମାନ୍ୟତା ପ୍ରଦାନ ସହ ମଙ୍ଗଳାଯୋଡି ରାସ୍ତାଘାଟ ଇତ୍ୟାଦିର ଉନ୍ନତିକରଣ କରିବାକୁ ଆଲୋଚନା କରାଯାଇଥିଲା।ପ୍ରଶାସନିକ ସୀମା ସରହଦ ମଧ୍ୟରେ ଯାହା ସମ୍ଭବ ତାହା ନିଶ୍ଚିତ ରୂପେ କରାଯିବ ବୋଲି ବନ୍ୟପ୍ରାଣୀ ଅଧିକାରୀ ଶ୍ରୀ ନାୟକ ସୂଚନା ଦେଇଥିଲେ।ଗୋଷ୍ଠୀ ର ପବିତ୍ର ଦଳାଇ, ଶିବ ମାଝୀ,କ୍ଷେତ୍ର ପରିଚାଳକ ଦିପ୍ତୀ ରଂଜନ ମହାନ୍ତି, ମମତା ବେହେରା, ହରପ୍ରିୟା ବେହେରା, କାଳିକା ବେହେରା,ଙ୍କ ସମେତ ଲକ୍ଷ୍ମୀପ୍ରିୟା ସୱାଇଁ, ଶ୍ରୀକାନ୍ତ ଦଳାଇ, ରାଜେଶ ସାମନ୍ତରାୟ, ପବିତ୍ର ସାମନ୍ତରାୟ ଗ୍ରାମବାସୀ ଓ ବନରକ୍ଷୀ ନିରଞ୍ଜନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।ପ୍ରତିକୂଳ ପାଗ ସତ୍ତ୍ୱେ ବହୁ ସଂଖ୍ୟକ ମହିଳା ଏହି ସଭାରେ ଯୋଗଦେଇଥିଲେ।

## ୧୮ ଶିକ୍ଷକଙ୍କ ବଦଳି ପରେ ଅନ୍ୟମାନଙ୍କ ମନରେ ଛନକା

ଭାପୁର ,(ସବ୍ୟୁ): ଦୀର୍ଘ ବର୍ଷ ବ୍ୟବଧାନ ପରେ କୋଳି ମଞ୍ଜି ଖାଇ ଗଛ ପୋତିଥିବା ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷକ ବିଭାଗ ପକ୍ଷରୁ ଭାପୁର ବ୍ଲକର ୧୮ ଜଣ ଶିକ୍ଷକଙ୍କ ବଦଳି ଆଦେଶ ଆସିଛି। ଏହା ଫଳରେ ଅନ୍ୟ ଶିକ୍ଷକମାନଙ୍କ ମଧ୍ୟରେ ଛନକା ପଶିଛି।ବିଜିପୁର ଉପ୍ରା ବିଦ୍ୟାଳୟରୁ ସୁବାସିନୀ ଦେଇଙ୍କୁ ମଣିପୁର,ରାକମା ଉପ୍ରା ବିଦ୍ୟାଳୟ ତ୍ରିନାଥ ବେହେରାଙ୍କୁ ବଡସହରା, ଗଡ଼ଖୋଲ ବିଦ୍ୟାଳୟ ପ୍ରଫୁଲ୍ଲ ପ୍ରଧାନଙ୍କୁ ଫତେଗଡ଼ ଓ ନିରଞ୍ଜନ ବାରିକଙ୍କୁ ମାଣିକିଆ,ଚକ୍ରଧରପ୍ରସାଦ ବିଦ୍ୟାଳୟ ସରୋଜିନୀ ଲେଙ୍କାଙ୍କୁ ଝଗଡପଡା, ବେଗୁନିଆଁ ବିଦ୍ୟାଳୟ ର ବିଭୁତି ଭୂଷଣ ମିଶ୍ର ଙ୍କୁ. ମାଣିକିଆ ପିଠାଖାଇ, ଜାମୁସାହି ବିଦ୍ୟାଳୟ ଅଜୟ ନାୟକଙ୍କୁ ଯହରକୋଟ, ବଳଦିଆ ନୂଆଗାଁ ବିଦ୍ୟାଳୟର ବାସନ୍ତୀ ପ୍ରଧାନଙ୍କୁ ବାଇଗୁଣିଆ, ମାଣିବନ୍ଧ କେନ୍ଦୁପଲ୍ଲୀ ବିଦ୍ୟାଳୟର ମମତା ବାରିକଙ୍କୁ ପୁରୁଷୋତମ ପ୍ରସାଦ,ଭାପୁର ବିଦ୍ୟାଳୟ ର ଚିତ୍ତରଞ୍ଜନ ପଣ୍ଡାଙ୍କୁ ଛେଳିଆ ଓ ଛବିତା ଜାଲିଙ୍କୁ ଫତେଗଡ଼, ବାଲିଆପଟା ବିଦ୍ୟାଳୟର ବାସନ୍ତୀ ଦେଇଙ୍କୁ ବାଉଁଶବାଟି ଓ ପ୍ରକାଶ ରଞ୍ଜନ ନାୟକଙ୍କୁ ଭାପୁର, ଲୁଣିଆଉଟି ବିଦ୍ୟାଳୟର ଉପେନ୍ଦ୍ର ନାୟକଙ୍କୁ ଭାପୁର,ଓଳାସ ବିଦ୍ୟାଳୟ ରାଜକିଶୋର ସ୍ୱାଇଁ ଙ୍କୁ ଧାନଚାଙ୍ଗ ଉ.ପ୍ରା ବିଦ୍ୟାଳୟ କୁ ବଦଳି ହୋଇଛି ।



କଣାସ ଜଲିଆପଡ଼ା ମା ମଙ୍ଗଳାଙ୍କ କାତ୍ୟାୟିନୀ ବେଶ

(ଶ୍ରୀମଭଗବଦ୍ ଗୀତା ୧୮/୫୨)
–ମୋକ୍ଷଯୋଗଃ–
(ଶ୍ରୀଭଗବାନୁବାଚ )

**ବିବିକ୍ତସେବୀ ଲଘ୍ୱାଶୀ ଯତବାକ୍କାୟମାନସଃ ।**
**ଧ୍ୟାନଯୋଗପରୋ ନିତ୍ୟଂ ବୈରାଗ୍ୟଂ ସମୁପାଶ୍ରିତଃ ।। ୫୨।।**

ବିବିକ୍ତସେବି ( ନିର୍ଜନଦେଶାବସ୍ଥାୟୀ), ଲଘ୍ୱାଶୀ (ମିତଭୋଜୀ), (ଏଭିଃ ଉପାୟୈଃ) ଯତବାକ୍‌କାୟମାନସଃ (ସଂଯତବାଗ୍‌ଦେହଚିତ୍ତଃ) (ଭୂତ୍ୱା)), ନିତ୍ୟଂ (ସର୍ବଦା) ଧ୍ୟାନଯୋଗପରଃ (ଧ୍ୟାନେନ ଯୋ ଯୋଗଃ ବ୍ରହ୍ମସଂସ୍ପର୍ଶଃ ତତ୍ପରଃ ସନ୍ ), ଅହଙ୍କାରଂ, ବଳଂ (ଦୁରାଗ୍ରହଂ), ଦର୍ପଂ (ଯୋଗବଳାତ୍ ଉନ୍ମାର୍ଗପ୍ରବୃତ୍ତିଲକ୍ଷଣଂ), (ପ୍ରାରବ୍ଧବଶାତ୍ ପ୍ରାପ୍ୟମାଣେଷୁ ଅପି ବିଷୟେଷୁ ) କାମଂ, କ୍ରୋଧଂ, ପରିଗ୍ରହଂ ଚ ବିମୁଚ୍ୟ, ନିର୍ମ୍ମମଃ (ସନ୍), ଶାନ୍ତଃ ( ପରମାଂ ଶାନ୍ତିଂ ପ୍ରାପ୍ତଃ) ବ୍ରହ୍ମଭୂୟାୟ (ବ୍ରହ୍ମାହମିତି ନୈଶ୍ଚଲ୍ୟେନାବସ୍ଥାନାୟ) କଳ୍ପତେ (ଯୋଗ୍ୟା ଭବତି) ।। ୫୨।।

# ମୋଦିଜୀଙ୍କ ବିକଶିତ ଓଡ଼ିଶାର ସ୍ୱପ୍ନ

ବିକଶିତ ଭାରତର ସ୍ୱପ୍ନ ଦେଖି ଆସୁଥିବା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ପଛରେ ପଡ଼ିଥିବା ବିକଶିତ ଓଡ଼ିଶାର ସ୍ୱପ୍ନ ଦେଖି ବିଭୋର ହୋଇଛନ୍ତି । ଓଡ଼ିଶାବାସୀ ମଧ୍ୟ ଓଡ଼ିଶାର ବିକାଶ ପାଇଁ ମୋଦିଜୀଙ୍କ ଉପରେ ବିଶ୍ୱାସ ରଖିଛନ୍ତି । ଝାରସୁଗୁଡାଠାରେ ଗତ ସେପ୍ଟେମ୍ବର ୨୭ (୨୦୨୫)ରେ ଏକ ବିରାଟ ଯୁବ ସମାବେଶରେ ମୋଦିଜୀଙ୍କ ବିକଶିତ ଓଡ଼ିଶା ପାଇଁ ଉଦ୍‌ବୋଧନ ରାଜ୍ୟବାସୀଙ୍କୁ ବିଶେଷକରି ଯୁବବର୍ଗଙ୍କୁ ଆଶ୍ୱସ୍ତ କରିଛି । ଝାରସୁଗୁଡାରେ ଛାତ୍ରଛାତ୍ରୀ ଓ ଯୁବକମାନଙ୍କ ସମେତ ବହୁ ବୟସ୍କ ପୁରୁଷ ଓ ମହିଳା ମଧ୍ୟ ଯୋଗ ଦେଇଥିଲେ । ମୁଖ୍ୟତଃ ସ୍ୱଦେଶୀ କଳା କୌଶଳରେ ନିର୍ମିତ ବି.ଏସ୍.ଏନ୍.ଏଲ (ଭାରତ ସଞ୍ଚାର ସଂସ୍ଥା) ପକ୍ଷରୁ ଯେଉଁ ୪ଜି ଫୋନ ପାଇଁ ଲକ୍ଷେ ଟାୱାର ବସେଇବାର ସୁବିଧା କରାଯାଇଛି ତଦ୍ୱାରା ଦୁଇକୋଟିରୁ ଅଧିକ ଲୋକ ସେବା ପାଇପାରିବେ । ଝାରସୁଗୁଡାରୁ ଏହି ସେବାର ଶୁଭାରମ୍ଭ ଓଡ଼ିଶା ପାଇଁ କରାଯାଇଥିବାରୁ ମୋଦିଜୀ ଆନନ୍ଦ ପ୍ରକାଶ କରିଛନ୍ତି ।

ଉଲ୍ଲେଖନୀୟ ଯେ ଅତୀତରେ ବିଏସ୍‌ଏନ୍‌ଏଲର ୨ଜି ସ୍ପେକ୍‌ଟ୍ରମରେ ତତ୍କାଳୀନ ସଞ୍ଚାରମନ୍ତ୍ରୀ ଶ୍ରୀ ଡି ରାଜା ଓ ତତ୍କାଳୀନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂ ଦୁର୍ନୀତିରେ ଛନ୍ଦି ହୋଇ ପଡ଼ିଥିଲେ । ପ୍ରଧାନମନ୍ତ୍ରୀ ଦପ୍ତର ମଧ୍ୟ ଏହି ଦୁର୍ନୀତିରେ କୁଆଡେ ଜଡ଼ିତ ଥିଲା । ମାତ୍ର ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟ ସିଂଙ୍କୁ ଅସୁବିଧାରେ ନ ପକାଇବାକୁ ସମ୍ଭବତଃ ସେହି ଦୁର୍ନୀତି ଉପରେ ବେଶୀ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା । ବିଏସ୍‌ଏନ୍‌ଏଲକୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ବାରମ୍ବାର ଦେବାଳିଆ ଅବସ୍ଥାରୁ ଉଦ୍ଧାର କରିବାକୁ ଚାହିଁଥିଲେ । ନିଜ ଗୋଡରେ ନିଜେ ବିଏସ୍‌ଏନ୍‌ଏଲ ଛିଡା ହେଉ ନାହିଁ ବୋଲି ସେ କହିଥିଲେ । ମାତ୍ର ତାହା ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ପାଞ୍ଚବର୍ଷ ମଧ୍ୟରେ ସମ୍ଭବ ହେଲା ନାହିଁ । ଏପରିକି କଳ୍ପତ୍ରପ ହେଉଥିବା କଥା ପ୍ରଧାନମନ୍ତ୍ରୀ ନିଜେ ଅନୁଭବ କରି ବିଏସ୍‌ଏନ୍‌ଏଲକୁ ସଜାଡିବାକୁ ଉଦ୍ୟମ କରିଥିଲେ । ସୁଖର କଥା, ଓଡ଼ିଶାରୁ ହିଁ, ଝାରସୁଗୁଡାରୁ ହିଁ ବିଏସ୍‌ଏନ୍‌ଏଲର ନୂତନ ଜୀବନ ସଞ୍ଚାର ହେଲା । ମୋଦିଜୀ ତାଙ୍କ ଅଭିଭାଷଣରେ କହିଲେ ଯେ ଝାରସୁଗୁଡାରୁ ହିଁ ସ୍ୱଦେଶୀ ନେଟ୍‌ୱାର୍କର ଶୁଭାରମ୍ଭ ହେଲା ଓ ନୂଆ କ୍ରାନ୍ତି ଆସିବ । ସାରା ଦେଶର ଦୁଇ କୋଟିରୁ ଅଧିକ ଲୋକେ ଏହାଦ୍ୱାରା ଲାଭବାନ ହୋଇ ପାରିବେ । ସେ କହିଲେ ଯେ ଗ୍ରାମାଞ୍ଚଳରେ ମଧ୍ୟ ହାଇସ୍ପିଡ ନେଟ୍‌ୱାର୍କର ସୁବିଧା ମିଳିପାରିବ । ମୋଦିଜୀଙ୍କ ମତରେ ବିଏସ୍‌ଏନ୍‌ଏଲ ଏବେ ପଚିଶ ବର୍ଷରେ ପହଞ୍ଚିଛି । ବିଶ୍ୱ ଟେଲିକମ କ୍ଷେତ୍ରରେ ଭାରତ ଫେଣ୍ଟସ୍ଥଳୀ ହେବ । ସାରା ବିଶ୍ୱରେ ଭାରତ ଟେଲି ଯୋଗାଯୋଗ କ୍ଷେତ୍ରରେ ପଞ୍ଚମ ସ୍ଥାନରେ ରହିଛି ଏବେ । ଆଦିବାସୀ ଅଞ୍ଚଳରେ ଟେଲିଫୋନର ସୁବିଧା ମିଳିବ । ହିମାଳୟ ଉପରୁ ଥାଇ ଯବାନମାନେ ଆଉ କୃଷିକ୍ଷେତ୍ରର କୃଷକମାନେ ମଧ୍ୟ ସହଜରେ ଏହି ଟେଲି ଯୋଗାଯୋଗ ବ୍ୟବସ୍ଥାର ସୁଯୋଗ ପାଇ ପାରିବେ । ଭବିଷ୍ୟତରେ ବିଏସ୍‌ଏନ୍‌ଏଲକୁ ୫ଜିରେ ରୂପାନ୍ତର କରାଯିବ ଏବଂ ବିଭାଗୀୟ ମନ୍ତ୍ରୀ ନିଜେ ସେ ଦିଗରେ ତଦାରଖ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଥିଲେ ।

ଓଡ଼ିଶାକୁ ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରରେ ଆଗକୁ ନିଆଯିବ । ଇଞ୍ଜିନିୟରିଂ ଛାତ୍ରଛାତ୍ରୀମାନେ ଏହାଦ୍ୱାରା ଉପକୃତ ହେବେ । ଏପରିକି ଓଡ଼ିଶାରେ ସେମିକଣ୍ଡକ୍ଟର ଚିପ୍‌ସ୍ ସବୁ ତିଆରି ହେବାର ଯୋଜନା ରହିଛି । ଓଡ଼ିଶାର ପିଲାମାନେ ବୈଷୟିକ ଶିକ୍ଷା ଲାଭ ପାଇଁ ବାହାରକୁ ନ ଯାଇ ନିଜ ରାଜ୍ୟରେ କିପରି ରହି ପାଠ ପଢ଼ିବେ, ସେଥିପାଇଁ ଉଦ୍ୟମ ହେଉଛି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଛନ୍ତି । ଜିଏସ୍‌ଟି (ଦ୍ରବ୍ୟ ଓ ସେବା କର) ଆରମ୍ଭ କରାଯାଇ ଦେଶରେ ଏକପ୍ରକାର ସରଳ ଟିକସ ବ୍ୟବସ୍ଥାର ପ୍ରଚଳନ କରାଗଲା । ଏହାର ସଂସ୍କାରର ସୁଫଳ ଏବେ ଓଡ଼ିଶାବାସୀଙ୍କ ସମେତ ଭାରତବାସୀ ପାଇ ପାରୁଛନ୍ତି । ଯେଉଁ କଂଗ୍ରେସ ଏହା ବିରୋଧରେ ସ୍ୱର ଉତ୍ତୋଳନ କରୁଥିଲା, ସେହି କଂଗ୍ରେସ ଏବେ କିଛି କହି ପାରୁନାହିଁ ବୋଲି ମୋଦିଜୀ ମତବ୍ୟକ୍ତ କରିଥିଲେ । ସେ କହିଲେ ଯେ ଓଡ଼ିଶା ହେଉଛି କୃଷକଙ୍କ ରାଜ୍ୟ । ଗୋଟିଏ ଟ୍ରାକ୍ଟର ପାଇଁ ପୂର୍ବରୁ ଜଣେ କୃଷକକୁ ୧୭ ହଜାର ଟଙ୍କାର ଟିକସ ଦେବାକୁ ପଡୁଥିଲା । ଜିଏସ୍‌ଟି ସଂସ୍କାର ଦ୍ୱାରା ଏବେ କୃଷକଙ୍କୁ ଟ୍ରାକ୍ଟରରେ ୪୦ ହଜାର ଟଙ୍କାର ରିହାତି ମିଳୁଛି । କେନ୍ଦୁପତ୍ର ତୋଳାଳୀମାନଙ୍କୁ କମ୍ ଟିକସର ସୁବିଧା ବିଜେପି ସରକାର ଦେଇଛି ବୋଲି ସେ କହିଥିଲେ । ଏପରିକି ସାଧାରଣ ଲୋକଙ୍କୁ ଓ ମା' ଭଉଣୀମାନଙ୍କୁ ବିଜେପି ସବୁ କ୍ଷେତ୍ରରେ ଅଗ୍ରାଧିକାର ଦେଇ ଆସିଛି । ସେମାନଙ୍କର ନିତ୍ୟ ଆବଶ୍ୟକ ପଡୁଥିବା ଜରୁରୀ ଦ୍ରବ୍ୟ ଓ ରାସନ ପ୍ରଭୃତିର ଦର ଜିଏସ୍‌ଟି ସଂସ୍କାରରେ ହ୍ରାସ ପାଇଛି ବୋଲି ମଧ୍ୟ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ତାଙ୍କ ଅଭିଭାଷଣରେ ପ୍ରକାଶ କରିଥିଲେ ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ବିଶ୍ୱରେ ରାଜନୀତିକ ଜଟିଳତା ଓ ଭାରତ



**ତେଜେଶ୍ୱର ପଟ୍ଟନାୟକ**

ବିଶ୍ୱର ବୃହତ ଶକ୍ତି ଭାବରେ ଆମେରିକାର ପ୍ରଭାବ ହ୍ରାସ ପାଇବା ସଙ୍ଗେ ସଙ୍ଗେ ବିଶ୍ୱ ଭୂରାଜନୀତିରେ ବହୁପକ୍ଷୀୟ ଗୋଷ୍ଠୀ ସଦସ୍ୟ ରାଷ୍ଟ୍ରମାନେ ଏକାଠି ହେବା କ୍ରମଶଃ ସ୍ପଷ୍ଟ ବାରି ହେଉଛି ।

ଭାରତ ଭଳି ବନ୍ଧୁରାଷ୍ଟ୍ରର ରପ୍ତାନୀ ଦ୍ରବ୍ୟ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିବା ପାଇଁ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ନିଷ୍ପତ୍ତି ଆମ ଦେଶରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି ।

ତଥାପି ଭାରତ ସରକାର ଟ୍ରମ୍ପଙ୍କ ଚାପ ଆଗରେ ମୁଣ୍ଡ ନୁଆଁଇ ନାହିଁ ଓ ଆମରିକାର ବାଣିଜ୍ୟ ନୀତିକୁ ପ୍ରତିରୋଧ କରି ନିଜର ସ୍ୱାଧୀନ ମତ ବଜାୟ ରଖିଥିଲା ଏବଂ ରୁଷରୁ ତେଲ କିଣୁଛି ।

ଚୀନର ଟିଆନଜିନ ସହରରେ ବିଗତ ଅଗଷ୍ଟ ମାସରେ ହୋଇଥିବା ଏସ ସି ଓ ଶିଖର ସମ୍ମିଳନୀ (Shanghai cooperation organization summit )ରେ ରୁଷ ,ଭାରତ ଓ ଚୀନର ରାଷ୍ଟ୍ର ନେତାମାନେ ଯଥା ,ପୁଟିନ, ମୋଦି ଏବଂ ସି ଜିନପିଙ୍ଗଙ୍କ ମଧ୍ୟରେ ଅନୌପଚାରିକ ଆଲୋଚନା ଆନ୍ତର୍ଜାତିକ ସ୍ତରରେ ବିଶେଷ ଧ୍ୟାନ ଆକର୍ଷଣ କରିଥିଲା ।

ଏହି ଘଟଣା ଯୁକ୍ତରାଷ୍ଟ୍ର ଆମେରିକାରେ ମଧ୍ୟ ବିରାଟ ଝଡ଼ ସୃଷ୍ଟି କରିଛି । ଫଳ ସ୍ୱରୂପ ରାଷ୍ଟ୍ରପତି ଟ୍ରମ୍ପ ଭାରତ ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରଶଂସା କରି ଏକ ବିବୃତ୍ତି ଜାରି କରିଥିଲେ । ଭାରତ ସହିତ ଆମେରିକାର ବିଶେଷ ସମ୍ପର୍କକୁ ସେ ତାଙ୍କ ବିବୃତିରେ ଉଲ୍ଲେଖ କରିଥିଲେ । ଟ୍ରମ୍ପଙ୍କ ଏହି ବାର୍ତ୍ତାକୁ କୂଟନୀତି ବିଶାରଦମାନେ ଭାରତ ଓ ଆମେରିକା ମଧ୍ୟରେ ସମ୍ପର୍କ ସୁଧାରିବା ଦିଗରେ ଏକ ସକାରତ୍ମକ ମନ୍ତବ୍ୟ ରୂପେ ବିବେଚନା କରିଥିଲେ । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଯେ ଆମେରିକା ସହିତ ଭାରତର ସହଭାଗିତା ସକାରାତ୍ମକ ଏବଂ ଭବିଷ୍ୟତମୁଖୀ ଅଟେ । ଆଜିର ଜଟିଳ ବୈଶ୍ୱିକ ରାଜନୀତିରେ ରାଷ୍ଟ୍ରଗୁଡ଼ିକ ନିଜର ପ୍ରଭାବିସ୍ତାର କରିବା ଏବଂ ଜାତୀୟ ସ୍ୱାର୍ଥକୁ ଅଗ୍ରାଧିକାର ଦେବା ପାଇଁ ଭୂ-ଆର୍ଥିକ ରଣନୀତି ଉପରେ ନିର୍ଭର କରନ୍ତି । ଆର୍ଥିକ କଟକଣା ଲାଗୁ କରିବା ଆମେରିକାର ବୈଦେଶିକ ନୀତିର ପ୍ରମୁଖ ଅସ୍ତ୍ର ଅଟେ । ଉଦାହରଣ ସ୍ୱରୂପ, ଆମେରିକା ଏବଂ ୟୁରୋପୀୟ ସଂଘ ରୁଷ ଓ ଇରାନ ଉପରେ ଦୀର୍ଘ ଦିନ ଧରି କଠୋର ଆର୍ଥିକ ପ୍ରତିବନ୍ଧକ ଲଗାଇଛନ୍ତି ।

ଏହି ପୃଷ୍ଠଭୂମିରେ, ଭାରତ ନିଜ ବୈଦେଶିକ ନୀତିରେ, ଅର୍ଥନୈତିକ ଶକ୍ତି ଏବଂ ରଣନୈତିକ ସ୍ୱାୟତ୍ତତାକୁ (strategic. Autonomy ) ଅଧିକ ପ୍ରାଥମିକତା ଦେବା ସ୍ୱାଭାବିକ । ଭାରତ –ଚୀନ୍ ସମ୍ପର୍କରେ ସୁଧାର ଆଣିବା ସ୍ୱାଗତଯୋଗ୍ୟ ଅଟେ । କିନ୍ତୁ ଆମକୁ ବିଶେଷ ସତର୍କତା ଅବଲମ୍ବନ କରିବା ଉଚିତ ।

ଚୀନକୁ ଏକ ଭରସାଯୋଗ୍ୟ ବନ୍ଧୁ ଦେଶ ଭାବେ କେବେ ବି ବିଶ୍ୱାସ କରିହେବ ନାହିଁ । ତେବେ ଆମ ଦୁଇ ଦେଶର ବାଣିଜ୍ୟିକ ସମ୍ପର୍କକୁ ଗୁରୁତ୍ୱ ଦେବା ଉଚିତ । ଅନ୍ୟପକ୍ଷରେ ଗତ ତିନି ଦଶନ୍ଧି ଧରି ଭାରତକୁ ଆମେରିକାର ଏକ ପ୍ରାକୃତିକ ସହଯୋଗୀ ଭାବରେ ଜଣାଶୁଣା । କାରଣ ଉଭୟ ବିଶ୍ୱର ଗଣତାନ୍ତ୍ରିକ ରାଷ୍ଟ୍ର । ଏହି ଦୁଇ ଦେଶର ସରକାରଙ୍କ ମଧ୍ୟରେ ବର୍ତ୍ତମାନ ବାଣିଜ୍ୟ କାରବାର ସମ୍ବନ୍ଧୀୟ ଆଲୋଚନା ଚାଲିଛି ।

ବିଶ୍ୱର ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ର ଆମେରିକା, ଚୀନକୁ ଆର୍ଥିକ ଏବଂ ସାମରିକ କ୍ଷେତ୍ରରେ ମୁଖ୍ୟ ପ୍ରତିଦ୍ୱନ୍ଦୀ ଭାବେ ଦେଖୁଛି । ଭାରତର କୂଟନୀତି ଏହି ପରିପ୍ରେକ୍ଷୀରେ ବିଶ୍ୱ ରାଜନୈତିକ ଦୃଶ୍ୟପଟରେ ସନ୍ତୁଳନତା ଏବଂ ସ୍ୱାଧୀନତାର ମାର୍ଗକୁ ଆପଣେଇ ନେଇଛି । ତେବେ ଏକ ଉଦୀୟମାନ ଶକ୍ତି ଭାବରେ ଭାରତର ଆର୍ଥିକ ପ୍ରଗତି ସୁଦୃଢ଼ ହେବାରେ ଲାଗିଛି ।

ମୋଟ ଘରୋଇ ଉତ୍ପାଦ ( GDP)ରେ ଦ୍ରୁତ ଅଭିବୃଦ୍ଧି, କ୍ରୟ ଶକ୍ତି ସମାନତା (purchasing power parity )ରେ ଉନ୍ନତି, ଉତ୍ପାଦନ କ୍ଷେତ୍ରରେ ବୃଦ୍ଧି ଏବଂ ଦୃଢ଼ ଭିତ୍ତିଭୂମିର ବିକାଶ ଭାରତ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଅଟେ ।

ଚୀନ୍ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଅର୍ଥନୀତି ଭାବରେ ନିଜର ସ୍ଥାନ ସୁରକ୍ଷିତ କରିସାରିଛି । ବର୍ତ୍ତମାନର ଅଭିବୃଦ୍ଧି ଧାରାକୁ ଦେଖିଲେ, ଆମେ ଆକଳନ କରିପାରିବା ଯେ ଭାରତ ଆଗାମୀ କେତେ ବର୍ଷରେ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବାକୁ ଯାଉଛି ।

ଭାରତ ଏବଂ ଚୀନ୍ ଅର୍ଥନୀତି ମଧ୍ୟରେ ଏକ ତୁଳନାତ୍ମକ ଭାବରେ ବିଚାର କଲେ ଆମେ ଅନେକ ତଥ୍ୟ ଜାଣିପାରିବା ।

ବର୍ତ୍ତମାନ ଚୀନ୍‌ର ମୋଟ ଘରୋଇ ଉତ୍ପାଦ, (GDP ) ପ୍ରାୟ ୧୯ଟ୍ରିଲିୟନ – ଭାରତ ତୁଳନାରେ ସାଢ଼େ ଚାରି ଗୁଣ ଠାରୁ ଅଧିକ । ଚଳିତ ଆର୍ଥିକ ବର୍ଷରେ ଏହାର ଅଭିବୃଦ୍ଧି ପ୍ରାୟ ୫ ପ୍ରତିଶତ ବୃଦ୍ଧି ପାଇବାର ଆଶା କରାଯାଉଛି । ୧୯୭୮ ମସିହାରେ ଡେଙ୍ଗ୍ ସିଆଓ ପିଙ୍ଗଙ୍କ ସଂସ୍କାର ପରେ, ଚୀନ୍‌ର ଅର୍ଥନୈତିକ ଢାଞ୍ଚା ସମାଜବାଦୀ ଅର୍ଥନୀତିରୁ ବଜାର ଅର୍ଥନୀତିକୁ ପରିବର୍ତ୍ତନ ହୋଇଥିଲା ।

ଏହାଦ୍ୱାରା ଘରୋଇ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ସହିତ ବିଦେଶୀ ବାଣିଜ୍ୟ ଏବଂ ପୁଞ୍ଜି ନିବେଶ ପାଇଁ ଚୀନ ପ୍ରାଥମିକତା ଦେଲା । ଅନ୍ୟପକ୍ଷରେ, ଭାରତ ସରକାର ୧୯୯୧ ମସିହାରେ ଅର୍ଥନୈତିକ ସଂସ୍କାର ଆଣି ବଜାର ଅର୍ଥନୀତିକୁ ସ୍ୱାଗତ କରିଥିଲେ ।

ଚୀନ୍ ବର୍ତ୍ତମାନ ବିଶ୍ୱର ସର୍ବବୃହତ ଉତ୍ପାଦନ କେନ୍ଦ୍ର, ଏହାର ଉଦ୍ୟୋଗ କ୍ଷେତ୍ର ବିଗତ ଆର୍ଥିକ ବର୍ଷରେ (GDP)ର ୨୭ ପ୍ରତିଶତ ଅଟେ, ସେ ତୁଳନାରେ ଭାରତର ଉଦ୍ୟୋଗ କ୍ଷେତ୍ର ନିଜ ଜିଡିପିର ୧୭ ପ୍ରତିଶତ ଅଟେ । ଚୀନ ଗବେଷଣା ଏବଂ ବିକାଶ କ୍ଷେତ୍ରରେ ମୋଟ ଘରୋଇ ଉତ୍ପାଦ (GDP) ର ୨.୬୮ ପ୍ରତିଶତ ଖର୍ଚ୍ଚ କରେ, ଯାହାଫଳରେ ବିଦେଶୀ ପ୍ରଯୁକ୍ତିବିଦ୍ୟା ଉପରେ ନିର୍ଭରଶୀଳତା କ୍ରମଶଃ ହ୍ରାସ ପାଉଛି । ଅପରପକ୍ଷରେ ଭାରତ କେବଳ ୦.୬୫ ପ୍ରତିଶତ ଗବେଷଣା ପାଇଁ ନିବେଶ କରୁଛି, ଯାହା ବିଶ୍ୱର ହାରାହାରି ନିବେଶ ଠାରୁ ମଧ୍ୟ କମ୍ ଅଛି ।

ମୁଣ୍ଡ ପିଛା କ୍ରୟ କ୍ଷମତାରେ ସମତା ରଖିବା (purchasing power parity ) ମାନ ଦଣ୍ଡରେ, ଚୀନ୍ ଭାରତ ଠାରୁ ଆଗୁଆ ଅଛି । ୨୦୨୫ – ୨୬ ଆର୍ଥିକ ବର୍ଷ ସୁଦ୍ଧା, ଚୀନ୍‌ର ମୁଣ୍ଡ ପିଛା କ୍ରୟ କ୍ଷମତା ୧୩୬୮୭ ହେବ ବୋଲି ଆକଳନ କରାଯାଇଛି ଏବଂ ଭାରତର ୨୮୭୮ହେବ । ନବସୃଜନ (Innovation ) କ୍ଷେତ୍ରରେ ମଧ୍ୟ, ଏହି ପାର୍ଥକ୍ୟ ସ୍ପଷ୍ଟ ଦୃଶ୍ୟମାନ । ଗ୍ଲୋବାଲ୍ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ସଂସ୍ଥାର ସୂଚନା ଅନୁଯାୟୀ ଚୀନ୍ ୨୦୨୪ମସିହାରେ ୧୩ତମ ସ୍ଥାନରେ ଥିଲା, ଯେତେବେଳେ ଭାରତ ୧୯ତମ ସ୍ଥାନରେ ଅଛି । ତେଣୁ ଦାରିଦ୍ର୍ୟ ହ୍ରାସ, ଲିଙ୍ଗଗତ ସମାନତା, ମାତୃ ମୃତ୍ୟୁହାର, ଶ୍ରମିକ ଅଂଶଗ୍ରହଣ ହାର, ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ସରକାର ଗମ୍ଭୀରତାର ସହିତ ବିଚାର କରିବା ଆବଶ୍ୟକ । ଏହି ବିକାଶର ସୂଚକଗୁଡ଼ିକରେ ଚୀନ୍ ତୁଳନାତ୍ମକ ଭାବରେ ଭାରତ ଠାରୁ ବହୁ ଉର୍ଦ୍ଧ୍ୱରେ ଅଛି । ତଥାପି, ଆମ ଦେଶର ବର୍ତ୍ତମାନ ଜନସଂଖ୍ୟାଗତ ତଥ୍ୟ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଏକ ସ୍ପଷ୍ଟ ଇଙ୍ଗିତ ପ୍ରଦାନ କରୁଛି ।

ଚୀନର କାର୍ଯ୍ୟରତ ଜନ ସଂଖ୍ୟାର ଏବେ ହାରାହରି ବୟସ ୩୯ ବର୍ଷ, ଥିଲାବେଳେ ଭାରତର ଏହା ୨୯ ବର୍ଷ । ଆମ ମାନବ ପୁଞ୍ଜି ବିକାଶର ଏକ ବଡ଼ ଅସ୍ତ୍ର । ଆମ ଶ୍ରମଶକ୍ତି, ଉତ୍ପାଦନ, ନିବେଶ ଓ ବ୍ୟବହାରିକ ବୃଦ୍ଧି ଭାରତକୁ ଆର୍ଥିକ କ୍ଷେତ୍ରରେ ଶକ୍ତିଶାଳୀ ରାଷ୍ଟ୍ର ଭାବରେ ପରିଗଣିତ କରିପାରିବ । ଏତ ଦ୍ୱାରା ସରକାରଙ୍କ ବିକଶିତ ଭାରତ ୨୦୪୭ ମିଶନ(developed India 2047) ଏହି ଜନସଂଖ୍ୟାଗତ ସୁବିଧାକୁ ପୁଞ୍ଜି କରି ବିକାଶକୁ ଆଗେଇନେବା ପାଇଁ ସଂକଳ୍ପବଦ୍ଧ । ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ସ୍ୱପ୍ନ ପୂରଣ ପାଇଁ , ସରକାର ଘରୋଇ ସହଯୋଗ, ଅସ୍ତ୍ରଶସ୍ତ୍ର ନିର୍ମାଣରେ ଆତ୍ମନିର୍ଭରଶୀଳତା, ସେମିକଣ୍ଡକ୍ଟର ଉତ୍ପାଦନ, ଇଲେକ୍ଟ୍ରୋନିକ୍, ଅଟୋମୋବାଇଲ ଶିଳ୍ପ ନିର୍ମାଣ, ଉପରେ ଧ୍ୟାନ ଦେବା ଉଚିତ, ଯାହା ଆମର ରପ୍ତାନୀ ବୃଦ୍ଧିରେ ସାହାଯ୍ୟ କରିପାରିବ । ଏକ କୁଶଳୀ ଶ୍ରମଶକ୍ତି ସହିତ, ଭାରତ ସେବା କ୍ଷେତ୍ରରେ ବିଶ୍ୱର ଏକ ବଡ଼ ସୂଚନା ପ୍ରଯୁକ୍ତିବିଦ୍ୟା (IT) ହବ୍ ରୂପେ ପରିଚିତ ଏବଂ ଦ୍ରୁତ ଗତିରେ କୃତ୍ରିମ ବୁଦ୍ଧିମତ୍ତା (AI), ମେସିନ୍ ଲର୍ଣ୍ଣିଂ (ML) ଏବଂ କ୍ଲାଉଡ୍ କମ୍ପ୍ୟୁଟିଂ( cloud computing ) ଭଳି ପ୍ରଯୁକ୍ତିବିଦ୍ୟାକୁ ଅଧିକ ଗୁରୁତ୍ୱ ଦେଉଛି । ସରକାର 'ମେକ୍ ଇନ୍ ଇଣ୍ଡିଆ', 'ସ୍କିଲ୍ ଇଣ୍ଡିଆ' ଏବଂ 'ଡିଜିଟାଲ୍ ଇଣ୍ଡିଆ' ଯୋଜନାର ସଫଳ ରୂପାୟନ କରିବା ସହ ଶ୍ରମ ଏବଂ କୃଷି କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ପଦକ୍ଷେପ ନେବା ଉଚିତ । ଭାରତ ବିକାଶର ଧାରାକୁ ଶୀର୍ଷରେ ପହଞ୍ଚାଇବାକୁ ହେଲେ ନବସୃଜନ, ପରିବେଶଗତ ସ୍ଥିରତା, ସୁଶାସନ, ଦାୟିତ୍ୱବୋଧତା, ଦୁର୍ନୀତି ବିରୋଧୀ ପଦକ୍ଷେପ ନେବା ଜରୁରୀ ।

ଦେଶର ସୁରକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ପାଲଟିଛି । ସୀମା ବିବାଦ ଯୋଗୁଁ ଚୀନ୍ ସହିତ ଭାରତର ସମ୍ପର୍କରେ ତିକ୍ତତା ରହିଛି । ତେଣୁ ପ୍ରତିରକ୍ଷା କ୍ଷେତ୍ରକୁ ଆଧୁନିକୀକରଣ ଏବଂ ଶକ୍ତିଶାଳୀ କରିବା ଅନିବାର୍ଯ୍ୟ । ବର୍ତ୍ତମାନ, ଭାରତ ପ୍ରତିରକ୍ଷା ପାଇଁ ଜି ଡି ପି (GDP)ର ପ୍ରାୟ ୧.୯ ପ୍ରତିଶତ ଖର୍ଚ୍ଚ କରେ । ବିଶେଷଜ୍ଞମାନେ ମତ ଦିଅନ୍ତି ଯେ ଆମ ରାଷ୍ଟ୍ରର ସୁରକ୍ଷାକୁ ଦୃଷ୍ଟିରେ ରଖି ସାମରିକ କ୍ଷେତ୍ରରେ ଆଧୁନିକୀକରଣ ପାଇଁ ଅତି କମ୍‌ରେ ମୋଟ ଜିଡିପିର ୨.୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିବା ଉଚିତ । ତେବେ ଚୀନ୍ ସହିତ ସରକାରଙ୍କୁ ସତର୍କତାର ସହିତ ସମ୍ପର୍କ ବଜାୟ ରଖିବା, ନିଜର ରଣନୈତିକ ସ୍ୱାୟତ୍ତତାକୁ ସୁରକ୍ଷା ଦେବା ଓ ଆମେରିକା ସହିତ ସମ୍ପର୍କ ସରକାରଙ୍କ କୂଟନୀତିର ଅଂଶବିଶେଷ ଅଟେ ।

ଆଗାମୀ ଦୁଇ ଦଶନ୍ଧି ଭାରତ ପାଇଁ ଏକ ସୁବର୍ଣ୍ଣ ସୁଯୋଗ । ଆର୍ଥିକ ସଂସ୍କାର, ଜନସଂଖ୍ୟାଗତ ସୁବିଧା ଏବଂ ସୁଶାସନକୁ ମୁଳମନ୍ତ୍ର କରି ପାରିଲେ ଭାରତ ନିଶ୍ଚିତ ଭାବେ ବିଶ୍ୱର ପ୍ରମୁଖ ମହାଶକ୍ତି ହେବ । ଏହା ନିଃସନ୍ଦେହରେ କୁହାଯାଇପାରେ ।

**ପୂର୍ବତନ ଉପ ମହାପ୍ରବନ୍ଧକ, ବ୍ୟାଙ୍କ ଅଫ୍ ଇଣ୍ଡିଆ, କଳିଙ୍ଗ ବିହାର,ଭୁବନେଶ୍ୱର**
**ମୋ–୯୨୬୨୨ ୯୬୨୯୨**

# ଦେବୀ ଦୁର୍ଗା ହିଁ ଶାକମ୍ଭରୀ



**ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ**

ଜଗଜ୍ଜନନୀ କଲ୍ୟାଣୀ ମା'ଦୁର୍ଗା ଦୁର୍ଦ୍ଦାନ୍ତ ଅସୁର ମହିଷାସୁରକୁ ବଧ କରି ଦେବତା ମାନବ, ମୁନିଋଷି ସମସ୍ତଙ୍କୁ ତାର ଉତ୍ପୀଡ଼ନରୁ ରକ୍ଷା କରିଥିବାରୁ ସେ ମହିଷାସୁର ମର୍ଦ୍ଦିନୀ ନାମ ଧାରଣ କରିଛନ୍ତି । ମା'ସର୍ବଦା ତାର ସନ୍ତାନର କଲ୍ୟାଣ କରିବା ପାଇଁ ସମସ୍ତ ପ୍ରକାର କଷ୍ଟ ସ୍ୱୀକାର କରିଥାଏ । ସେହିପରି ଭାବରେ ଦୁର୍ଗତିନାଶିନୀ ମୋକ୍ଷ ପ୍ରଦାୟିନୀ ପତିତପାବନୀ ଅନ୍ନପୂର୍ଣ୍ଣା ମା'ଦୁର୍ଗା ଦୀର୍ଘ ଶହେବର୍ଷର ଅନାବୃଷ୍ଟିରୁ ଜଗତକୁ ଉଦ୍ଧାର କରି ପୃଥିବୀବାସୀଙ୍କୁ ଅନ୍ନ, ଜଳ, ଫଳ, ଶାକ ଓ ବନସ୍ପତି ପ୍ରଦାନ କରି ଶାକମ୍ଭରୀ ନାମ ବହନ କରିଛନ୍ତି । ଏହାଦ୍ୱାରା ମା'ବଞ୍ଚି ରହିବା ପାଇଁ ପ୍ରକୃତିକୁ କିପରି ସର୍ବାଗ୍ରେ ପ୍ରାଧାନ୍ୟ ଦେବା ଆବଶ୍ୟକ, ତାହାର ନିଦର୍ଶନ ସ୍ୱରୂପ ନିଜେ ଫୁଲ, ଫଳ ଓ ପତ୍ରର ଗଜରାମାଳରେ ମଣ୍ଡି ହୋଇ ସୁସଜ୍ଜିତ ହୁଅନ୍ତି, ସେଇ ମା'ଶାକମ୍ଭରୀଙ୍କ ବିଷୟ ଆଜିର ଆଲୋଚ୍ୟ ବିଷୟ ।

ଦୁର୍ଗମ ନାମକ ଏକ ଦୁଷ୍ଟ ରାକ୍ଷସକୁ ବିନାଶ କରିଥିବାରୁ ମା'ଦୁର୍ଗା ନାମ ଧାରଣ କରିଛନ୍ତି । ହିରଣ୍ୟାକ୍ଷ ବଂଶରେ ଦୈତ୍ୟ ଗୁରୁଙ୍କ ପୁତ୍ର ଥିଲେ ଦୁର୍ଗମ । ଦୁର୍ଗମ ବ୍ରହ୍ମାଙ୍କୁ ତପସ୍ୟାରେ ସନ୍ତୁଷ୍ଟ କରି ବରପ୍ରାପ୍ତ ହୋଇ ମହାପରାକ୍ରମଶାଳୀ ହୋଇପାରିଥିଲା । ବରପ୍ରାପ୍ତି ଫଳରେ ସେ ବ୍ରହ୍ମାଙ୍କ ଠାରୁ ଚାରିବେଦ ମଧ୍ୟ ମାଗି ଆଣିଥିଲା । ଫଳରେ ବୈଦିକ ରୀତିନୀତି, ଯାଗଯଜ୍ଞାଦି ବନ୍ଦ ହେବାରୁ ଦେବତାମାନେ ଯଜ୍ଞର ହବିର୍ଭାଗ ନପାଇ ଦୁର୍ବଳ ଅନୁଭବ କଲେ । ତା'ର ପ୍ରଭାବରେ ମର୍ତ୍ତ୍ୟରେ ଏକ ଶହ ବର୍ଷ ପର୍ଯ୍ୟନ୍ତ ବର୍ଷା ହେଲାନାହିଁ । ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତିନିଲୋକରେ ହାହାକାର ଖେଳିଗଲା । ଏହାପରେ ଦୁର୍ଗମ ନିଜର ଅଧିକାରକୁ ସ୍ୱର୍ଗପୁରରେ ଜାହିର କଲା। ଦେବତାମାନେ ଦୁର୍ଗମ ଅତ୍ୟାଚାରରେ ସ୍ୱର୍ଗପୁର ତ୍ୟାଗକରି ହିମାଳୟ ପର୍ବତକୁ ପଳାୟନ କଲେ ଏବଂ ଶକ୍ତିଭୂତା ସନାତନୀ, ଭଗବତୀ ମାହେଶ୍ୱରୀଙ୍କୁ ସ୍ମରଣ କଲେ । ଦେବୀ ତତ୍କ୍ଷଣାତ ପ୍ରକଟିତା ହେଲେ । ଦୈତ୍ୟର ପ୍ରଭାବରେ ତ୍ରିଲୋକରେ ଏପରି ବ୍ୟାକୁଳତା ଭରିଯାଇଥିଲା ଯେ ଏହା ଦେଖି ମା'ଙ୍କ ଆଖିରୁ ଅବିରତ ଅଶ୍ରୁ ନିର୍ଗତ ହେବାକୁ ଲାଗିଲା । ବେଦନାକୁ ଧୋଇ ଦେବା ପାଇଁ ମା'ଙ୍କ ମୁଖମଣ୍ଡଳରେ ପ୍ରକଟିତ ହେଲା ଶହେଟି ନେତ୍ର, ତେଣୁ ମା'ଙ୍କର ଅନ୍ୟ ଏକ ନାମ 'ଶତାକ୍ଷୀ' । ଦେବୀଙ୍କ ଚକ୍ଷୁର ନୀର ତିନିଲୋକରେ ବୃଷ୍ଟିର ରୂପ ନେଲା । ନଦୀ, ନାଳ, ହ୍ରଦ ଅଗାଧ ଜଳରେ ପୂର୍ଣ୍ଣ ହୋଇଗଲା। ସକଳ ବନସ୍ପତି ପରିତୃପ୍ତ ହେଲେ ।



ପୃଥିବୀ ଶସ୍ୟଶ୍ୟାମଳା ହେଲା ଓ ବୃକ୍ଷମାନ ଫଳଫୁଲରେ ସୁଶୋଭିତ ହେଲେ । ଏହି ସମୟରେ ମା'ଭଗବତୀ ସଭିଁଙ୍କୁ ସ୍ୱହସ୍ତରେ ଅନେକ ପ୍ରକାର ଶାକ ଓ ସ୍ୱାଦିଷ୍ଟ ଫଳ ପ୍ରଦାନ କଲେ । ତେଣୁ ତାଙ୍କ ନାମ ହେଲା 'ଶାକମ୍ଭରୀ'। ମା'ପାର୍ବତୀ ଶାକମ୍ଭରୀ ରୂପରେ ଆବିର୍ଭୂତା ହୋଇ ପ୍ରବଳ ପ୍ରତାପୀ ଦୁର୍ଗମାସୁରକୁ ବଧ କଲେ । ଦେବୀ ଶାକମ୍ଭରୀଙ୍କ ଅନୁକମ୍ପାରେ ଦେବ, ମାନବ, ଋଷିମୁନି ସମସ୍ତେ ଉପକୃତ ହେଲେ । ମା'ବ୍ରହ୍ମାଙ୍କୁ ବେଦ ପ୍ରଦାନ କଲେ ଓ ଇନ୍ଦ୍ରଙ୍କୁ ସ୍ୱର୍ଗପୁରୀ ଫେରାଇ ଦେଲେ । ମା'ଶାକମ୍ଭରୀ ଦେବୀଙ୍କ ମହିମା ମହାଭାରତ ଓ ଶିବପୁରାଣରେ ବର୍ଣ୍ଣନା କରାଯାଇଛି ।

ରାଜସ୍ଥାନର ସାମ୍ଭର ଓ ଉତ୍ତର ପ୍ରଦେଶର ସହରାନପୁର ଠାରେ ମା'ଶାକମ୍ଭରୀଙ୍କର ପ୍ରସିଦ୍ଧ ମନ୍ଦିର ଅବସ୍ଥିତ । ପ୍ରତିବର୍ଷ ପୌଷମାସରେ ଅଷ୍ଟମୀ ତିଥିରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏଠାରେ ଶାକମ୍ଭରୀ ନବରାତ୍ରୀ ଓ ଶାକମ୍ଭରୀ ପୂର୍ଣ୍ଣିମା ପାଳନ କରାଯାଏ । ମା'ଙ୍କୁ ବିଭିନ୍ନ ପ୍ରକାର ଫଳ, ପରିବା, ଶାକ ଓ ବନସ୍ପତିର ମାଳ ପ୍ରସ୍ତୁତ କରାଯାଇ ପିନ୍ଧାଯାଏ ଏବଂ ନବପଲ୍ଲବରେ ସୁସଜ୍ଜିତ କରାଯାଏ । ଶାକ ଅର୍ଥ ସବୁଜ ବନସ୍ପତି ଓ ଅମ୍ବରୀ ଅର୍ଥ ଯେ ଏହାକୁ ଧାରଣ କରିଥାନ୍ତି । ତେଣୁ ମା'ଙ୍କ ଶାକମ୍ଭରୀ ବେଶ ହେଉଛି ସୁନ୍ଦର ସବୁଜ ବନାନୀର ଚିତ୍ର । ଯେଉଁ ବୃକ୍ଷଲତା ଭରା ସବୁଜ ବନାନୀକୁ ଆମେ ମା'ଶାକମ୍ଭରୀ ରୂପେ ଦର୍ଶନ କରୁ ତାକୁ ସୁରକ୍ଷିତ ରଖିବା ମା'ର ପୂଜା କରିବା ସହ ସମାନ । ଏଥିରେ ମା'ଅଧିକ ପ୍ରସନ୍ନ ହେବେ । ହେଲେ ଆଜି ମଣିଷ କ'ଣ ତାହା ବୁଝୁଛି ? ନ୍ୟସ୍ତସ୍ୱାର୍ଥର ବଶବର୍ତ୍ତୀ ହୋଇ କାଟି ଚାଲିଛି ବୃକ୍ଷ ପରେ ବୃକ୍ଷ । ତା ସ୍ଥାନରେ ଗଢ଼ି ଉଠୁଛି କଳକାରଖାନା ଓ ଅସଂଖ୍ୟ କୋଠାବାଡ଼ି । ବୃକ୍ଷରୋପଣ ଓ ସବୁଜ ବନାନୀ ସୃଷ୍ଟି କରିବା ଲାଗି ବହୁ ନେତା ଓ ସ୍ୱେଚ୍ଛାସେବୀମାନେ ଆଗେଇ ମଧ୍ୟ ଆସୁଛନ୍ତି। ମଣିଷ ଶରୀର ପଞ୍ଚଭୂତରେ ଗଢ଼ା। ଏହି ପଞ୍ଚଭୂତ–ମୃତ୍ତିକା, ଜଳ, ବାୟୁ, ଅଗ୍ନି ଏବଂ ଆକାଶ ମଧ୍ୟରେ ସମତା ରକ୍ଷାକରି ଜୀବଜଗତକୁ ବଞ୍ଚିବାର ରାହା ଯୋଗାଏ । ମୃତ୍ତିକା ବୃକ୍ଷକୁ ରକ୍ଷା କରେ । ଆଉ ବୃକ୍ଷ ମଧ୍ୟ ମୃତ୍ତିକାକୁ ସୁରକ୍ଷା ପ୍ରଦାନ କରେ । ଆମ ଶରୀରର ଜଳ ଏକ ପ୍ରଧାନ ଉପାଦାନ । ବୃକ୍ଷ ଯୋଗୁଁ ବୃଷ୍ଟି ହୁଏ । ବନ ନଷ୍ଟକରଣ ହେତୁ ବର୍ଷା ନିୟମିତ ହେଉନାହିଁ, ଫଳରେ ଅସମୟରେ ବର୍ଷା, ବନ୍ୟାହୁଏ ଏବଂ ମରୁଡ଼ି ଆଦି ଦୁର୍ବିପାକ ମଧ୍ୟ ସଂଘଟିତ ହୋଇଥାଏ । ପବନ ହେଉଛି ଶରୀର ପାଇଁ ଅନ୍ୟ ଏକ ଅପରିହାର୍ଯ୍ୟ ଅଂଶ । ଯାହା ବୃକ୍ଷଦ୍ୱାରା ଶୁଦ୍ଧ ହୋଇଥାଏ । ମନୁଷ୍ୟ ନିଃଶ୍ୱାସରୁ ଉତ୍ପନ୍ନ ଅଙ୍ଗାରକାମ୍ଳକୁ ଗ୍ରହଣ କରି ବୃକ୍ଷ ଅମ୍ଳଜାନ ପ୍ରଦାନ କରିଥାଏ । ଅଗ୍ନି ବା ଉତ୍ତାପ ହେଉଛି ଶରୀର ପାଇଁ ଭିନ୍ନ ଅତ୍ୟାବଶ୍ୟକୀୟ ଉପାଦାନ । ଅଗ୍ନିର ମୂଳ ଉତ୍ସ ହେଉଛି ସୂର୍ଯ୍ୟ । ସୂର୍ଯ୍ୟଙ୍କ ପ୍ରଖର କିରଣକୁ ନିୟନ୍ତ୍ରଣ କରିବା ପାଇଁ ବୃକ୍ଷ ଅତ୍ୟନ୍ତ ଆବଶ୍ୟକ । ଆଜିକାଲି ବୃକ୍ଷ ନଷ୍ଟ ହେବା ଫଳରେ ବାୟୁମଣ୍ଡଳରେ ତାପମାତ୍ରା ଅତ୍ୟଧିକ ଭାବରେ ବଢ଼ି ଚାଲିଛି । ସେହିପରି ଆକଶ ତତ୍ତ୍ୱ ହେଉଛି ଶରୀରର ଅନ୍ୟ ଏକ ଉପାଦାନ, ଯାହା ମନୁଷ୍ୟର ଚଳପ୍ରଚଳ କରିବା ପାଇଁ ଭାରସାମ୍ୟ ରକ୍ଷା କରେ । ବୈଜ୍ଞାନିକ ଗବେଷଣାରୁ ଜଣାଯାଏ ଯେ ବାୟୁମଣ୍ଡଳର ଓଜୋନ ସ୍ତରରେ କ୍ଷତ ସୃଷ୍ଟି ହୋଇ ସୂର୍ଯ୍ୟଙ୍କର ପ୍ରଖର ତାପ ପ୍ରଦାନ କରୁଥିବା ଅତି ବାଇଗଣି ରଶ୍ମି ବାୟୁମଣ୍ଡଳକୁ ପ୍ରବେଶ କରିବା ଦ୍ୱାରା ଆମକୁ ନାହିଁ ନଥିବା ରୋଗ ଭୋଗ କରିବାକୁ ପଡୁଛି । ଏହି କ୍ଷତିକାରକ ଅତିବାଇଗଣି ରଶ୍ମିର ନିୟନ୍ତ୍ରକ ହେଉଛି କେବଳ ବୃକ୍ଷ ।

ମା'ଦୁର୍ଗା ଶାକମ୍ଭରୀ ହୋଇ ସବୁଜବନାନୀ ସୃଷ୍ଟି କରି ଜୀବଜଗତ ତଥା ଦେବତାମାନଙ୍କୁ ରକ୍ଷା କରିଥିଲେ । ତେଣୁ ଦୁର୍ଗାପୂଜାରେ ଆମେ ବୃକ୍ଷରୋପଣ କରି ଓ ତାର ଉପଯୁକ୍ତ ଯତ୍ନ ନେଇ ସବୁଜ ବନାନୀ ସୃଷ୍ଟି କଲେ ତାହା ହେବ ମା'ଶାକମ୍ଭରୀଙ୍କ ପାଇଁ ଉପଯୁକ୍ତ ପୂଜାଅର୍ଚ୍ଚନା । ଏହି ଅନ୍ନଦାତ୍ରୀ ପ୍ରକୃତିରାଣୀଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇ ଆଜି ଏହି ପବିତ୍ର ଦଶହରା ଉତ୍ସବରେ ଚାଲନ୍ତୁ ପରିବେଶର ସୁରକ୍ଷା ତଥା ବୃକ୍ଷରୋପଣ ପାଇଁ ଶପଥ ନେବା ।

**ମର୍କତ ନଗର, ସିଡିଏ, ସେକ୍ଟର–୬, କଟକ,**
**ମୋ– ୯୮୬୧୩୫୫୬୨୮**

# ପ୍ରୋଷ୍ଟେଟ କ୍ୟାନସରର କାରଣ ଓ ନିରାକରଣ



**ଡାକ୍ତର ବିଶ୍ୱଜିତ୍ ନନ୍ଦ**

ବିଭିନ୍ନ କାରଣରୁ ଏବେ ଦେଶ ଓ ରାଜ୍ୟରେ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ବିଶେଷକରି କେମିକାଲଯୁକ୍ତ ଖାଦ୍ୟ ଗ୍ରହଣ ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି । ଏହି କର୍କଟ ରୋଗ ମଧ୍ୟରେ 'ପ୍ରୋଷ୍ଟେଟ କ୍ୟାନସର' ଅନ୍ୟତମ । ଏହି ପ୍ରୋଷ୍ଟେଟ କ୍ୟାନସର ବିଷୟରେ ଆଲୋଚନା କରିବା ପୂର୍ବରୁ ପ୍ରଥମେ ସମସ୍ତେ ଜାଣିରଖିବା ଉଚିତ ଯେ ପୁରୁଷମାନଙ୍କର ପ୍ରଜନନ ବିଭାଗରେ ପ୍ରୋଷ୍ଟେଟ ନାମରେ ଏକ ଗ୍ରନ୍ଥି ଅଛି । ଏହି ଗ୍ରନ୍ଥିରୁ ପ୍ରୋଷ୍ଟେଟ କର୍କଟ ଜାତ ହୁଏ । ଅଧିକାଂଶ ପ୍ରୋଷ୍ଟେଟ କର୍କଟ ଧୀର ଗତିରେ ବଢେ । ଅନ୍ୟ କେତେକେ ଦ୍ରୁତ ଗତିରେ ବଢନ୍ତି । ଏହି କର୍କଟ ବିକ୍ଷେପିତ ହୋଇ ଅସ୍ଥି ଓ ଲସିକା ଗ୍ରନ୍ଥିରେ କର୍କଟ ହୁଏ । ଆରମ୍ଭରୁ ଏହାର କୌଣସି ଲକ୍ଷଣ ନ ଥାଏ । ପରବର୍ତ୍ତୀ ସମୟରେ ପରିସ୍ରା କରିବାରେ ଅସୁବିଧା ହୁଏ, ପରିସ୍ରାରେ ରକ୍ତ ପଡ଼େ, ପେଲଭିସରେ ପରିସ୍ରା କଲାବେଳେ କଷ୍ଟ ହୁଏ । ପରେ ଲୋହିତ ରକ୍ତକଣିକା କମ୍ ହେତୁ ଥକ୍କା ଲାଗେ । ଏହି ରୋଗ ହେଲେ ପରିସ୍ରା କଲାବେଳେ କଷ୍ଟ ହୁଏ, ଯୌନ ସମ୍ପର୍କ କ୍ଷତିଗ୍ରସ୍ତ ହୁଏ ଓ ଲିଙ୍ଗ ଉତ୍ଥାନରେ ଅସୁବିଧା ହୁଏ । ବୃଦ୍ଧାବସ୍ଥାରେ ଏହି ରୋଗର ସଙ୍କଟାବସ୍ଥା ସୃଷ୍ଟି ହୁଏ । ଏହି ରୋଗ ଭୋଗୁଥିବା ୯୯ ପ୍ରତିଶତ ଲୋକଙ୍କ ବୟସ ୫୦ ବର୍ଷରୁ ଉର୍ଦ୍ଧ୍ୱ । ଆମେରିକାରେ ଅବସ୍ଥାନ କରୁଥିବା ଆଫ୍ରିକୀୟ ଲୋକମାନଙ୍କର ଏହି ରୋଗ ବେଶି ହୋଇଥାଏ । ପ୍ରକ୍ରିୟାକୃତ ଖାଦ୍ୟ, ଲାଲ ମାଂସ, କ୍ଷୀରଜାତ ଦ୍ରବ୍ୟ ଓ କମ୍ ପରିବାଯୁକ୍ତ ଖାଦ୍ୟ ଖାଇଲେ ଏହି ସଙ୍କଟ ଦେଖାଦିଏ । ଏହି ରୋଗ ବାୟୋପ୍ସି ଦ୍ୱାରା ଜଣାପଡ଼େ । ମେଡିକାଲ ଇମେଜିଙ୍ଗ କଲାପରେ ଏହାର ବ୍ୟାପିବା ସ୍ଥାନ ଜଣାପଡ଼େ । ପ୍ରୋଷ୍ଟେଟ କର୍କଟ ସ୍କ୍ରିନିଙ୍ଗ କରିବା ଏକ ଦ୍ୱନ୍ଦ୍ୱାତ୍ମକ ବିଷୟ । ପ୍ରୋଷ୍ଟେଟ କର୍କଟ ନିର୍ଦ୍ଧାରକ ଆଣ୍ଟିଜେନ ପରୀକ୍ଷା ଦ୍ୱାରା ଅଧିକ ସଂଖ୍ୟକ ପ୍ରୋଷ୍ଟେଟ କର୍କଟ ଚିହ୍ନଟ ହୁଏ । ଆମ ଭାରତରେ ମଧ୍ୟ ଏହି ରୋଗୀଙ୍କ ସଂଖ୍ୟା କିଛି କମ୍ ନୁହେଁ । ପ୍ରାୟତଃ ବୟସ୍କ ଲୋକମାନେ ଏହି ରୋଗର ଶିକାର ହୁଅନ୍ତି ।

ଏହି ରୋଗର ପ୍ରାଥମିକ ଲକ୍ଷଣ ଜଣାପଡ଼ିଲେ ଏହାର ନିରାକରଣ ସମ୍ଭବ ହୋଇପାରିବ । ଏଥିପାଇଁ ଅପରେଶନ, ରାଡିଏସନ ଥେରାପି, ହରମୋନ ଥେରାପି କିମ୍ବା କେମୋଥେରାପିର ମିଶ୍ରିତ ଚିକିତ୍ସା ଦରକାର ହୁଏ । ରୋଗଟି କେବଳ ପ୍ରୋଷ୍ଟେଟ ଗ୍ରନ୍ଥି ମଧ୍ୟ ଭାଗରେ ଥିଲେ ରୋଗୀଟି ଶୀଘ୍ର ଆରୋଗ୍ୟ ହେବାର ସମ୍ଭାବନା ଥାଏ । ଅସ୍ଥିକୁ ବ୍ୟାପିଥିଲେ କଷ୍ଟ ଲାଘବ ଔଷଧ, ବାଇଫସ୍‌ଫୋନେଟ ଓ ଟାର୍ଗେଟେଡ ଥେରାପି ଆବଶ୍ୟକ ପଡ଼େ । ରୋଗୀର ବୟସ, ଅନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଓ ଏହାର ବ୍ୟାପକତା ତଥା ଗମ୍ଭୀରତା ଉପରେ ଫଳାଫଳ ନିର୍ଭର କରେ । ଅଧିକାଂଶ ପ୍ରୋଷ୍ଟେଟ କର୍କଟ ରୋଗୀଙ୍କର ରୋଗ ଯୋଗୁଁ ମୃତ୍ୟୁ ହୁଏନି । ପୃଥିବୀରେ ଏହା ଦ୍ୱିତୀୟ ସାଧାରଣ ରୋଗ ଓ ପୁରୁଷଙ୍କ କର୍କଟ ସମ୍ପର୍କୀୟ ମୃତ୍ୟୁ ମଧ୍ୟରେ ଏହାର ସ୍ଥାନ ପଞ୍ଚମ । ୨୦୧୨ବର୍ଷର ଆକଳନ ଅନୁସାରେ୧.୧ ନିୟୁତ ଲୋକ ଏହି ରୋଗର ଶିକାର ହୋଇଥିଲେ ଓ ୩ଲକ୍ଷ ୭ ହଜାର ରୋଗୀ ମୃତ୍ୟୁବରଣ କରିଥିଲେ । ୮୪ଟି ଦେଶରେ ପୁରୁଷମାନଙ୍କର ଏହା ଅତି ସାଧାରଣ ରୋଗ ଥିଲା ବୋଲି ୨୦୧୨ର ସର୍ଭେ ରିପୋର୍ଟରେ ଦର୍ଶାଯାଇଥିଲା । ବିକାଶଶୀଳ ଦେଶମାନଙ୍କରେ ଏହି ରୋଗ ହାର ଧୀରେ ଧୀରେ ବଢୁଥିବା ଦେଖାଯାଇଛି ।

ପୃଥିବୀରେ ପ୍ରୋଷ୍ଟେଟ ଅନୁସନ୍ଧାନରେ ତାରତମ୍ୟ ଦେଖାଯାଏ । ଦକ୍ଷିଣ ଓ ପୂର୍ବ ଏସିଆରେ ଏହା ଅଳ୍ପ ଦେଖାଯାଏ, ୟୁରୋପ ଓ ଆମେରିକାରେ ବେଶୀ ଦେଖାଯାଏ। ବୟସ ୫୦ ପରେ ଅଧିକାଂଶ ଲୋକ ଏହି ରୋଗର ଆକ୍ରାନ୍ତ ହୁଅନ୍ତି । ସାରା ପୃଥିବୀର କର୍କଟ ମୃତ୍ୟୁରେ ପ୍ରୋଷ୍ଟେଟ କର୍କଟ ଷଷ୍ଠ ସ୍ଥାନ ଅଧିକାର କଲେ ମଧ୍ୟ ଇଂଲଣ୍ଡରେ ଏହା ପ୍ରଥମ ଓ ଆମେରିକାରେ ଏହା ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ଗୋଟିଏ ଆଶ୍ୱାସନାର ବିଷୟ ପ୍ରୋଷ୍ଟେଟ କର୍କଟ ଥାଇ ମଧ୍ୟ ଅନେକ ଲୋକଙ୍କର କୌଣସି ଲକ୍ଷଣ ପ୍ରକାଶ ପାଏ ନାହିଁ, କୌଣସି ଔଷଧ ଦରକାର ହୁଏ ନାହିଁ ଓ ସେମାନେ ଅନ୍ୟ କିଛି ରୋଗରେ ମୃତ୍ୟୁ ମୁଖରେ ପଡ଼ନ୍ତି । ଏହି ରୋଗ ଖାଦ୍ୟ ଓ ଜେନେଟିକ ପ୍ରଭାବରେ ଜାତ ହେବା ବିଶ୍ୱାସ କରାଯାଏ । ରୋଗ ଲକ୍ଷଣ, ରୋଗୀର ପରୀକ୍ଷା, ପ୍ରୋଷ୍ଟେଟ ସ୍ପେସିଫିକ୍ ଆଣ୍ଟିଜେନ୍ ଓ ବାୟୋପ୍ସିଦ୍ୱାରା ଏହି ରୋଗ ଚିହ୍ନଟ କରାଯାଏ । ରୋଗର ଆକ୍ରମଣ ମାତ୍ରା ଉପରେ ଏହାର ଚିକିତ୍ସା ନିର୍ଭର କରେ । ସ୍ୱଳ୍ପ ସଙ୍କଟ ଜନକ ରୋଗକୁ କେବଳ ଜଗିରଖି ଚିକିତ୍ସା କରାଯାଏ । ଅପରେଶନ୍, ରାଡିଏସନ ଥେରାପି ସାହାଯ୍ୟରେ ଏହି କର୍କଟ ରୋଗ ଚିକିତ୍ସା କରାଯାଏ । ଅଳ୍ପ ସଂଖ୍ୟକ କାୟୋ ଅପରେଶନ୍, ହରମୋନ୍ ଓ କେମୋଥେରାପି ସାହାଯ୍ୟରେ ବଢ଼ି ଯାଇଥିବା କର୍କଟ ରୋଗ ଚିକିତ୍ସା କରାଯାଏ ।

**ବରିଷ୍ଠ ମୂତ୍ରଶଲ୍ୟ ବିଭାଗ ବିଶେଷଜ୍ଞ,**
**ୟୁରୋ କିଡ୍‌ନୀ କେୟାର, ଭୁବନେଶ୍ୱର**

# ୭୫ ବର୍ଷୀୟା ବୃଦ୍ଧାଙ୍କୁ ଆକ୍ରମଣ

ବଲଙ୍ଗା, (ସବ୍ୟୁ): ପୁରଜିଲ୍ଲା ବଲଙ୍ଗା ଥାନା ରୂପଦେଇପୁର ପଞ୍ଚାୟତ ଚକସୋହ୍ଲଣା ଗ୍ରାମର ୭୫ ବର୍ଷୀୟା ବୃଦ୍ଧାଙ୍କୁ କାଠ ଫାଳିଆରେ ଆକ୍ରମଣ କରାଯାଇଛି । ଆକ୍ରମଣରେ ବୃଦ୍ଧା ସାକ୍ଷୀଗୋପାଳ ସରକାରୀ ଡାକ୍ତରଖାନାରେ ଚିକିତ୍ସା ହେଉ ଥିବା ନେଇ ବଲଙ୍ଗା ଥାନାରେ ଲିଖିତ ଅଭିଯୋଗ ହୋଇଛି । ବଲଙ୍ଗା ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡା ଅଭିଯୋଗକୁ ଗ୍ରହଣ କରି ଥାନା କେଶ ନଂ ୨୧୨/୨୫ରେ ଏକ ମାମଲା ରୁଜୁ କରିଛି ।.ଅଭିଯୋକାରି ଚକ ସୋଲଣା ଗ୍ରାମର କୃଷ୍ଣଚନ୍ଦ୍ର ଜେନା ଅଭିଯୋଗରେ ଦର୍ଶାଇ ଛନ୍ତି ତାଙ୍କ ବୋଉ ସୁନାମଣି ଜେନା(୭୫) ଘରେ ଏକୁଟିଆ ଥିଲା ।ଏହାର ସୁଯୋଗ ନେଇ କୃଷ୍ଣଙ୍କ ଜାଗାକୁ ଲାଗି ପଡୋଶୀ ଘର ଭାସ୍କର ଜେନାର ଜାଗା ଥିବାରୁ ତାର ପୁଅ ପବିତ୍ର ଜେନା ଓ ଝିଅ ଲିଜା ଜେନା ୨୨ ତାରିଖ ପୂର୍ବାହ୍ନ ୮ଟାରେ ତାଙ୍କ ବାରିରୁ ଘାସ ଓ ଅଳିଆକୁ କୃଷ୍ଣ ଙ୍କ ବାରିକୁ ଫୋପାଡି ଦେଇଥିଲେ । ତାଙ୍କ ବୋଉ ଏହା ଦେଖ ଅଭିଯୁକ୍ତମାନଙ୍କୁ କିଛି ନ କହି ଘାସ ଓ ଅଳିଆକୁ ଗୋଟାଇ ନିଜ ନଡିଆ ଗଛ ମୂଳେ ଗଦାଇ ଥିଲେ । ଏହପରେ ଦୁଇଜଣ ଅଭିଯୁକ୍ତ ଅଶ୍ଳୀଳ ଅସଭ୍ୟ ଭାଷାରେ ଗାଳିମନ୍ଦ କରିଥିଲେ । ।ଅଭିଯୋଗକାରୀ କୃଷ୍ଣଙ୍କ ମାଆ ପ୍ରତିବାଦ କରିବାରୁ ଲିଜା ଜେନା ବୃଦ୍ଧାଙ୍କ ଦୁଇ ହାତକୁ ଧରି ତଳେ ପକାଇ ବିଧା ଗୋଇଠା ମାରିଥିଲା । ପବିତ୍ର ଜେନା ହାତରେ ଏକ କାଠ ଫାଳିଆ ଧରି ଜୀବନରୁ ମାରିଦେବି ବୋଲି କହି ବୃଦ୍ଧାଙ୍କ ମୁଣ୍ଡକୁ ଲକ୍ଷ କରି ଏକ ଶକ୍ତ ପ୍ରହାର ପକାଇଲା । ଯାହା ଫଳରେ ମୁଣ୍ଡରେ କାଠ ଫାଳିଆ ମାଡ଼ ବାଜି ବାନ୍ତି ହେବାରୁ ବୃଦ୍ଧା ସେହିଠାରେ ଚେତାଶୂନ୍ୟ ହୋଇଗଲା । ଯାହାକି ସ୍ଥାନୀୟ ଲୋକ ମାନେ ଚିକିତ୍ସା ପାଇଁ ସାକ୍ଷୀଗୋପାଳ ନେଇ ଚିକିତ୍ସା କରି ଥାନାରେ ଘଟଣା ସମ୍ପର୍କରେ ଅଭିଯୋଗ କରି ଥିଲେ ।.

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଐତିହାସିକ...

ଅଭିଯାନ ଆରମ୍ଭ କରିଥିଲା । ଆଉ ଏକ ଐତିହାସିକ ବିଜୟକୁ ସ୍ମରଣୀୟ କରିବା ଲାଗି ପଡିଆକୁ ଆସିଥିଲେ ଅଭିଶେଷ ଶର୍ମାଙ୍କ ସହ ଶୁଭମନ୍ ଗିଲ୍ । କିନ୍ତୁ ଦଳର ଖୁସି ବେଶି ସମୟ ରହିନଥିଲା । ବିଗତ ମ୍ୟାଚ ଗୁଡିକରେ ଦଳକୁ ଜମାଣିଆ ଆରମ୍ଭ ଦେଇଆସୁଥିବା ଅଭିଶେଷ ଶର୍ମା ମାତ୍ର ୫ ରନ୍ କରି ପାଭିଲିୟନ ଫେରିଥିଲେ । ତାଙ୍କ ପଛକୁ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମାତ୍ର ୧ ରନ୍ କରି ଆଉଟ୍ ହୋଇଥିଲେ । ଫାଇନାଲରେ ସୂର୍ଯ୍ୟକୁମାରଙ୍କ ଠାରୁ ବଡ ଇନିଂସର ଆଶା ରହିଥିଲା । କିନ୍ତୁ ସେ ସମସ୍ତଙ୍କୁ ନିରାଶ କରି ପାଭିଲିୟନ ଫେରିଥିଲେ । ୪ ଓଭର ମଧ୍ୟରେ ଭାରତ ୩ ପ୍ରମୁଖ ବ୍ୟାଟରଙ୍କୁ ହରାଇ ବ୍ୟାକଫୁଟକୁ ଚାଲିଯାଇଥିଲା । ଖରାପ ଆରମ୍ଭ ଯୋଗୁଁ ଦଳ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ମଧ୍ୟ କଷ୍ଟକର ହୋଇଥିଲା । କିନ୍ତୁ ମଧ୍ୟମ କ୍ରମରେ ଦଳର ମଙ୍ଗ ଧରିଥିଲେ ତିଲକ ବର୍ମା ଓ ସଞ୍ଜୁ ସାମସନ୍ । ଦୁହେଁ ୧୧ ଓଭର ମଧ୍ୟରେ ଦଳୀୟ ସ୍କୋରକୁ ୭୦ ରନରେ ପହଞ୍ଚାଇଦେଇଥିଲେ । ତେଣୁ ଦଳର ବିପର୍ଯ୍ୟୟ ସ୍ଥିତି ସୁଧୁରିବା ସହ ବିଜୟ ଲକ୍ଷ୍ୟ ଆଡେ ମୁହାଁଇଥିଲା ଭାରତ । ବ୍ୟକ୍ତିଗତ ୧୦ ରନ୍ ବେଳେ ସଞ୍ଜୁ ସାମସନ୍‌ଙ୍କୁ ଜୀବନ ଦାନ ମିଳିଥିଲା । ଏହାର ସେ ଉଚିତ ଉପଯୋଗ କରିଥିଲେ । ତିଲକ ବର୍ମା ୩୧ ବଲରେ ୩୪ ଓ ସଞ୍ଜୁ ସାମସନ୍ ୨୦ ବଲରୁ ୨୪ ରନ୍ କରି ବ୍ୟାଟିଂ ଜାରି ରଖିଥିଲେ । ୧୨ ଓଭର ସୁଦ୍ଧା ଭାରତ ୩ ଓ୍ୱିକେଟ୍ ହରାଇ ୭୬ ରନ୍ କରିଥିଲା । ମ୍ୟାଚ୍ ଜିତିବା ପାଇଁ ୪୮ ବଲରୁ ୭୧ ରନର ଆବଶ୍ୟକତା ଥିଲା ।

### ଟଳିଲେ...

ଯବାନ ମଧ୍ୟ ପାଲଟା ଜବାବ ଦେଇଥିଲେ । ମଧ୍ୟାହ୍ନ ପର୍ଯ୍ୟନ୍ତ ରହିରହି ମାସବାଦୀ ଗୁଳି ଚଳାଉଥିଲେ । ପରେ ମାଓବାଦୀ ଛତ୍ରଭଙ୍ଗ ଦେଇଥିଲେ । ଯବାନ ଘଟଣାସ୍ଥଳରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ୩ ଜଣ ମାଓବାଦୀଙ୍କ ମୃତ ଦେହକୁ ଜବତ କରିଥିଲେ । ମୃତ ମାଓବାଦୀଙ୍କୁ ଚିହ୍ନଟ କରାଯାଇଛି । ଏମାନେ ହେଲେ ଏସିଏମ ସରଓ୍ୱନ ମାଡକମ ଅରଫ ବିଶ୍ୱନାଥ ଅରଫ ବୁଧରାମ ପୁନେମ,ଏଲଓସି କମାଣ୍ଡର ରାଜେଶ ଅରଫ ରାକେଶ ଏବଂ ପାର୍ଟି ସଦସ୍ୟ ବାସନ୍ତୀ କୁଞ୍ଜାମ ଅରଫ ହିଡମେ । ତେବେ ଏସିଏମ ସରନ ମାଡକାମ ନାମରେ ସରକାର ୮ ଲକ୍ଷ ଟଂକାର ପୁରସ୍କାର ଘୋଷଣା କରିଥିବା ବେଳେ,କମାଣ୍ଡର ରାକେଶ ନାମରେ ୫ ଲକ୍ଷ ଏବଂ ପାର୍ଟି ମେମ୍ବର ବାସନ୍ତୀ ନାମରେ ୧ ଲକ୍ଷ ଟଂକାର ପୁରସ୍କାର ରହିଥିଲା । ଏଥିସହ ଘଟଣାସ୍ଥଳରୁ ଗୋଟିଏ ଏସଏଲଆର ବନ୍ଧୁକ, ଗୋଟିଏ ୧୨ ବୋର ବନ୍ଧୁକ, ଗୋଟିଏ ୩୦୩ ବନ୍ଧୁକ ସମେତ ବହୁ ମାତ୍ରାରେ ମାଓ ସାମଗ୍ରୀ ଓ ବିସ୍ଫୋରକ ଜବତ କରାଯାଇଛି । ପୁଲିସ ଶବକୁ ନେଇ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି ।

ଅନ୍ୟ ଏକ ଘଟଣାକ୍ରମରେ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ରାଜଧାନୀରୁ ପୁଲିସ ଏକ ସହରି ମାଓ ଦମ୍ପତିଙ୍କୁ ଗିରଫ କରିବାରେ ସଫଳ ହୋଇଛି । ଲଗାତାର ପୁଲିସ ମାଓ ଦମନରେ ବିଭିନ୍ନ ଦିଗକୁ ନେଇ ଅପରେସନ କରିବା ସହ ସହରି ଏବଂ ଜଂଗଲି ନେଟଓ୍ୱର୍କକୁ ସଜାଗ ରଖିଛି ।ଏହିକ୍ରମରେ ରାୟପୁର ଠାରେ ଦୀର୍ଘ ଦିନ ଧରି ମାଓ ଦମ୍ପତି ବିଭିନ୍ନ ସ୍ଥାନରେ ଭଡା ନେଇ ରହୁଥିଲେ । ଏମାନେ ହେଲେ ଜଗଗୁ ଓରଫ ରମେଶ ଏବଂ ତାଙ୍କ ପନୀ କମଳା । ଏମାନେ ବିଜାପୁର ଜିଲ୍ଲାର ବୋଲି ପୁଲିସ ଜାଣିବାକୁ ପାଇଛି । ଏମାନେ ଫେକ ଆଧାର କାର୍ଡ କରି ସହରରେ ରହୁଥିଲେ । ରାୟପୁରର ବିଭିନ୍ନ ସାହିରେ ଘର ବଦଳାଇ ରହୁଥିଲେ । ପୁଲିସ ସହରି ନେଟର୍କକୁ ତଦନ୍ତ କରିବା ବେଳେ ଏହି ଦମ୍ପତି ଧରାପଡ଼ିଥିଲେ । ଏପରିକି ଏମାନେ ବଡ଼ବଡ଼ ଅଧିକାରୀଙ୍କ ଘରେ କାମ କରିବା ସହ କାର ଡ୍ରାଇଭର ଓ ଗାର୍ଡ ରୂପେ ମଧ୍ୟ କାମ କରୁଥିଲେ । ଏମାନଙ୍କୁ ପୁଲିସ ପଚରାଉଚରା କରିବା ପରେ କୋର୍ଟ ଚାଲାଣ କରିଛି । ଏମାନେ ପୁଲିସକୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିବା ଜଣାପଡିଛି ।

### ଦଶହରାରେ...

ବଙ୍ଗୋପସାଗର ଉପରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । ଏହା ପ୍ରଭାବରେ ୧ ତାରିଖ ବେଳକୁ ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷା ହେବାର ସମ୍ଭାବନା ଅଛି । ୧ ତାରିଖ ଅର୍ଥାତ୍ ନବମୀରେ ଦକ୍ଷିଣ ଓଡ଼ିଶା ଯଥା:- ମାଲକାନଗିରି, କୋରାପୁଟ, ରାୟଗଡା, ଗଜପତି ଓ ଗଞ୍ଜାମ ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ ପ୍ରବଳ ବର୍ଷା ହୋଇପାରେ। ଏହାସହ ପବନ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ବୋହିପାରେ। ସେହିପରି ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢ଼େଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମଧରଣ ବର୍ଷା ହୋଇପାରେ । ୨ ତାରିଖରେ କଳାହାଣ୍ଡି, କନ୍ଧମାଳ, ରାୟଗଡ଼, କୋରାପୁଟ, ମାଲକାନଗିରି, ଗଞ୍ଜାମ, ଗଜପତି, କଟକ, ମୟୂରଭଞ୍ଜ, କେନ୍ଦୁଝର, ରାୟଗଡ଼ା, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହେବା ସହ ପବନ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ବୋହି ପାରେ। ଏହା ସହିତ ୩ ତାରିଖ ଯାଏଁ ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ରହିବା ମା' ଦୁର୍ଗାଙ୍କ ନବମୀ ଓ ଦଶମୀ ପୂଜାରେ ବର୍ଷା ଲାଗି ରହିବା ଫଳରେ ଦଶହରା ବଜାର ଫିକା ପଡିବା ସହ ବୁଲା ବୁଲିରେ ପ୍ରଭାବ ପକାଇବ ଲଘୁଚାପ ବର୍ଷା । ସେପଟେ ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି, ଆସନ୍ତା ୩୦ ତାରିଖ ବେଳକୁ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇ ଅକ୍ଟୋବର ୨ ତାରିଖ ସୁଦ୍ଧା ଅବପାତରେ ପରିଣତ ହୋଇପାରେ। ତଥାପି ଏହା ଉପକୂଳରୁ ଦୂରରେ ରହିବା ସମ୍ଭବତଃ ୩ ତାରିଖରେ ଦକ୍ଷିଣ ଓଡ଼ିଶା ଉପକୂଳ ବା ସଂଲଗ୍ନ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳକୁ ସ୍ପର୍ଶ କରିବ । ୩୦ ତାରିଖରେ ପାଗ ମୁଖ୍ୟତଃ ଶୁଷ୍କ ରହିବା ଅକ୍ଟୋବର ୧ (ନବମୀ)ରେ ଉତ୍ତର ଉପକୂଳରେ ବିକ୍ଷିପ୍ତ ଏବଂ ପୁରୀ, ଗଞ୍ଜାମ, ନୟାଗଡ଼ ଓ ଗଜପତି ଜିଲ୍ଲାରେ ସ୍ୱଳ୍ପ ବର୍ଷା ହୋଇପାରେ। ଅକ୍ଟୋବର ୨ ଅର୍ଥାତ୍ ଦଶମୀରେ ମଧ୍ୟାହ୍ନ ପର୍ଯ୍ୟନ୍ତ ପୁରୀ ଓ ଗଞ୍ଜାମ ଜିଲ୍ଲା ଏବଂ ସମୁଦ୍ର ସଂଲଗ୍ନ ଅଞ୍ଚଳରେ ବିକ୍ଷିପ୍ତ ବର୍ଷା ହୋଇପାରେ। ମଧ୍ୟାହ୍ନ ପରେ ବର୍ଷା ବଢ଼ିବା ଅକ୍ଟୋବର ୩ରେ ରାଜ୍ୟରେ ଅଧିକାଂଶ ସ୍ଥାନରେ ବର୍ଷା ହୋଇପାରେ ବୋଲି ପୂର୍ବାନୁମାନ କରିଛନ୍ତି ଶ୍ରୀ ପଶୁପାଳକ ।

### ଓଡ଼ିଶାର...

ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସଚିବ ଭୂପେନ୍ଦ୍ର ସିଂ ପୁନିଆ ଓ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସଚିବ ବି ପରମେଶ୍ୱରନ୍, ଏମଏସଏମଇ ବିଭାଗର ସଚିବ ଡି ପ୍ରଶାନ୍ତ କୁମାର ରେଡ୍ଡୀ, ଟେକ୍ସଟାଇଲ୍ ଓ ହ୍ୟାଣ୍ଡଲୁମ୍ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ, ଶ୍ରମ କମିଶନର ଇନ୍ଦ୍ରମଣି ତ୍ରିପାଠୀ, ଅର୍ଥ ବିଭାଗର ଯୁଗ୍ମ ସଚିବ ସିଦ୍ଧାର୍ଥ ଦାସ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ୨୦୧୩ ବ୍ୟାଚର ଆଇଏଏସ୍ ଶୁଭଶ୍ରୀ ନନ୍ଦଙ୍କୁ କେନ୍ଦ୍ରୀୟ ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ମିଳିଛି ।

ବିହାର ବିଧାନସଭା ଓ ୭ଟି ରାଜ୍ୟର ୮ଟି ବିଧାନସଭାର ଉପନିର୍ବାଚନ ନିମନ୍ତେ କମିଶନ ମୋଟ ୪୭୦ଜଣ ଅଫସରଙ୍କୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦେଇଛନ୍ତି । ଏହି ପର୍ଯ୍ୟବେକ୍ଷକମାନେ ନିର୍ବାଚନ ପ୍ରକ୍ରିୟା ଶେଷ ନହେବା ପର୍ଯ୍ୟନ୍ତ ନିର୍ବାଚନ କମିଶନଙ୍କ ନିୟନ୍ତ୍ରଣ ଏବଂ ଶୃଙ୍ଖଳା ଅଧୀନରେ କାର୍ଯ୍ୟ କରିବେ ।ଏହି ଚିଠି ପାଇବାର ୨୪ଘଣ୍ଟା ମଧ୍ୟରେ ଏହି ଅଫିସରମାନଙ୍କୁ ନିଜର ସମ୍ମତି ଲିଖିତ ଭାବେ ନିର୍ବାଚନ କମିଶନଙ୍କୁ ଅବଗତ କରାଇବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ।

### ଟିଭିକେ...

ସେଥିପାଇଁ ବିଜୟ ଥଲାପତିଙ୍କ ଦଳ "ଟିଭିକେ' ମାଡ୍ରାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି । ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଅବା ସିବିଆଇ ଦ୍ୱାରା ଏହି ଘଟଣାର ତଦନ୍ତ କରିବାକୁ ଦଳ ଦାବି କରିଛି । ଅନ୍ୟପକ୍ଷରେ ରାଜ୍ୟ ସରକାର ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିବା ବେଳେ ଏଥିପାଇଁ ନିଯୁକ୍ତ ହାଇକୋର୍ଟର ପୂର୍ବତନ ବିଚାରପତି ଅରୁଣ ଜଗଦୀଶନ ତଦନ୍ତ ଆରମ୍ଭ କରିଦେଇଛନ୍ତି । ସେ ଆଜି ଘଟଣାସ୍ଥଳକୁ ଯାଇ ଛାନଭିନ କରିଛନ୍ତି । ଟିଭିକେର ଲିଗାଲ ୱିଙ୍ଗ୍ ରାଜ୍ୟ ସଂଯୋଜକ ଅରିବାଝଗନ କହିଛନ୍ତି, ଏହା ଏକ ଅପରାଧିକ ଷଡ଼ଯନ୍ତ୍ର । ସ୍ଥାନୀୟ ଲୋକଙ୍କଠାରୁ ଆମେ ଷଡ଼ଯନ୍ତ୍ର ନେଇ ବିଶ୍ୱାସନୀୟ ସୂଚନା ଓ ତଥ୍ୟ ପାଇଛୁ । ଆମ ପାଖରେ କିଛି ସିସିଟିଭି ଫୁଟେଜ୍ ମଧ୍ୟ ଅଛି । ସରକାରୀ ଦଳର କିଛି କାର୍ଯ୍ୟକର୍ତ୍ତା ଆମ ବିରୋଧରେ ଷଡ଼ଯନ୍ତ୍ର କରିଛନ୍ତି । ବିଜୟ ଥଲାପତିଙ୍କ ରାଲି ସୁରକ୍ଷା ମାର୍ଗଦର୍ଶିକାକୁ ଉଲ୍ଲଂଘନ କରିଥିବା ନେଇ ଡିଏମକେ ନେତୃତ୍ୱାଧୀନ ସରକାରଙ୍କ ପକ୍ଷରୁ କୁହାଯାଇଥିବା ବେଳେ ଏହାକୁ ଖଣ୍ଡନ କରିଛି ଟିଭିକେ । ଦଳ ପକ୍ଷରୁ ଅରିବାଝଗନ କହିଛନ୍ତି, ପୁଲିସ ଦ୍ୱାରା ଜାରି କରାଯାଇଥିବା କୌଣସି ନିୟମକୁ ଆମେ କୌଣସି ପରିସ୍ଥିତିରେ ଉଲ୍ଲଂଘନ କରିନାହୁଁ । ଗତ କିଛି ମାସରେ ଟିଭିକେ ମଦୁରାଇ, ତ୍ରିଚୀ, ଆରିୟାଲୁର, ଥିରୁବରୁର, ନାଗାପଟ୍ଟିନମରେ ଅନେକ କାର୍ଯ୍ୟକ୍ରମ କରିଛୁ । କିନ୍ତୁ କରୁରରେ କାହିଁକି ଏମିତି ଏକ ଘଟଣା ଘଟିଲା? ଏହା ସନ୍ଦେହ ସୃଷ୍ଟି କରୁଛି ।

# କୋଣାର୍କରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ




କୋଣାର୍କ,(ସବ୍ୟୁ): ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିସରରେ କୋଣାର୍କ ପର୍ଯ୍ୟଟନ କାର୍ଯ୍ୟାଳୟ ପକ୍ଷରୁ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି । କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ପର୍ଯ୍ୟଟନ ଦିବସ ସମାରୋହରେ କୋଣାର୍କ ଅଞ୍ଚଳର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଜାଭିୟର କଲେଜ ଅଫ ହୋଟେଲ ମ୍ୟାନେଜମେଣ୍ଟର ଛାତ୍ର ଛାତ୍ରୀ ଓ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦାରା ପରିଚାଳିତ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଆର୍ତ୍ତତ୍ରାଣ କାର୍ତ୍ତିକଶ୍ୱରିଦ୍ୟାପୀଠ ନୂଆଗାଁ ର ଛାତ ଛାତ୍ରୀମାନଙ୍କୁ ନେଇ ସୂର୍ଯ୍ୟ ମନ୍ଦିର ସଂଲଗ୍ନ ଅଂଚଳରେ ସଫେଇ କାର୍ଯ୍ୟକ୍ରମ ଓ ପର୍ଯ୍ୟଟନ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଅତିଥି ଦେବ ଭବୋ ନାରାରେ ସୂର୍ଯ୍ୟ ମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ମନ୍ଦିର ପରିଦର୍ଶନରେ ଆସିଥିବା ପର୍ଯ୍ୟଟକମାନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ସହ ଫୁଲ ଚନ୍ଦନ ଅର୍ପଣ କରାଯାଇ ଆତିଥେୟତା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆର୍ତ୍ତତ୍ରାଣ କାର୍ତ୍ତିକେଶର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ରାମକୃଷ୍ଣ ମହାନ୍ତି, ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ କ୍ରୀଡା ଶିକ୍ଷକ ଅଭୟମଲ୍ଲ ଓ ଶିକ୍ଷକ ଭାଗୀରଥୀ ପାଇକରାୟ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ କୋଣାର୍କ ପର୍ଯ୍ୟଟନ କାର୍ଯ୍ୟାଳୟର ପଦ୍ମ ଚରଣ ପାତ୍ରଙ୍କ ସମେତ କର୍ମଚାରୀମାନେ ପରିଚାଳନା କରିଥିଲେ ।

# କ୍ୟାପିଟାଲ ରିଜିଅନ ରିଂ ରୋଡର ଟେଣ୍ଡର ପୂର୍ବରୁ ବିଭିନ୍ନ କମ୍ପାନୀର ନିରୀକ୍ଷଣ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲାର ରାମେଶ୍ୱର ଠାରୁ କଟକ ଜିଲ୍ଲାର ଟାଙ୍ଗି ପର୍ଯ୍ୟନ୍ତ ନିର୍ମାଣ ହେବାକୁ ଥିବା ୬ ଥାକିଆ ଆକ୍ସେସ କଣ୍ଟ୍ରୋଲଡ଼ କ୍ୟାପିଟାଲ ରିଜିଅନ ରିଂ ରୋଡର , ରାମେଶ୍ୱର ଠାରୁ ଢେଙ୍କାନାଳର ଗୋବିନ୍ଦପୁର ପର୍ଯ୍ୟନ୍ତ ଅଂଶର ନିର୍ମାଣ ନିମନ୍ତେ ଟେଣ୍ଡର ପକାଇବା ପାଇଁ ଭାରତର ଅନେକ ବଡ ବଡ ନିର୍ମାଣକାରୀ କମ୍ପାନୀମାନଙ୍କ ମଧ୍ୟରେ ଉତ୍ସାହ ଦେଖା ଦେଇଛି । ଅନେକ କମ୍ପାନୀ ମଧ୍ୟ ସ୍ଥାନ ନିରୀକ୍ଷଣ କରିସାରିଲେଣି । ରବିବାର ଦିନ ଭାରତର ଅନ୍ୟ ଏକ ବଡ ନିର୍ମାଣକାରୀ ସଂସ୍ଥାର ପଦାଧିକାରୀମାନେ ଏହି ପ୍ରକଳ୍ପରେ ଅନ୍ତର୍ଭୁକ୍ତ ଥିବା ସ୍ଥାନ ଗୁଡିକୁ ବୁଲି ଦେଖିଥିଲେ । ଖୋର୍ଦ୍ଧାର ରାମେଶ୍ୱର , ରମ୍ଭାବୀଳ , ଗୟାବନ୍ଧ , ପରିଛଳ , ସରୁଆ ଆଦି ସ୍ଥାନ ବୁଲି ଦେଖିଥିଲେ ।କଞ୍ଚାମାଲ କେଉଁଠୁ ଆସିବ , କଞ୍ଚାମାଲର ଦର କେତେ ରହୁଛି . ପିଚୁ ପ୍ଲାଣ୍ଟ କେଉଁଠାରେ ବସିବ ଆଦି ନିରୀକ୍ଷଣ କରିଥିଲେ । ଏହି କମ୍ପାନୀ ଦେଶର ଅନେକ ଗୁରୁତ୍ୱପୂର୍ଣ୍ଣ ରାଜପଥ ପ୍ରକଳ୍ପରେ କାମ କରୁଅଛି । ଯେପରିକି ଦିଲ୍ଲୀ ମୁମ୍ବାଇ ଏକ୍ସପ୍ରେସ୍‌ୱେ , ସମୃଦ୍ଧି ମହାମାର୍ଗ , ଅମୃତସର ଜାମନଗର ଏକ୍ସପ୍ରେସ୍‌ୱେ , ଖାମମ ଦାବେରପାଲି ଏକ୍ସପ୍ରେସ୍‌ୱେ ଏବଂ ଓଡିଶାର ରାଇପୁର ବିଶାଖାପାଟନମ ଏକ୍ସପ୍ରେସର ବିଭିନ୍ନ ପ୍ୟାକେଜରେ କାମ କରୁଛି ।

# ବିନା କୋଚିଂରେ ପ୍ରଥମ ସୁଯୋଗରେ ସୁବ୍ରତଙ୍କ ଓପିଏସସିରେ କୃତିତ୍ୱ



ବଲାଙ୍ଗିର,(ସବ୍ୟୁ):ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ଅଧିନ କୁସମେଲ ଗ୍ରାମର ସୁବ୍ରତ କୁମାର ସିଂହଦେଓ ୨୦୨୩-୨୪ ଓପିଏସସି ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି । ତାଙ୍କ ଏଭଳି ସଫଳତାରେ ଅଞ୍ଚଳରେ ଶୁଭେଚ୍ଛାର ସୁଅ ଛୁଟିଛି । ସୁବ୍ରତ ବିନା କୋଚିଂ ଓ ପ୍ରଥମ ସୁଯୋଗରେ ଏଭଳି ସଫଳତା ପାଇଥିବା ବନ୍ଧୁ, ପରିଜନ ମହଲରେ ଖୁସିର ମାହୋଲ ଦେଖାଦେଇଛି । ସାଧାରଣ ପରିବାରରେ ଜନ୍ମିତ ସୁବ୍ରତ ନିଜ ଗ୍ରାମ କୁସମେଲରୁ ମାଟ୍ରିକ ପରୀକ୍ଷାରେ ପାସ୍ କରିବା ପରେ ବଲାଙ୍ଗିର ନାଇସ କଲେଜ ଅଫ କମର୍ସରୁ ଯୁକ୍ତ ୨ ରେ ପାସ କରିଥିଲେ । ପରେ ରାଜେନ୍ଦ୍ର ସ୍ୱୟଂ ଶାସିତ କଲେଜରୁ ବି କମ୍ ଓ ଏମ କମ୍ ପାସ କରିଛନ୍ତି । ପରେ ଜିଲ୍ଲା ଶିକ୍ଷା ବିଭାଗ ଅଧିନ (ଡ଼ିଇଓ ) ଆଗଲପୁର ନିକଟ ଉଚବାହାଲ ସ୍କୁଲରେ ଜଣେ କନିଷ୍ଠ କିରାଣୀ ଭାବେ କାର୍ଯ୍ୟରତ ଅଛନ୍ତି । ସୁବ୍ରତ ଚାକିରୀ ସହ ନିଜ ପାଠ ପଢ଼ା ପ୍ରତି ମନବଳାଇ ବିନା କୋଚିଂରେ ପ୍ରଥମ ସୁଯୋଗରେ ଏଭଳି ସଫଳତା ପାଇବା ପରେ ବାପା ଶାନ୍ତନୁ କୁମାର ସିଂହଦେଓ ଓ ମାଆ ଅଞ୍ଜଳି ପ୍ରଭା ସିଂହଦେଓ ବେଶ ଖୁସି । ସୁବ୍ରତ ହେଉଛନ୍ତି ବରଗଡ଼ର ପୂର୍ବତନ ସାଂସଦ ଡ଼. ପ୍ରଭାସ କୁମାର ସିଂହଙ୍କ ଏକମାତ୍ର ଭଣଜା । ସୁବ୍ରତଙ୍କ ସଫଳତାରେ ମଉଷା ଅକ୍ଷୟ ସିଂହ, ମାଉଷୀ ଦମୟନ୍ତି ସିଂ, ମଉଷା ଦୁଃଖୀଶ୍ୟାମ ଭଞ୍ଜ,ମାଉଷୀ ନିରୁପମା ଭଞ୍ଜ, ସୁବ୍ରତଙ୍କ ବଡ଼ ଭଉଣୀ ଶୁଭଶ୍ରୀ ସିଂ ଓ ଭିଶୋଇ ମୌମ୍ୟରଞ୍ଜନ ସିଂ ଖୁସି ପ୍ରକାଶ କରି ଶୁଭେଚ୍ଛା ଜଣାଇଛନ୍ତି ।

# କଳିଙ୍ଗା ଘାଟି ଭୁସ୍ଖଳନ: ବଢ଼ିପାରେ ବିପଦ

ଫଉଲବାଣୀ,(ସବ୍ୟୁ): କଳିଙ୍ଗା ଘାଟି ଭୁସ୍ଖଳନ ସ୍ଥଳରେ ବିପଦ ମୁଣ୍ଡ ଉପରେ ଝୁଲି ରହିଛି । ରାସ୍ତାରେ କଂକ୍ରିଟ ଢ଼ଳେଇ ସରିଛି ଦୁଇ ଫୁଟିଆ ହୋମ ପାଇ ପ୍ରସ୍ତୁତ ହୋଇ ରହିଛି । ହେଲେ ଆଜି ସକାଳେ କିଛି ଘଣ୍ଟା କଂକ୍ରିଟ ଢ଼ଳେଇ କାମ ପରେ କାର୍ଯ୍ୟ ବନ୍ଦ ରହିଛି । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁସାରେ ପାର୍ବଣ ପାଇଁ ତିନି ଦିନ କାର୍ଯ୍ୟ ବନ୍ଦ ରହିବ ।

କନ୍ଧମାଳ ଜିଲ୍ଲାପାଳଙ୍କ କହିବା ଅନୁସାରେ ୩୦ତାରିଖ ପର୍ଯ୍ୟନ୍ତ କଳିଙ୍ଗା ଘାଟି ରାସ୍ତାରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ନିଷେଧ କରିଥିଲେ । ତାପରେ ସେଇ ରାସ୍ତାରେ ଯାନବାହନ ଚଳାଚଳ କରିବ ବୋଲି ଲୋକ ଆଶା ବାନ୍ଧି ବସିଥିଲେ । ହେଲେ ଆଜି କାର୍ଯ୍ୟ ସ୍ଥଳ ଦେଖିବା ପରେ ଯାହା ଅନୁମାନ କରାଯାଇଛି ଆହୁରି ଦଶ ଦିନ ସମୟ ଲାଗିବ କାର୍ଯ୍ୟ ସାରିବାକୁ । କଂକ୍ରିଟ ଢ଼ଳେଇ ସରିବା ପରେ ତାଉପରେ ହୋମ ପାଇପ ବିଛା ଯାଇ ପେକିଂ ଦିଆଯାଇ ପୁନର୍ବାର ହୋମ ପାଇପ ଉପରେ କଂକ୍ରିଟ ଢ଼ଳେଇ କରି ରାସ୍ତା ନିର୍ମାଣ ହେବ । ପୁଣି ରାସ୍ତା ପାଶ୍ୱର୍ରେ ପଥର ଗାର୍ଡ ଓ୍ୱାଲ ନିର୍ମାଣ କରାଯିବ ।

ଏହି ସବୁ କାର୍ଯ୍ୟ ସରିଲେ ଗାଡ଼ି ଯାତାୟତ କରିବ ହେଲେ ଏହା ଭିତରେ ପୁଣି ବିପଦ ମୁଣ୍ଡ ଉପରେ ଅଛି ତାହା ହେଉଛି ଉପରେ ଝୁଲି ରହିଥିବା ବଡ଼ ବଡ଼ ପଥର । ଏହି ପଥର ବାହାର କରିବା ନିମନ୍ତେ ଦୁଇଟି ବିଶେଷଜ୍ଞ ଦଳ ଭଞ୍ଜନଗର ଏବଂ ସୋନପୁର ରୁ ଆସିବା ନେଇ କନ୍ଧମାଳ ଜିଲ୍ଲାପାଳ ସୂଚନା ଦେଇଥିଲେ । ହେଲେ ସେଇ ଦୁଇ ବିଶେଷଜ୍ଞ ଦଳ କେବେ ଆସିଲେ କଣ ଦେଖିଲେ କଣ ରିପୋର୍ଟ ଦେଲେ କିଛି ବୁଝାପଡୁନଥିବା ବେଳେ ଜାତୀୟ ରାଜପଥ ଅଧିକାରୀ ପୁଣି ସୂଚନା ଦେଲେ ରାଜ୍ୟ ବାହାରୁ ଏକ ବିଶେଷଜ୍ଞ ଦଳ ଆସିବେ ଝୁଲି ରହିଥିବା ପଥର ବାହାର କରିବା ବ୍ୟବସ୍ଥା କରିବେ । ଇତି ମଧ୍ୟରେ ଦିନ ଗଡ଼ିବାରେ ଲାଗିଛି କୌଣସି ବିଶେଷଜ୍ଞ ଦଳର ଦେଖା ନାହିଁ । ପଥର ଗୁଡିକ ସେମିତି ଝୁଲି ରହିଛି । ତୁହାକୁ ତୁହା ଲଘୁଚାପ ତୁହାକୁ ତୁହା ବର୍ଷା କେତେବେଳେ କଣ ବିପଦ ଘଟିବ କେହି କହିପାରିବେ ନାହିଁ । କାର୍ଯ୍ୟରେ ବର୍ଷା ବାଧକ ସାଜିଥିବା ବେଳେ ପାଗ ବଦଳି ଭଲ ପାଗ ଆସିଲା ବେଳକୁ ପାର୍ବଣ ଋତୁ ଦୁଇ ଦିନ ପରେ ଦୁର୍ଗା ପୂଜା ଏଣୁ କାର୍ଯ୍ୟ ଧିମେଇ ଯାଇଛି । ଦୁର୍ଗାପ୍ରସାଦ ଏବଂ କଳିଙ୍ଗା ରେ ଥିବା ଢ଼ାବା ହୋଟେଲ ଚା ପାନ ଦୋକାନୀଙ୍କ ହାତ ବନ୍ଦ ହୋଇଯାଇଛି । ଚିନ୍ତାରେ ସମସ୍ତ ବ୍ୟବସାୟୀ । ଏହାସହ ପରିବା ବ୍ୟବସାୟ କରି ଗୁଜରାଣ ମେଣ୍ଟାଉଥିବା କ୍ଷୁଦ୍ର ଚାଷୀ ବ୍ୟବସାୟୀ ମଧ୍ୟ ଆର୍ଥିକ ଯନ୍ତ୍ରଣାରେ ପେଶୀ ହୋଇଯାଇଛନ୍ତି । ସମସ୍ତଙ୍କ ଅପେକ୍ଷା କେବେ ଖୋଲିବ କଳିଙ୍ଗା ଘାଟି ରାସ୍ତା ।

# ଆପାର୍ଟମେଣ୍ଟରେ ବୃଦ୍ଧାଙ୍କ ସନ୍ଦେହଜନ ମୃତ୍ୟୁ

ଫୁଲନଖରା ,(ସବ୍ୟୁ): କଟକ ସଦର ଥାନା ଅନ୍ତର୍ଗତ ତ୍ରିନାଥ ବଜାରରୁ ମହିଧରପଡା ମେଡିକାଲ ରୋଡ ତାରିଣୀ ମନ୍ଦିର ସମ୍ମୁଖରେ ଆପାର୍ଟମେଣ୍ଟର ତିନି ତାଲାରେ ରହୁଥିବା ଜଣେ ୯୫ ବର୍ଷ ବୟସର ବୃଦ୍ଧା ମହିଳାଙ୍କର ମୃତ୍ୟୁ ସନ୍ଦେହ ଘେରକୁ ଆସିଛି । ଆପାର୍ଟମେଣ୍ଟର ତିନି ମହଲାରେ କିଛି ଦିନ ହେବ କେନ୍ଦ୍ରାପଡ଼ା ଆଳୀ ଅଞ୍ଚଳର ସନ୍ତୋଷ ଦାସ, ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ ଭଡ଼ାରେ ରହିଆସୁଛନ୍ତି । ସନ୍ତୋଷଙ୍କ ପୁଅ ରୋଗରେ ୨୫ ଦିନ ତଳେ ମୃତ୍ୟୁବରଣ କରିଛନ୍ତି । ତାଙ୍କ ସ୍ତ୍ରୀ ଓ ବଡ ଝିଅ ଘରକୁ ଯାଇଥିବା ବେଳେ ଶନିବାର ଦିନ ସିଏ ଓ ତାଙ୍କ ମାଆ ଡାଳିମ୍ବ ଦାସ ଘରେ ରହୁଥିଲେ । ପୁଅ ସନ୍ତୋଷ ଦାସ କହିବା କଥା ଯେ, ମୁଁ ତିନି ମହଲାର ବାରଣ୍ଡାରେ ମା' ଙ୍କୁ ବସାଇ ରୋଷେଇ କାର୍ଯ୍ୟରେ ନିଯୋଜିତ ଥିଲେ । ସେ ତିନି ତାଲାରୁ ତଳକୁ କିପରି ଆସି ମୃତ୍ୟୁବରଣ କଲେ ମୁଁ କିଛି ଜାଣି ନାହିଁ ବୋଲି ସଫେଇ ଦେଉଛନ୍ତି । ଏଠାରେ ପ୍ରଶ୍ନ ଉଠେ କି, ଯଦି ତିନି ମହଲା ବାଲକୋନିରେ ସେ ତଳକୁ ପଡ଼ିଲେ ତେବେ ରକ୍ତାକ୍ତ ବା କ୍ଷତ ସ୍ଥାନ କିପରି ଦେହରେ ନାହିଁ । ଯଦି ସେ ଓହ୍ଲାଇବା ବେଳେ ପାହାଚରୁ ଗଡି ପଡ଼ିଥିଲେ ବଙ୍କାଣିଆ ସିଡି ପାହାଚରେ ସେଠାରେ ନ ରହି ଆପାର୍ଟମେଣ୍ଟ ପାହାଚ ଠାରୁ ୫୦ ଫୁଟ ଦୂରରେ ସେ କେମିତି ଆସି ସେଠାରେ ପଡ଼ିଥିଲେ ବୋଲି ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ । ଏହି ଖବର ପାଇ, କଟକ ସଦର ଥାନା ଆଇ.ଆଇ.ସି ଘଟଣା ସ୍ଥଳ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲ ପଠାଇଛନ୍ତି । ଆପାର୍ଟମେଣ୍ଟରେ ବାସ କରୁଥିବା ଲୋକଙ୍କ ଠାରୁ ପ୍ରକାଶ ଯେ, ଯଦି ପଡ଼ିଥାନ୍ତା ମୁଣ୍ଡ, ଗୋଡ଼,ହାତ ଫାଟିଥାନ୍ତା ସେପରି କିଛି ଦେଖିବାକୁ ମିଳିନଥିଲା ତେଣୁ ଆମକୁ ସନ୍ଦେହ ଘେରରେ ରହିଛୁ

# ବାରଙ୍ଗ ବ୍ଲକରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ

ଫୁଲନଖରା,(ସବ୍ୟୁ): ବାରଙ୍ଗ ବ୍ଲକ ଅନ୍ତର୍ଗତ ନରାଜ ମାର୍ଥାପୁର ଅନ୍ତଗତ ତଳଗଡ ସିଦ୍ଧେଶର ମନ୍ଦିରରେ ବିଶ୍ୱପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି ।ମନ୍ଦିର ପରିସର ସଫେଇ, ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ଓ ସ୍ୱଚ୍ଛତା ଶପଥ ପାଠ କରାଯାଇଥିଲା,ସରପଞ୍ଚ ଗୀତାଞ୍ଜଳୀ ସାହୁ ଙ୍କ ନେତୃତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସାବିତ୍ରୀ ଦଳେଇ, ଜିଲ୍ଲା ପରିମଳ ସଂଯୋଜକ । ବିଦ୍ୟାଧର ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିତମ ପ୍ରକାଶ ପୃଷ୍ଟି, ବିଶ କେତନ ସାମଲ, ଏଡ଼ିଇ ଓ ମିତୁସ୍ମିତ । ବେଉରା,ପଞ୍ଚାୟତ ପ୍ରତିନିଧି, ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନେ ଯୋଗ ଦେଇ ସଚ୍ଛତା କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ବ୍ଲକ ସ୍ୱଛ ଭାରତ ସଂଯୋଜକ ଶ୍ରୀ ମହେନ୍ଦ୍ର ବେହେରା ପରିଚାଳନା କରିଥିଲେ ।

# ଜୋର ଧରିଲା ନୂତନ ଗ୍ରାମପଞ୍ଚାୟତ ଗଠନ ଦାବି

ବାଲିଅନ୍ତା,(ସବ୍ୟୁ): :ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ବ୍ଲକ ପୁରୋହିତପୁର ଓ ପୁରଣପ୍ରଧାନ ଗ୍ରାମପଞ୍ଚାୟତ ଅଧିନ ୫ ଗୋଟି ରାଜସ୍ୱ ଗ୍ରାମ ଓ ଗୋଟିଏ ପଡା ଗ୍ରାମକୁ ନେଇ ଏକ ନୂତନ ଗ୍ରାମପଞ୍ଚାୟତ ଗଠନ କରିବାପାଇଁ ଦାବି ତୀବ୍ର ହୋଇଛି । ପୁରୋହିତପୁର ଗ୍ରାମପଞ୍ଚାୟତ ଅଧିନ ୩ ଗୋଟି ରାଜସ୍ୱ ଗ୍ରାମ ଚଢେଇବର, ଶିଙ୍ଗିରି ଶାସନ ଏବଂ ପାଣିକଟା ଗ୍ରାମର ଜନସଂଖ୍ୟା ୨୦୧୧ ଜନଗଣନା ଅନୁସାରେ ୨୬୬୨ । ସେହିପରି ପୁରଣପ୍ରଧାନ ଗ୍ରାମପଞ୍ଚାୟତର ୨ଟି ରାଜସ୍ୱ ଗ୍ରାମ ବିଶୁନିଆପଡା ଓ ବାୟାଁପଦା ଗ୍ରାମର ଜନସଂଖ୍ୟା ୨୦୧୧ ଜନଗଣନା ଅନୁସାରେ ୧୮୮୮ । ଏହି ୪ ଟି ରାଜସ୍ୱ ଗ୍ରାମ ଠାରୁ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ୮ କି.ମି ଦୂରରେ ଅବସ୍ଥିତ । ପଞ୍ଚାୟତ ଗଠନ ସମୟରେ ଭୌଗଳିକ ସ୍ଥିତିକୁ ଦୃଷ୍ଟି ନ ଦିଆଯିବାରୁ ଆଜି ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏହି ୫ ରାଜସ୍ୱ ଗ୍ରାମର ଗ୍ରାମବାସୀ । ବିଶେଷ କରି ଗରିବ , ବୟୋଜ୍ୟେଷ୍ଠ, ଭିନ୍ନକ୍ଷମ ବ୍ୟକ୍ତି ମାନେ ଏହି ୮ କି.ମି ଦୂର ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାବେଳେ ନାନା ପ୍ରକାର ଅସୁବିଧାର ସମ୍ମୁଖିନ ହେଉଛନ୍ତି । ବନ୍ୟା ବାତ୍ୟା ସମୟରେ ମଧ୍ୟ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ବାହ୍ୟ ଜଗତରୁ ବିଛିନ୍ନ ହେଉଥିବା ଦେଖାଯାଇଛି । ଯାହାକୁ ନେଇ ଅଂଚଳରେ ଅନେକ ସମୟରେ ଅସନ୍ତୋଷ ପ୍ରକାଶ ପାଇଥାଏ । ଏନେଇ ଏକ ବୈଠକ ପାଣିକଟା ନିକଟ ଶ୍ରୀ ନିଳକେ=ଶର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ଦିନରେ ଏହି ସମ୍ବନ୍ଧରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ , ଜିଲ୍ଲାପାଳ , ସ୍ଥାନୀୟ ସାଂସଦ, ବିଧାୟକ ଏବଂ ଜନପ୍ରତିନିଧି ମାନଙ୍କୁ ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଯୁବନେତା ତଥା ସମାଜସେବୀ ପ୍ରଦୀପ୍ତ କୁମାର ମହାନ୍ତି ସଭା ପରିଚାଳନା କରିଥିବା ବେଳେ ,ବରିଷ୍ଠ ନାଗରିକ ଜନ୍ମେଜୟ ସ୍ୱାଇଁ, ସୁରେନ୍ଦ୍ର ନାୟକ, ଅଭିମନ୍ୟୁ ଜେନା ପ୍ରମୁଖ ନିଜର ମତାମତ ରଖିଥିଲେ । ଅଂଚଳର ଅନେକ ବିଶିଷ୍ଟ ବ୍ୟକ୍ତି, ବୁଦ୍ଧିଜୀବୀ ଏହି ବୈଠକରେ ଉପସ୍ଥିତ ଥିଲେ ।

# ମାଉଣ୍ଟ ଲାମୋରେ ତ୍ରିରଙ୍ଗା ଉଡ଼ାଇଲେ ଭାପୁର ଝିଅ

ଭାପୁର ,(ସବ୍ୟୁ): ଦୁର୍ଗମ ଗିରିଶୃଙ୍ଗ ହିମାଳୟ ଉପରେ ନୟାଗଡ଼ ଜିଲ୍ଲା ଭାପୁର ଝିଅ ତ୍ରିରଙ୍ଗା ଉଡାଇ ଦେଶ ପାଇଁ ଗୌରବ ଆଣିଦେଇଛନ୍ତି । ଭାପୁର ଗ୍ରାମର ନୌସେନାର ପୂର୍ବତନ ଲେଫଟନାଣ୍ଟ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ଝିଅ କ୍ୟାପେଟେନ ସୋନାଲି ମହାପାତ୍ର ହିମାଳୟ ମାଉଣ୍ଟ ଲାମୋରେ ଭାରତ ଜାତୀୟ ପତାକା ଉଡେଇ ଦେଶ ଓ ଜାତି ପାଇଁ ଐତିହାସିକ ପୃଷ୍ଠାରେ ଆଉ ଏକ ଅଧ୍ୟାୟ ଯୋଡ଼ିଛନ୍ତି । ଭାରତୀୟ ନର୍ସିଂ ସେବାର ଶତାବ୍ଦୀ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଏହି ପର୍ବତାରୋହଣ ଗତ ମାସରୁ ଆରମ୍ଭ ହୋଇ ଚଳିତ ମାସ ୧୮ ତାରିଖ ଦିନ ଭାରତର ଜାତୀୟ ପତାକା ଉଡେଇ ମହିଳା ସେନାର ୧୧ ଜଣ ମହିଳା ଅଧିକାରୀ ଦେଶର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି । ହିମାଳୟର ଏହି ବିପଦପୂର୍ଣ୍ଣ ମାଉଣ୍ଟ ଲାମୋ ଉପରେ ବିଜୟିନୀ ହେବା ପାଇଁ ଭାରତୀୟ ନର୍ସିଙ୍ଗ ସେବା ବିଭାଗ ମେଜର ହୁଟା ଓ କ୍ୟାପେଟେନ ସୋନାଲି ମହାପାତ୍ର ଙ୍କ ନେତୃତ୍ୱରେ ପୂର୍ବ ଲଦାଖ ଅନ୍ତର୍ଗତ ଯାବତ ଟୋକପା ଉପତ୍ୟକାର ୬୧୨୦ ମିଟର ଉଚ୍ଚ ଏହି ଦୁର୍ଗମ ଶୃଙ୍ଗ ଉପରେ ପୂର୍ବରୁ ପୃଥିବୀର କୌଣସି ପର୍ବତାରୋହୀ ବିଜୟ ଲାଭ କରିନଥିବାରୁ ପ୍ରଥମକରି ନୟାଗଡ଼ ଜିଲ୍ଲା ଭାପୁର ଅଞ୍ଚଳର ବୀରା ମହିଳା ବିଜୟ ପତାକା ଉଡେଇ ମହିଳା ଶକ୍ତିର ପ୍ରତୀକ ମାଆ କାଳୀଙ୍କ ନାମନୁସାରେ ଏହି ଶୃଙ୍ଗ ର ନାମ ଦି ଲାମୋ ଶୃଙ୍ଗଦ ନାମରେ ନାମିତ କରିଛନ୍ତି । ଫଳରେ ସାରା ଭାରତ ବର୍ଷରେ ଭାପୁର ଅଞ୍ଚଳ ଝିଅ ଚର୍ଚ୍ଚିତ ହୋଇ ତାଙ୍କ ନିକଟକୁ ଶୁଭେଚ୍ଛା ବାର୍ତ୍ତା ଆସୁଛି ।

# ସରକାରୀ ଦୋକାନ ଘର ଭଡାକୁ ନେଇ ଗ୍ରାମେର ଉତ୍ତେଜନା

ଆଠଗଡ ,(ସବ୍ୟୁ): ପଞ୍ଚାୟତ ତରଫରୁ ତିଆରି ହୋଇ ଥିଲା ଦୋକାନ ଘର । ତେବେ ଘରଭଡ଼ା ଦେବା ନେବାକୁ ନେଇ ଆଠଗଡ଼ ଥାନା ଅନ୍ତର୍ଗତ ଦହିସରା ଗ୍ରାମର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଦେଖା ଦେଇଛି ।ଉଭୟ ପକ୍ଷ ଉଭୟଙ୍କ ନାମରେ ଆଠଗଡ଼ ଥାନା ରେ ଏକାଧିକ ମାମଲା କରି ଥିବା ବେଳେ ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି ।ଏ ବାବଦରେ ରବିବାର ଦିନ ଗ୍ରାମ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଏହାର ନିନ୍ଦା ସହିତ ବିରୋଧ କରା ଯାଇଛି ।ପୁରୁଣା କଟକ ସମ୍ବଲପୁର ରାସ୍ତା ଦହିସରା ଛକରେ ମହାକାଳବସ୍ତ ପଞ୍ଚାୟତ ପକ୍ଷରୁ ତିନୋଟି ଦୋକାନ ଘର ନିର୍ମାଣ କରି ଭଡା ସୂତ୍ରରେ ଦିଆ ଯାଇଥାଏ ।ଗ୍ରାମ କମିଟି ପକ୍ଷରୁ ପଞ୍ଚାୟତରୁ ଏହାକୁ ଅନ୍ୟ ଲୋକ ଙ୍କ ନାମରେ ନିଆଯାଇ କମିଟି ନିଷ୍ପତ୍ତି ଅନୁସାରେ ଭଡା ସୂତ୍ରରେ ଦିଆ ଯାଇଥାଏ । ପଞ୍ଚାୟତ ଭଡା ବାଦ ଯାହା ବଳକା ରହେ ତାହା ମହାଦେବଙ୍କ ମନ୍ଦିର ନିର୍ମାଣରେ ଲାଗିଯାଏ । କିନ୍ତୁ ସେହି ଗ୍ରାମର ପବିତ୍ର ରାଉତ ଜାଲିଆତି କରି ଉକ୍ତ ଘରକୁ ନିଜର ଏବଂ ସମ୍ପର୍କୀୟଙ୍କ ନାମରେ ଲିଜ ସୂତ୍ରରେ ଆଣି ଜବରଦସ୍ତ ଅଧିକାର କରିବା ପାଇଁ ଚେଷ୍ଟା କରୁଥିବା ଅଭିଯୋଗ ହୋଇଛି । ଗ୍ରାମବାସୀଙ୍କ ତରଫରୁ ଏ ବାବଦରେ ଆଠଗଡ଼ ଉପଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ବିଡ଼ିଓ ଏବଂ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କୁ ଲିଖିତ ଭାବରେ ଜଣାଇ ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଗଲା ନାହିଁ । ଓଲଟି ଗ୍ରାମର କିଛି ଆଗ ଧାଡିର ବ୍ୟକ୍ତିଙ୍କ ନାମରେ ଆଠଗଡ଼ ଥାନାରେ ଏକାଧିକ ମାମଲା କରା ଯାଇଛି । ତେଣୁ ଏହାର ନିରପେକ୍ଷ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି କୁହାଯାଇଛି । ସୂଚନାଯୋଗ୍ୟ ଏହି ମାମଲାରେ ଗତ ୨୫ ତାରିଖରେ ଦହିସରା ଗ୍ରାମର ବଂଶୀଧର ରାଉତ ଏବଂ ଅନ୍ୟ ମାନଙ୍କ ନାମରେ ଏକାଧିକ ମାମଲା ଥାଇ ପୋଲିସ ସେମାନଙ୍କୁ ଅନୁକମ୍ପା ଦେଖାଉଥିବା ଅଭିଯୋଗରେ ଗୋଟିଏ ଗୋଷ୍ଠୀର ଲୋକମାନେ ଆଠଗଡ଼ ଥାନା ଘେରାଉ କରିବା ସହିତ କଟକ ଗ୍ରାମାଞ୍ଚଳ ଏସପି ଙ୍କୁ ଭେଟି ଅଭିଯୋଗ କରିଥିଲେ । ରବିବାର ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଗ୍ରାମ କମିଟି ସଭାପତି ବଂଶୀଧର ରାଉତ, ସମ୍ପାଦକ ବେଣୁଧର ଦାସ, ବସନ୍ତ ରାଉତ,ଶରତ କୁମାର ସାହୁ, ଶଶଧର ରାଉତ,ସୁବାସ ମଲ୍ଲିକ,ନୁରି ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ ।

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ଆଜିଠୁ ମଣ୍ଡପରେ ଦର୍ଶନ ଦେବେ ମା'

# ୧୭୨ ମଣ୍ଡପରେ ବିରାଜିଲେ ମା', ମଣ୍ଡପ ସାମ୍ନାରେ ଗହଳି

ଭୁବନେଶ୍ୱର(ସବ୍ୟୁ): ଶାରଦୀୟ ନବରାତ୍ରୀ ପାଇଁ ଗାଁଠୁ ସହର ପର୍ଯ୍ୟନ୍ତ ଚାରିଆଡ଼େ ଉତ୍ସବର ବାତାବରଣ । ଧରାପୃଷ୍ଠକୁ ମାଙ୍କ ବିରାଜ ପାଇଁ ଶକ୍ତିପୀଠଗୁଡ଼ିକ ଚଳଚଞ୍ଚଳ



ହୋଇଉଠିଛି । ଦେବୀପୀଠ ଗୁଡ଼ିକରେ ଶ୍ରଦ୍ଧାଳୁମାନଙ୍କର ଭିଡ଼ ଦେଖିବାକୁ ମିଳୁଛି । ଆଜି(ରବିବାର) ଦେବୀପୀଠ ଓ ମନ୍ଦିରରେ ମା'ଙ୍କର ସପ୍ତମୀ ପୂଜା ଅନୁଷ୍ଠିତ ହୋଇଯାଇ ଥିବା ବେଳେ ମଣ୍ଡପରେ ମାଙ୍କ ଷଷ୍ଠୀ ପୂଜା ରାତିରେ ଅନୁଷ୍ଠିତ ହେବ । ମା'ଙ୍କ ଦଶହାର ପୂଜା ପାଇଁ ପ୍ରସ୍ତୁତି ଜାରି ରହିଛି । ମା' ଦୁର୍ଗା ଆସନ୍ତାକାଲି(ସୋମବାର) ଠାରୁ ମଣ୍ଡପରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେବେ । ତେବେ ମଣ୍ଡପରେ ମା'ଙ୍କ ଦର୍ଶନ ଆଜି ହୋଇପାରୁନଥିଲେ ମଧ୍ୟ ଲୋକଙ୍କର ଗହଳି ଦେଖିବାକୁ ମିଳିଛି । ରାଜଧାନୀ ଭୁବନେଶ୍ୱରରେ ପାଗ ଭଲ ଥିବାରୁ ରବିବାର ଅପରାହ୍ନ ଠାରୁ ମଣ୍ଡପଗୁଡ଼ିକ ସାମ୍ନାରେ ଲୋକଙ୍କ ସୁଅ ଛୁଟୁଛି । ମା'ଙ୍କ ଦର୍ଶନ ବ୍ୟବସ୍ଥା ନଥିଲେ ବି ଲୋକେ ମଣ୍ଡପ ସାମ୍ନାରେ ଲାଗିଥିବା ଅସ୍ଥାୟୀ ଷ୍ଟଲ ଓ ଖୋଲା ଦୋକାନରୁ ଜିନିଷପତ୍ର କିଣିବା ଆରମ୍ଭ କରିଦେଇଛନ୍ତି । ମଣ୍ଡପ ସାମ୍ନାରେ ବୁଲା ବେପାରୀମାନେ ମାଧ ଆସର ଜମାଇଛନ୍ତି । ଲୋକଙ୍କର ଭିଡ଼ ବଢୁଥିବାରୁ ଓ ପାଗ ଭଲ ଥିବାରୁ ସେମାନେ ଭଲ ବେପାର ମଧ୍ୟ କରିଛନ୍ତି ।



ଭୁବନେଶ୍ୱରର ଦୁର୍ଗାପୂଜା ମଣ୍ଡପରେ ଭିଡ଼ ଲାଗିବାର ଅନ୍ୟ ଏକ କାରଣ ହେଲା ଏଠାରେ ନୂଆ ନୂଆ ଢାଞ୍ଚାରେ ନିର୍ମିତ ତୋରଣ । ବିଭିନ୍ନ ପୂଜା ଅନୁଷ୍ଠାନ ତରଫରୁ ଲୋକଙ୍କୁ ଆକର୍ଷିତ କଲା ଭଳି ଚଳିତବର୍ଷ ସୁଉଚ୍ଚ ତୋରଣ ନିର୍ମାଣ କରାଯାଇଛି । ଝାଉଁ ଫଳ, କଦଳୀ ପଟୁଆ, ଅର୍ଜୁନ ଫଳ, ବେତ କୋଳି ମଞ୍ଜି, କଠଗୁଣ୍ଡ, କାଉଁରୀ କାଠି, ଆମ୍ବଟାରେ ସୂକ୍ଷ୍ମ କାରୁ କାର୍ଯ୍ୟ ହୋଇଛି ।

ବମିଖାଲରେ ମୟୂର ରାଜପ୍ରାସାଦ ନିର୍ମାଣ ହୋଇଥିବା ବରମୁଣ୍ଡାରେ କାଳ୍ପନିକ ବିଷୟ ଉପରେ, କଳିଙ୍ଗ ଦୁର୍ଗାପୂଜାରେ କାଇନାଇଟିକ ଓ୍ୱାଲ୍ କୋନ, ଭୌମ୍ୟନଗରରେ ରାଜମହଲ, ଚକେଇସିଆଣୀରେ ରାଜସ୍ଥାନର ରାଜବାଟୀ, ଡମଣାରେ ମାୟାପୁରୀ ଇସ୍କନ ମନ୍ଦିର, ଗଙ୍ଗନଗରରେ ସୋମନାଥ ମନ୍ଦିର, ଘାଟିକିଆ ମା ଭୁଆସୁଣୀରେ ଅଯୋଧ୍ୟା ରାମମନ୍ଦିର, ଝାରପଡ଼ାରେ ବୌଦ୍ଧଗଡ଼ ଦୁର୍ଗ, କଳିଙ୍ଗ ବିହାରରେ ନରେଓ୍ୱ କିଙ୍ଗ୍ କ୍ୟାସଲ, କୋରଡ଼କଣ୍ଟାରେ ରାଜସ୍ଥାନର ଅମରେଶ୍ୱର ମନ୍ଦିର, ନୂଆପଲ୍ଲୀରେ କୁଚିପୁଡ଼ି ନୃତ୍ୟ, ପଳାଶୁଣୀରେ ମିଆଁମାର ଗୋଲଡେନ୍ ପ୍ୟାଲେସ, ରସୁଲଗଡ଼ରେ ଉତ୍ତରାଖଣ୍ଡ ଗୁମ୍ଫାର କାଳ୍ପନିକ ଉପରେ ଆଧାରିତ ତୋରଣ, ସତ୍ୟନଗରରେ ସୂର୍ଯ୍ୟରଥ ତୋରଣ, ସୀତା ଉଦ୍ଧାରଣ ପ୍ରସଙ୍ଗ ଉପରେ ତୋରଣ, ୟୁନିଟ-୧ରେ ଗଙ୍ଗା ଉଦ୍ଧାର ତୋରଣ, ୟୁନିଟ-୯ରେ ଫଳରେ ପ୍ରସ୍ତୁତ ତୋରଣ, ଭିଏସ୍ଏସ୍ ନଗରରେ ନନ୍ଦିଘୋଷ ତୋରଣ ନିର୍ମାଣ କରାଯାଇଛି ।

## ଦୁଇ ଦିନିଆ ଦ୍ୱିତୀୟ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ ଉଦଯାପିତ

# ଶିକ୍ଷା ମାଧ୍ୟମରେ ମଧ୍ୟସ୍ଥତା ସଂସ୍କୃତି ସୃଷ୍ଟି କରିବାକୁ ଗୁରୁତ୍ୱ

ଭୁବନେଶ୍ୱର(ସବ୍ୟୁ): ଓଡ଼ିଶା ମାଟି ହେଉଛି ମଧ୍ୟସ୍ଥତାର ମାଟି । ଆମର ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ହେଉଛି ମଧ୍ୟସ୍ଥତାର ଏକ ନିଚ୍ଛକ ପ୍ରଦର୍ଶନ । ଆମ ଦେଶରେ ଏବେ ପ୍ରାୟ ୪ କୋଟି ବିଭିନ୍ନ ମାମଲା ରହିଛି । ଏହାକୁ ସମାଧାନ କରିବାରେ ମଧ୍ୟସ୍ଥତା ଉଲ୍ଲେଖନୀୟ ଯୋଗଦାନ କରିବ । କରୋନା ମହାମାରୀ ଆମକୁ ଅନ୍ ଲାଇନ୍ ମାଧ୍ୟମରେ ମାମଲା ଶୁଣାଣି ପାଇଁ ପଥ ଦେଖାଇଥିଲା । ଏବେ ବୈଷୟିକ ଜ୍ଞାନ କୌଶଳ ବୃଦ୍ଧି ପାଇଛି । କୃତ୍ରିମ ବୁଦ୍ଧିମତ୍ତା ଉପଯୋଗ ହେଉଛି । ବିଭିନ୍ନ ରାଜ୍ୟରେ ମାତୃଭାଷାରେ ଆଇନଗତ ମାମଲାର ଶୁଣାଣି କରାଯିବା ଉପରେ ସେ ମତ ରଖିଥିଲେ । ବିବାଦ ସୃଷ୍ଟି ନକରାଯିବା, ଗଣତାନ୍ତ୍ରିକ ମୂଲ୍ୟବୋଧ ବଜାୟ ରଖିବା, ଶିକ୍ଷା, ସଚେତନତା ମାଧ୍ୟମରେ ମଧ୍ୟସ୍ଥତା ସଂସ୍କୃତି ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଦୁଇଦିନିଆ ଦ୍ୱିତୀୟ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ-୨୦୨୫ର ଉଦଯାପନୀ ସମାରୋହ ରବିବାର ସନ୍ଧ୍ୟାରେ ଭୁବନେଶ୍ୱର ସ୍ଥିତ ରାଜ୍ୟ କନଭେନସନ ସେଣ୍ଟରରେ ଉଦଯାପିତ ହୋଇଛି । ସମ୍ମିଳନୀର ଉଦଯାପନୀ ସମାରୋହରେ ସୁପ୍ରିମକୋର୍ଟର ବିଚାରପତି ଏମ.ଏମ. ସୁନ୍ଦରେଶ ଯୋଗଦେଇ ରାମାୟଣ ଯୁଗର ଉଦାହରଣ ଦେଇ କହିଲେ, ମହାବୀର ହନୁମାନ ହେଉଛନ୍ତି ଜଣେ ବଡ଼ ମଧ୍ୟସ୍ଥି । କାରଣ ସେ ସତ୍ୟ ଓ ନ୍ୟାୟର ମଧ୍ୟସ୍ଥତା ପାଇଁ ନିଜ ଜୀବନକୁ ବାଜି ଲଗାଇ ଦେଇଥିଲେ । ତେଣୁ ମଧ୍ୟସ୍ଥତାର ପ୍ରାସଙ୍ଗିକତା ଅତୀବ ପୁରାତନ । ଏହାକୁ ବର୍ତ୍ତମାନ ଉପଯୋଗୀ କରିବାର ଆବଶ୍ୟକତା ରହିଛି ବୋଲି ସେ ପ୍ରକାଶ କରିଥିଲେ ।

କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘଓ୍ୱାଲ, ଯୋଗଦେଇ ସଭାକୁ ସମ୍ବୋଧନ କରି କହିଲେ, ମଧ୍ୟସ୍ଥତା ବିଭିନ୍ନ କ୍ଷେତ୍ରରେ ରହୁଥିବା ମାମଲାରେ ବିବାଦ ସମାଧାନର ବିକଳ୍ପ ବ୍ୟବସ୍ଥା । ଏହି ସମ୍ମିଳନୀରୁ ଆଲୋଚିତ ନିଷ୍କର୍ଷ ଆଧାରରେ ଦେଶରେ ମଧ୍ୟସ୍ଥତା ବ୍ୟବସ୍ଥାରେ ଉନ୍ନତି ପାଇଁ ସମସ୍ତ ପ୍ରୟାସ କରାଯିବ ବୋଲି ସେ ପ୍ରକାଶ କରିଥିଲେ ।



ସମ୍ମିଳନୀରେ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଅହସାନୁଦ୍ଦିନ ଅମାନୁଲ୍ଲାହ, ଅନ୍ୟତମ ବିଚାରପତି ନ୍ୟାୟ ମୂର୍ତ୍ତି ସଞ୍ଜୟ କରୋଲ, ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟାଣ୍ଡନ ଯୋଗ ଦେଇ ମେଘାଳୟରେ ଅନୁଷ୍ଠିତ ହେବାକୁ ଥିବା ୩ୟ ମଧ୍ୟସ୍ଥତା ସମ୍ମିଳନୀ ପାଇଁ ସେ ସଫଳତା କାମନା କରିଥିଲେ । ଓଡ଼ିଶା ସରକାରଙ୍କ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ସଭା ପରିଚାଳନା କରିଥିଲେ ।

# ଉତ୍ପାଦନ ଉତ୍କର୍ଷତାକୁ ଶକ୍ତି ଦେଉଛନ୍ତି ବେଦାନ୍ତ ଆଲୁମିନିୟମର ଇଞ୍ଜିନିୟର

ଭୁବନେଶ୍ୱର, (ସବ୍ୟୁ): ବେଦାନ୍ତ ଆଲୁମିନିୟମ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ କରୁଥିବା ସ୍ମେଲଟର, ରିଫାଇନାରୀ ଏବଂ ରୋଲିଂ ମିଲ୍ ପଛରେ ୨,୦୦୦ ଇଞ୍ଜିନିୟରଙ୍କ କର୍ମଚାରୀ ଅଛନ୍ତି। ଓଡ଼ିଶାର ଝାରସୁଗୁଡା ଏବଂ ଲାଞ୍ଜିଗଡ଼ ଏବଂ ଛତିଶଗଡ଼ର କୋର୍ବାରେ ବିସ୍ତାରିତ, ଏହି ବିବିଧ ପ୍ରତିଭାର ପୁଲ ମେସିନଗୁଡ଼ିକୁ ଚାଲୁ ରଖିବା ଅପେକ୍ଷା ବହୁତ ଅଧିକ କାର୍ଯ୍ୟ କରୁଛି। ସେମାନେ ସମସ୍ୟା ସମାଧାନକାରୀ, ଉଦ୍ଭାବକ ଏବଂ ପରିବର୍ତ୍ତନକାରି, ଭାରତର ଶିଳ୍ପ ଅଭିବୃଦ୍ଧି, ସ୍ୱଚ୍ଛ ଶକ୍ତି ପରିବର୍ତ୍ତନ ଏବଂ ବିଶ୍ୱ ପ୍ରତିଯୋଗିତା ପାଇଁ ଆଲୁମିନିୟମକୁ ଏକ ରଣନୈତିକ ଲିଭରରେ ପରିଣତ କରୁଛନ୍ତି। ବେଦାନ୍ତ ଆଲୁମିନିୟମର ଇଞ୍ଜିନିୟରିଂ ଶକ୍ତିକୁ ଅନନ୍ୟ କରିଥାଏ ଏହାର ଯୁବପିଢ଼ି। ମାତ୍ର ୨୯-୩୦ ବର୍ଷ ହାରାହାରି ବୟସ ସହିତ, କମ୍ପାନୀର ଇଞ୍ଜିନିୟରମାନେ ବୈଷୟିକ ଗଭୀରତା ଏବଂ ପରୀକ୍ଷଣ ପାଇଁ ଏକ ସାହସିକ ଆଗ୍ରହ ଆଣିଥାନ୍ତି। ସେମାନଙ୍କର କାର୍ଯ୍ୟ ଡିଜିଟାଲ୍ ଟ୍ୱିନ୍ ମଡେଲ୍ ନିୟୋଜିତ କରିବା ଠାରୁ ଆରମ୍ଭ କରି ସ୍ମେଲ୍ଟର କାର୍ଯ୍ୟଦକ୍ଷତାକୁ ଅପ୍ଟିମାଇଜ୍ କରିବା, ଅପବ୍ୟବହାରକୁ ଏକ ସମ୍ବଳ ଭାବରେ ପୁନଃକଳ୍ପନା କରିବା ପର୍ଯ୍ୟନ୍ତ - ଉଦାହରଣ ସ୍ୱରୂପ, ଶିଳ୍ପ ଉପ-ଉତ୍ପାଦକୁ ଉଚ୍ଚ-ଶୁଦ୍ଧତା ବ୍ୟାଟେରୀ-ଗ୍ରେଡ୍ ଗ୍ରାଫାଇଟରେ ରୂପାନ୍ତର କରିବା ପର୍ଯ୍ୟନ୍ତ।

ଏହି କୌତୁହଳର ସଂସ୍କୃତିକୁ ବେଦାନ୍ତ ଝାରସୁଗୁଡାର ମେଟାଲର ସିଇଓ ଜଙ୍ଘେଶ୍ୱର ଦାଶଙ୍କ ଭଳି ନେତୃତ୍ୱମାନେ ପ୍ରତିପାଦିତ କରିଛନ୍ତି, ଯାହାଙ୍କ କ୍ୟାରିଅର୍ ବିଶ୍ୱର ସର୍ବବୃହତ ଏକକ-ସ୍ଥାନ ସ୍ମେଲ୍ଟରରେ ପ୍ରଥମ ୭୬ଟି ପାତ୍ରକୁ କମିଶନିଂ କରି ଆରମ୍ଭ ହୋଇଥିଲା। ବେଦାନ୍ତ ଆଲୁମିନିୟମରେ ନବସୃଜନ କେବଳ ପ୍ରଯୁକ୍ତିବିଦ୍ୟା ପର୍ଯ୍ୟନ୍ତ ସୀମିତ ନୁହେଁ, ଏହା ଅନ୍ତର୍ଭୁକ୍ତିକରଣ ପର୍ଯ୍ୟନ୍ତ ବିସ୍ତାରିତ। ଏକ ଐତିହାସିକ ପଦକ୍ଷେପରେ, କମ୍ପାନୀ ଝାରସୁଗୁଡାରେ ଏକ ସମ୍ପୂର୍ଣ୍ଣ ସ୍ମେଲ୍ଟର ଲାଇନକୁ କେବଳ ମହିଳାମାନଙ୍କ ଦ୍ୱାରା ପରିଚାଳିତ କରିବା ପାଇଁ ପରିବର୍ତ୍ତନ କରିଛି, ଯାହା ଭାରତରେ ପ୍ରଥମ ଏପରି ପଦକ୍ଷେପ। ଏହା ବେଦାନ୍ତର ଆର୍ଥିକ ବର୍ଷ ୨୦୩୦ ସୁଦ୍ଧା ଏହାର କର୍ମଚାରୀମାନଙ୍କ ମଧ୍ୟରେ ୩୦% ମହିଳା ପ୍ରତିନିଧିତ୍ୱ ହାସଲ କରିବା ଲକ୍ଷ୍ୟର ଏକ ଅଂଶ।



ନମ୍ରତା କୁମାରୀ ଏବଂ ସୌମ୍ୟା ପ୍ରିୟା ଭଳି ଇଞ୍ଜିନିୟରମାନେ ଏହି ପରିବର୍ତ୍ତନର ନେତୃତ୍ୱ ନେଉଛନ୍ତି। ଉଭୟ ମହିଳା ନେତୃତ୍ୱାଧୀନ ପଟଲାଇନର ଅଂଶ, ଯେଉଁଠାରେ ସେମାନେ ପାରମ୍ପାରିକ ଭାବରେ ପୁରୁଷ-ପ୍ରଧାନ ପରିବେଶରେ ସ୍ଥାନ ସୃଷ୍ଟି କରିବା ପାଇଁ ସନ୍ଦେହ, ଦୀର୍ଘ ପରିବର୍ତ୍ତନ ଏବଂ ବୈଷୟିକ ପ୍ରତିବନ୍ଧକଗୁଡ଼ିକୁ ପାର୍ କରିଛନ୍ତି।

## ପ୍ରାଚୀପ୍ରଜ୍ଞା ପରିଷଦର ଜାତୀୟ ପର୍ଯ୍ୟଟନ ଦିବସ ପାଳନ

ଫୁଲନଖରା ,(ସବ୍ୟୁ): ଅଣ ରାଜନୈତିକ ସେଓ୍ୱଚ୍ଛ ସେବୀ ସଂଗଠନ ପ୍ରାଚୀପ୍ରଜ୍ଞା ପରିଷଦ ପକ୍ଷରୁ ଜାତୀୟ ପର୍ଯ୍ୟଟନ ଦିବସ ପାଳନ କରାଯାଇଛି । ଏହି ଅବସରରେ ଏକ ବାଇକ ଶୋଭାଯାତ୍ରା ଫୁଲନଖରା - ନିଆଳି ରାସ୍ତାର କୁରାଙ୍ଗ ଶାସନ ଶ୍ରୀ ଜଗନ୍ନାଥ ମନ୍ଦିରରୁ ବାହାରି ଫୁଲନଖରା - ନିଆଳି ରାସ୍ତା ଦେଇ ରାଧାକାନ୍ତ ମଠରେ ପହଞ୍ଚିଥିଲେ ।

## 'ଭୋଟ୍ ଚୋର ଗାଦି ଛାଡ' ଦସ୍ତଖତ ଅଭିଯାନ ତ୍ୱରାନ୍ୱିତ

# ୨ ଅକ୍ଟୋବର ମାଲକାନଗିରିଠାରୁ ବର୍ଷବ୍ୟାପୀ ପଦଯାତ୍ରାର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ସଂଗଠନ ସୃଜନ ଅଭିଯାନ ମାଧ୍ୟମରେ ଓଡିଶା ପ୍ରଦେଶ କଂଗ୍ରେସର ସମସ୍ତ ୩୫ ସାଂଗଠନିକ ଜିଲ୍ଲାର ସଭାପତିମାନଙ୍କ ନାମ ଘୋଷଣା କରାଯାଇଛି । ରାଜ୍ୟରେ ଗତ ୧୭ ସେପେଟମ୍ବରରୁ ଆରମ୍ଭ ହୋଇଥିବା 'ଭୋଟ୍ ଚୋର, ଗାଦି ଛାଡ' ଦସ୍ତଖତ ଅଭିଯାନ ତ୍ୱରାନ୍ୱିତ ହେବ ବୋଲି ପିସିସି ମିଡିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ ପ୍ରକାଶ କରିଛନ୍ତି । ରବିବାର ମଧ୍ୟାହ୍ନରେ କଂଗ୍ରେସ ଭବନରେ ସାମ୍ବାଦିକ ମାନଙ୍କୁ ସୂଚନା ଦେଇ ସେ କହିଛନ୍ତି ଯେ ଦେଶବ୍ୟାପୀ ଏହି କାର୍ଯ୍ୟକ୍ରମରେ ଘରକୁ ଘର ବୁଲି ଅଗଣିତ କଂଗ୍ରେସ ନେତା ଓ କର୍ମୀ ମୋଟ୍ ୫ କୋଟି ଲୋକଙ୍କ ଦସ୍ତଖତ ସଂଗ୍ରହ କରିବେ । ଗଣତନ୍ତ୍ରର ସୁରକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଏହି ଦସ୍ତାବିଜକୁ ଆସନ୍ତା ୧୫ ଅକେଟାବର ଭାରତର ରାଷ୍ଟ୍ରପତି ଓ ମୁଖ୍ୟ ନିର୍ବାଚନ ଆୟୋଗଙ୍କ ନିକଟରେ କଂଗ୍ରେସ ନେତୃବୃନ୍ଦ ଦାଖଲ କରିବେ । ଏହି କ୍ରମରେ ଓଡିଶାରେ ଆସନ୍ତା



୧୨ ଅକେଟାବର ସୁଦ୍ଧା ୨୦ ଲକ୍ଷ ଦସ୍ତଖତ ସଂଗ୍ରହ ହେବ । ଦଳର ସମସ୍ତ କର୍ମକର୍ତ୍ତା, ନେତା ଓ କର୍ମୀ, ଛାମୁଆ ସଙ୍ଗଠନ ଓ ବିଭାଗର ମୁଖ୍ୟମାନେ ସକ୍ରିୟ ସଂପୃକ୍ତି ଦେଖାଇ ଏହି ପ୍ରକ୍ରିୟାରେ ସାମିଲ୍ ହେବାକୁ ପିସିସି ସଭାପତି ଭକ୍ତ ଚରଣ ଦାସ ନିବେଦନ କରିଥିବା ଶ୍ରୀ ଦାସ କହିଛନ୍ତି ।

୨ ଅକେଟାବର ଠାରୁ ଓଡିଶାରେ ବର୍ଷବ୍ୟାପୀ 'ଗାନ୍ଧୀ ପଥେ ଓଡିଶା' ପଦଯାତ୍ରା ଆରମ୍ଭ ହେବ ବୋଲି ଗଣମାଧ୍ୟମ ମୁଖ୍ୟ ସୂଚନା ଦେଇଛନ୍ତି । ସେଦିନ ପିସିସି ସଭାପତି ଶ୍ରୀ ଦାସ ମାଲକାନଗିରିର ମୋଟୁଠାରୁ ଏହି ପଦଯାତ୍ରାର ଶୁଭାରମ୍ଭ କରିବେ । ନାରୀ ନ୍ୟାୟ ଅଧିକାର ପାଇଁ ୩ ତାରିଖ ମଧ୍ୟ ପଦଯାତ୍ରାର ପ୍ରଥମ ଦଫା ଚାଲୁରହିବ । ତେବେ ନୂଆପଡା ଉପର୍ନିବାଚନ ପରେ ପଦଯାତ୍ରା ପୁଣି ଆରମ୍ଭ କରାଯିବ ବୋଲି ସେ କହିଛନ୍ତି । ରାଜ୍ୟର ପ୍ରତ୍ୟେକ ବ୍ଲକରେ ପର୍ଯ୍ୟାୟାନୁକ୍ରମେ ଦିନକୁ ୧୫-୨୦ କି.ମି. ପଦଯାତ୍ରା ଆୟୋଜିତ ହେବ । ଏ ନେଇ ବିସ୍ତୃତ କାର୍ଯ୍ୟସୂଚୀ ଓ ରୋଡମ୍ୟାପ ପରବର୍ତ୍ତୀ ସମୟରେ ପ୍ରକାଶ ପାଇବ ବୋଲି ସେ ସୂଚନା ଦେଇଥିଲେ ।




























# ମନ କି ବାତରେ ଜୁବୀନଙ୍କୁ ପ୍ରଧାନମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

ନୂଆଦିଲ୍ଲୀ : ମ୍ୟୁଜିକ୍ ଇଣ୍ଡଷ୍ଟ୍ରୀ ପାଇଁ ଗତ ସପ୍ତାହ ଖୁବ୍ ଦୁଃଖପୂର୍ଣ୍ଣ ରହି ଥିଲା। ଗତ ଶୁକ୍ରବାର ଆସାମର ରକଷ୍ଟାର୍ ଓ ପ୍ରସିଦ୍ଧ ସିଙ୍ଗର ଜୁବିନ ଗର୍ଗଙ୍କ ହଠାତ୍ ମୃତ୍ୟୁ ସମସ୍ତଙ୍କ ହୃଦୟକୁ ଦୋହଲାଇ ଦେଇଛି। ଜୁବିନ ୧୯ ସେପ୍ଟେମ୍ବରରେ ଶେଷ ନିଃଶ୍ୱାସ ନେଇ ଥିଲେ। ସୂଚନା ଆଧାରରେ ସିଙ୍ଗାପୁରରେ ସମୁଦ୍ରରେ ବୁଡ଼ି ଯାଇ ଜୁବିନ ଗର୍ଗଙ୍କ ମୃତ୍ୟୁ ହୋଇ ଥିଲା , ଯାହାର ତଦନ୍ତ ନିର୍ଦ୍ଦେଶ ଦିଆ ଯାଇଛି। ଜୁବିନ ଗର୍ଗଙ୍କୁ ରାଜକୀୟ ସମ୍ମାନର ସହ ଅନ୍ତିମ ବିଦାୟ ଦିଆଯାଇ ଥିଲା। ସମସ୍ତେ ଜୁବିନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଏହି କ୍ରମରେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଜୁବିନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି।




ଉଲ୍ଲେଖନୀୟ ଯେ, ଆଜି ପିଏମ୍ ନରେନ୍ଦ୍ର ମୋଦି ନିଜର କାର୍ଯ୍ୟକ୍ରମରେ ' ମନ୍ କୀ ବାତ'ର ୧୨୬ତମ ଏପିସୋଡରେ ଜୁବିନ ଗର୍ଗଙ୍କୁ ମନେପକାଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ମଧ୍ୟ ଦେଇଛନ୍ତି । ପିଏମ୍ ମୋଦି କହିଛନ୍ତି , ସାଥିମାନେ , କିଛି ଦିନ ପୂର୍ବେ ଆସାମରେ ଭୂପେନ ହଜାରିକାଙ୍କ ଜନ୍ମଦିନ ପାଳନ କରାଯାଉଥିଲା ଏବଂ ଏହି ମଧ୍ୟରେ ଏକ ଦୁଃଖଦ ଘଟଣା ଘଟିଲା । ଜୁବିନ ଗର୍ଗଙ୍କ ହଠାତ୍ ଅସମୟରେ ନିଧନରେ ଲୋକେ ଶୋକ ବ୍ୟକ୍ତ କରୁଛନ୍ତି । ସେ ଜଣେ ପ୍ରସିଦ୍ଧ ଗାୟକ ଥିଲେ, ଯିଏ ସାରା ଦେଶରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ । ଜୁବିନ ଗର୍ଗଙ୍କ ଆସାମର ସଂସ୍କୃତି ସହ ଖୁବ୍ ଭଲ ସଂପର୍କ ଥିଲା। ସେ ସର୍ବଦା ଆମର ହୃଦୟରେ ରହିବେ। ତାଙ୍କର ସଙ୍ଗୀତ ଆଗାମୀ ପିଢି ପ୍ରେରଣା ଦେବ। ଜୁବିନ ଆସାମୀ ସଂସ୍କୃତିର ସବୁଠୁ ଉଜ୍ଜ୍ୱଳତମ ରତ୍ନ , କୋହିନୂର ଥିଲେ। ହେଲେ ସେ ଶାରୀରିକ ଭାବେ ଆମ ମଧ୍ୟରୁ ଚାଲିଗଲେ , କିନ୍ତୁ ସେ ସର୍ବଦା ଆମର ହୃଦୟରେ ରହିବେ।

ନିକଟରେ କଙ୍ଗନା ରଣାଓ୍ୱତ ମଧ୍ୟ ଜୁବିନ ଗର୍ଗଙ୍କ ମୃତ୍ୟୁରେ ଶୋକ ବ୍ୟକ୍ତ କରି ଶ୍ରଦ୍ଧାଞ୍ଜଳି ଦେଇ ଥିଲେ। କହି ରଖୁଛୁ କି, କଙ୍ଗନା ରଣାଓ୍ୱତଙ୍କର ଡେବ୍ୟୁ ଫିଲ୍ମ 'ଗ୍ୟାଙ୍ଗଷ୍ଟର'ର ହିଟ୍ ଗୀତ ' ୟା ଅଲୀ ... ' ଜୁବିନ ଗର୍ଗ ଗାଇ ଥିଲେ, ଏହି ଗୀତରେ ଜୁବିନଙ୍କୁ ସିନେମା ଜଗତରେ ବଡ଼ ପରିଚୟ ମିଳି ଥିଲା।

# ଚୀନର ତିନିଟିକିଆ ପରମାଣୁ ପରୀକ୍ଷଣ

ବେଜିଂ : ଚୀନ୍ ସେନା ପରୀକ୍ଷାଗାରରେ ଏକ ଘାତକ ପରୀକ୍ଷଣ କରିଛି । ପିଏଲଏ ବୈଜ୍ଞାନିକମାନେ ପ୍ରଥମ ଥର ପାଇଁ ଟ୍ରିପଲ-ନ୍ୟୁକ୍ଲିୟର ଷ୍ଟ୍ରାଇକ୍ ପରୀକ୍ଷଣ କରିଛନ୍ତି । ଏହାର ଅର୍ଥ ହେଉଛି ବିସ୍ଫୋରଣ ଗୋଟିଏ ଯୁଦ୍ଧାସ୍ତ୍ର ଦ୍ୱାରା ନୁହେଁ, ବରଂ ଗୋଟିଏ ପରେ ଗୋଟିଏ କିମ୍ବା ଏକକାଳୀନ ଫାୟାର କରାଯାଇଥିବା ଛୋଟ, କମ୍ ଉତ୍ପାଦନକ୍ଷମ ଯୁଦ୍ଧାସ୍ତ୍ର ଦ୍ୱାରା ହେବ, ଯାହା ଏକ ଗତିଶୀଳ କ୍ଲଷ୍ଟର ଗଠନ କରିବ ।

ଏପର୍ଯ୍ୟନ୍ତ, କେବଳ ଗୋଟିଏ ପରମାଣୁ ବୋମା ସହିତ ଗବେଷଣା କରାଯାଇଛି, ଏବଂ ବିକଶିତ ଅସ୍ତ୍ରଗୁଡ଼ିକ ମଧ୍ୟ ଗୋଟିଏ ଯୁଦ୍ଧାସ୍ତ୍ର ସହିତ ତିଆରି କରାଯାଇଛି । ତଥାପି, ଚୀନ୍ ଏହି ପଦ୍ଧତିକୁ ଅନେକ ଗୁଣ ଆଗକୁ ନେଇଛି, ଯାହା ଏପରି ଅସ୍ତ୍ରକୁ ଯଥେଷ୍ଟ ଅଧିକ ଘାତକ କରିଛି । ଆପଣ କଳ୍ପନା କରିପାରିବେ ଯେ ତିନୋଟି ଛୋଟ ପରମାଣୁ ଯୁଦ୍ଧାସ୍ତ୍ର ପ୍ରାୟ ଏକକାଳୀନ ବିସ୍ଫୋରଣ ହେବା ଦ୍ୱାରା କେତେ ବଡ଼ ଧ୍ୱଂସଲୀଳା ହେବଛ ବଙ୍କରଗୁଡ଼ିକୁ ଧ୍ୱଂସ କରିବା ପାଇଁ ଚୀନ୍ ଏପରି ଏକ ଅସ୍ତ୍ର ବିକଶିତ କରୁଛି ବୋଲି କୁହାଯାଉଛି, ଏହା ଆମେରିକାର ଚିନ୍ତାଧାରାକୁ ମଧ୍ୟ ଦୋହଲାଇ ଦେବାର ସମ୍ଭାବନା ଅଛି । ନାନଜିଂ ସ୍ଥିତ ଆର୍ମି ଇଞ୍ଜିନିୟରିଂ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏହି ଗବେଷଣା କରିଥିଲେ, ଯାହା



ଏକ୍ସପ୍ଲୋସନ୍ ଆଣ୍ଡ୍ ସକ୍ ୱେଭ୍ସ ଜର୍ଣ୍ଣାଲରେ ପ୍ରକାଶିତ ହୋଇଥିଲା । ରିପୋର୍ଟ ଅନୁଯାୟୀ, ଚୀନ୍ ବୈଜ୍ଞାନିକମାନେ ସମାନ ସ୍ଥାନରେ ପ୍ରାୟ ଏକକାଳୀନ ତିନୋଟି ଛୋଟ ପରମାଣୁ ଆକ୍ରମଣର ପ୍ରଭାବ ନିର୍ଣ୍ଣୟ କରିବାକୁ ଚେଷ୍ଟା କରିଥିଲେ । ନାନଜିଂର ପିଏଲଏ ବିଶ୍ୱବିଦ୍ୟାଳୟର ଦଳ ଏକ ତିନୋଟି ବିସ୍ଫୋରଣ ପ୍ରଭାବକୁ ମଡେଲ୍ ଏବଂ ପରୀକ୍ଷା କରିବା ପାଇଁ କ୍ଷୁଦ୍ର-ସ୍ତରର, ନିୟନ୍ତ୍ରିତ ପରୀକ୍ଷଣ କରିଥିଲେ ।

# ଚୈତନ୍ୟାନନ୍ଦଙ୍କୁ ୫ଦିନିଆ ପୋଲିସ ହେପାଜତକୁ ପଠାଇଲେ କୋର୍ଟ

ନୂଆଦିଲ୍ଲୀ : ଅନେକ ଛାତ୍ରୀଙ୍କୁ ଯୌନ ଶୋଷଣର ଅଭିଯୁକ୍ତ ଚୈତନ୍ୟାନନ୍ଦ ସରସ୍ୱତୀଙ୍କୁ ପୁଲିସ ଦିଲ୍ଲୀର ଏକ କୋର୍ଟରେ ହଜାର କରିଥିଲା । କୋର୍ଟ ଏହି ଆତ୍ମଘୋଷିତ ଧର୍ମଗୁରୁଙ୍କୁ ୫ ଦିନର ପୁଲିସ ହେପାଜତକୁ ପଠାଇ ଦେଇଛନ୍ତି । ଏହା ପୂର୍ବରୁ ପୁଲିସ ତାଙ୍କୁ ରବିବାର ସକାଳେ ଆଗ୍ରାରୁ ଗିରଫ କରି ଥିଲାଛ ସେ ଏକ ହୋଟେଲରେ ରହିଥିଲେ ।

ଦିଲ୍ଲୀ ପୁଲିସର ଅଧିକାରୀମାନେ କହିଛନ୍ତି ଯେ, ଚୈତନ୍ୟାନନ୍ଦ ସରସ୍ୱତୀଙ୍କୁ ରବିବାର ଦିଲ୍ଲୀର ପଟିଆଲା ହାଉସ କୋର୍ଟରେ ହାଜର କରାଯାଇଥିଲା । ପୁଲିସ ଏକ ଘରୋଇ ସଂସ୍ଥାରେ ୧୭ ଜଣ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୁକ୍ତ ଆତ୍ମଘୋଷିତ ଧର୍ମଗୁରୁଙ୍କର ୫ଦିନର ହେପାଜତ ମାଗିଥିଲା, ଯାହାକୁ କୋର୍ଟ ମଞ୍ଜୁରୀ ପ୍ରଦାନ କରିଛନ୍ତି ।



୬୨ ବର୍ଷୀୟ ଚୈତନ୍ୟାନନ୍ଦଙ୍କୁ ରବିବାର ସକାଳେ ଆଗ୍ରାରୁ ଗିରଫ କରାଯାଇଛି । ତାଙ୍କୁ ଦିପ୍ରହର ୩ଟା ୪୦ସମୟରେ ଡ୍ୟୁଟି ମାଜିଷ୍ଟ୍ରେଟ୍ ରବିଙ୍କ ସମ୍ମୁଖରେ ହଜାର କରାଯାଇଛି । ଅଧିକାରୀମାନେ କହିଛନ୍ତି ଯେ, ଦିଲ୍ଲୀ ପୁଲିସର ଏକ ଟିମ୍ ସରସ୍ୱତୀଙ୍କୁ ଆଗ୍ରାରୁ ଖୋଜି ବାହାର କରିଥିଲେ । ସେଠାରେ ସେ ଏକ ହୋଟେଲରେ ରହୁଥିଲେ । ଏହା ପୂର୍ବରୁ ପୁଲିସ ଚୈତନ୍ୟାନନ୍ଦ ସରସ୍ୱତୀଙ୍କ ସଂପର୍କିତ ୮ କୋଟି ଟଙ୍କା ଜବତ କରିନେଇ ଥିଲା । ଏହି ଟଙ୍କା ଅନେକ ବ୍ୟାଙ୍କ ଆକାଉଣ୍ଟ ଓ ଫିକ୍ସଡ୍ ଡିପୋଜିଟ୍‌ରେ ଜମା ଥିଲା । ଏଫଆଇଆର ଅନୁସାରେ , ଦକ୍ଷିଣ -ପଶ୍ଚିମ ଦିଲ୍ଲୀ ସ୍ଥିତ ଏକ ପ୍ରବନ୍ଧନ ସଂସ୍ଥାର ପୂର୍ବତନ ଅଧ୍ୟକ୍ଷ ଚୈତନ୍ୟାନନ୍ଦ ସରସ୍ୱତୀ କଥିତ ଭାବେ ଛାତ୍ରୀଙ୍କୁ ବିଳମ୍ବିତ ରାତିରେ ନିଜର କ୍ୱାଟରକୁ ଆସିବା ପାଇଁ ବାଧ୍ୟ କରୁଥିଲେ । ସେ ଛାତ୍ରୀଙ୍କୁ ଫୋନରେ ଖରାପ ମେସେଜ୍ ମଧ୍ୟ ପଠାଉ ଥିଲେ । କଥିତ ଭାବେ ସେ ନିଜର ଫୋନ ଦ୍ୱାରା ଛାତ୍ରୀଙ୍କ କାର୍ଯ୍ୟକଳାପ ଉପରେ ନଜର ରଖୁ ଥିଲେ ।

ଯାଞ୍ଚ ବେଳେ ଏହା ମଧ୍ୟ ଜଣାପଡ଼ିଛି ଯେ, ଅଭିଯୁକ୍ତ ଚୈତନ୍ୟାନନ୍ଦ କଥିତ ଭାବେ ଅଲଗା ଅଲଗା ନାଁ ଓ ବିବରଣୀ ଗୁଡ଼ିକର ବ୍ୟବହାର କରି ଅନେକ ବ୍ୟାଙ୍କ ଆକାଉଣ୍ଟ ପରିଚାଳିତ କରୁଥିଲେ । ତାଙ୍କ ବିରୋଧରେ ଏଫଆଇଆର ରୁଜୁ ହେବା ପରେ ସେ ୫୦ ଲକ୍ଷ ଟଙ୍କାରୁ ଅଧିକ ରାଶି ବାହାର କରି ନେଇଥିଲେ । ସେ କଥିତ ଭାବେ ଆକାଉଣ୍ଟ ଖୋଲିବା ସମୟରେ ଅଲଗା ଅଲଗା ବିବରଣୀର କାଗଜପତ୍ର ଜମା କରିଥିଲେ । ପୁଲିସକୁ ତାଙ୍କ ପାଖରୁ ଫେକ୍ ଭିଜିଟିଂ କାର୍ଡ ମଧ୍ୟ ମିଳିଥିଲା , ଯେଉଁଥିରେ ତାଙ୍କର ଜାତିସଂଘ ଓ ବ୍ରିକ୍ସ ସହ ସଂପର୍କ ଥିବା ଦର୍ଶାଯାଇ ଥିଲା ।

# 'ମୋ ସ୍ୱାମୀ ପିଏମ୍ ମୋଦିଙ୍କ ପ୍ରଶଂସା କରିଥିଲେ'

ନୂଆଦିଲ୍ଲୀ : ସୋନମ ୱାଙ୍ଗଚୁକ୍‌ଙ୍କ ପାକିସ୍ତାନ ଯାତ୍ରା ଏବେ ପ୍ରଶ୍ନ ଘେରରେ । ଏହାକୁ ନେଇ ସୋନମ ୱାଙ୍ଗଚୁକଙ୍କ ପତ୍ନୀଙ୍କର ଆସିଛି ପ୍ରତିକ୍ରିୟା । ତାଙ୍କ ପତ୍ନୀ ଗୀତାଞ୍ଜଳି ଆଙ୍ଗମୋ ଏହି ସବୁ ଅଭିଯୋଗକୁ ଦୃଢ ଭାବେ କରିଛନ୍ତି ଖଣ୍ଡନ । ଗୀତାଞ୍ଜଳି କହିଛନ୍ତି ଯେ, ଆମେ ମିଳିତ ଜାତିସଂଘର ଏକ କାର୍ଯ୍ୟକ୍ରମରେ ପାକିସ୍ତାନ ଯାଇ ଥିଲୁଛ ମୋ ସ୍ୱାମୀ ସେଠାରେ ମଧ୍ୟ ମଞ୍ଚରେ ପିଏମ୍ ମୋଦିଙ୍କର ହିଁ ପ୍ରଶଂସା କରି ଥିଲେ । ଏହାସହ ସେ ସୋନମ ୱାଙ୍ଗଚୁକଙ୍କ ଦ୍ୱାରା ତାଙ୍କର ସଂଗଠନ ମାଧ୍ୟମରେ ଅର୍ଥ ସଂଗ୍ରହ କରିବା କଥାକୁ ମଧ୍ୟ ଖଣ୍ଡନ କରିଛନ୍ତି । ଗୀତାଞ୍ଜଳି ବିରୋଧ ପ୍ରଦର୍ଶନ ବେଳେ ହିଂସାକାଣ୍ଡ ପାଇଁ ସୁରକ୍ଷା ବାହିନୀକୁ ଦାୟୀ କରାଇଛନ୍ତି । ସେ କହିଛନ୍ତି ଯେ, ସୋନମ ୱାଙ୍ଗଚୁକ ଦୀର୍ଘ ସମୟରୁ ଗାନ୍ଧୀବାଦୀ ଉପାୟରେ ବିରୋଧ ପ୍ରଦର୍ଶନ କରୁଛନ୍ତି । କିନ୍ତୁ ୨୪ ସେପ୍ଟେମ୍ବରରେ ସିଆରପିଏଫ୍‌ର କାର୍ଯ୍ୟାନୁଷ୍ଠାନ ଯୋଗୁଁ ସ୍ଥିତି ବିଗିଡ଼ି ଥିଲା ।ହିମାଳୟନ ଇନଷ୍ଟିଚ୍ୟୁଟ୍ ଅଫ୍



ଅଲଟରନେଟିଭ୍ ଲର୍ଣ୍ଣିଂ (ଏଚଆଇଏଏଲ)ର ସହ-ସଂସ୍ଥାପକ ଆଙ୍ଗମୋ ଫୋନ୍‌ରେ ପିଟିଆଇକୁ କହିଛନ୍ତି, ହେପାଜତକୁ ନିଆ ଯିବା ପରେ ସେ ତାଙ୍କ ସ୍ୱାମୀଙ୍କ ସହ କଥାବାର୍ତ୍ତା କରି ପାରୁ ନାହାନ୍ତି । ସେ ଜଳବାୟୁ କାର୍ଯ୍ୟକର୍ତ୍ତା ଓ ତାଙ୍କ ସଂସ୍ଥା ଉପରେ ଲାଗି ଥିବା ସବୁ ଅଭିଯୋଗକୁ ଖଣ୍ଡନ କରି ଦେଇଛନ୍ତି । ଆଙ୍ଗମୋ ଦାବି କରିଥିଲେ ଯେ, ତାଙ୍କୁ ହେପାଜତକୁ ନିଆଯିବା ନିର୍ଦ୍ଦେଶର କପି ଦିଆଯାଇ ନାହିଁ । ଆଙ୍ଗମୋ କହିଛନ୍ତି ଯେ, ତାଙ୍କୁ ଶୁକ୍ରବାର ନିର୍ଦ୍ଦେଶର କପି ପଠାଇବାକୁ ପ୍ରତିଶ୍ରୁତି ଦିଆଯାଇ ଥିଲା । ଆମେ ଆଇନଗତ ରାସ୍ତା ଆପଣାଇବୁ ।

ଆଙ୍ଗମୋ କହିଛନ୍ତି , ପାକିସ୍ତାନକୁ ତାଙ୍କର ସଦ୍ୟ ଯାତ୍ରା ସଂପୂର୍ଣ୍ଣ ରୂପେ ପେଶାଗତ ଓ ଜଳବାୟୁ-କେନ୍ଦ୍ରିତ ଥିଲା । ତାଙ୍କର ସ୍ୱାମୀଙ୍କ ପାକିସ୍ତାନ ସହ ସମ୍ବନ୍ଧର ଅଭିଯୁକ୍ତଙ୍କର ନିନ୍ଦା କରି ସେ କହିଛନ୍ତି ଯେ, ୱାଙ୍ଗଚୁକ୍‌ଙ୍କର ସବୁ ବିଦେଶ ଯାତ୍ରା ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଓ ସଂସ୍ଥାର ନିୟନ୍ତ୍ରଣରେ ହୋଇଥିଲା । ସେ କହିଛନ୍ତି ଯେ, ଆମେ ଜାତିସଂଘ ଦ୍ୱାରା ଆୟୋଜିତ ଏକ ସମ୍ମିଳନୀରେ ଭାଗ ନେଇଥିଲୁ ଏବଂ ଏହା ଜଳବାୟୁ ପରିବର୍ତ୍ତନ ଉପରେ କେନ୍ଦ୍ରିତ ଥିଲା । ହିମାଳୟର ଶିଖରରେ ଥିବା ଗ୍ଲେସିୟର ଏହା ଦେଖିବ ଯେ ମୁଁ ପାକସ୍ତାନରେ ପ୍ରବାହିତ ହେଉଛି କି ଭାରତରେ । ସେ କହିଛନ୍ତି - ଫେବ୍ରୁଆରୀରେ ଆୟୋଜିତବ୍ରିଦ୍ ପାକିସ୍ତାନ ସମ୍ମିଳନୀର ଆୟୋଜନ ଜାତିସଂଘ ପାକିସ୍ତାନ ଓ ଡନ୍ ମିଡ଼ିଆ କରିଥିଲା ଏବଂ ଏଥିରେ ବହୁରାଷ୍ଟ୍ରୀୟ ସହଯୋଗ ସାମିଲ ଥିଲା । ଗୀତାଞ୍ଜଳି କହିଛନ୍ତି ଯେ, ଏହି ସମୟରେ ମଧ୍ୟ ମଞ୍ଚରୁ ତାଙ୍କର ସ୍ୱାମୀ ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ହିଁ ପ୍ରଶଂସା କରି ଥିଲେ ।

ଉଲ୍ଲେଖନୀୟ ଯେ, ଲଦାଖର ଡିଜିପି ଏସଡି ସିଂହ ଜାମୱାଲ କହିଛନ୍ତି ଯେ, ୱାଙ୍ଗଚୁକଙ୍କ ପାକିସ୍ତାନରୁ କଥିତ ସମ୍ୱନ୍ଧ ହେବାର ଯାଞ୍ଚ କରାଯାଉଛି । ଗତ ମାସରେ ଜଣେ ପାକିସ୍ତାନୀ ଗୁପ୍ତଚରକୁ ଗିରଫ କରାଯାଇଥିଲା, ଯିଏକି ୱାଙ୍ଗଚୁକଙ୍କର ବିରୋଧ ପ୍ରଦର୍ଶନର ଭିଡ଼ିଓ ସୀମା ପାର୍ ପଠାଇ ଥିଲା ।

# ବିଜୟଙ୍କ ରାଲିରେ ଦଳାଚକଟା

## ଗଲା ୩୯ ଜୀବନ, ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଘୋଷଣା



ନୂଆଦିଲ୍ଲୀ: ତାମିଲନାଡୁ କରୁରରେ ଦଳଚକଟାରେ ମୃତ୍ୟସଂଖ୍ୟା ୩୯ ରେ ପହଞ୍ଚିଛି । ଟିଭିକେ ନେତା ତଥା ତାମିଲ ସୁପରଷ୍ଟାର ବିଜୟ ଥାଲାପତିଙ୍କ ରାଲିରେ ଏହି ଦଳାଚକଟା ହୋଇଛି । ୩୯ ଜଣ ମୃତକଙ୍କ ମଧ୍ୟରେ ୧୦ ଛୋଟ ପିଲା, ୧୬ ମହିଳା ଅଛନ୍ତି । ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଛନ୍ତି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ । ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ତାମିଲନାଡୁ ସରକାର ନିର୍ଦ୍ଦେଶ ଦେଇଛି । ଆଜି କରୁର ଗସ୍ତ କରିବେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ.କେ ଷ୍ଟାଲିନ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି । ବିଜୟଙ୍କ ସଭାରେ ଆବଶ୍ୟକ ଠାରୁ ଅଧିକ ସଂଖ୍ୟକ ଲୋକ ଭିଡ଼ ହେବାରୁ ଏଭଳି ଅଘଟଣ ହୋଇଛି । ବିଜୟଙ୍କ ରାଲିରେ ୧୦ ହଜାର ଲୋକଙ୍କ ପାଇଁ ଅନୁମତି ମିଳିଥିଲା । ହେଲେ ପ୍ରାୟ ୫୦ ହଜାର ଲୋକ ଯୋଗ ଦେଇଥିଲେ । ରାଲି ପାଇଁ ଲୋକମାନେ ଅପେକ୍ଷା କରିଥିବା ବେଳେ ବିଜୟ ପହଞ୍ଚିବାରେ ବିଳମ୍ବ ହୋଇଥିଲା । ସଭାସ୍ଥଳରେ ପ୍ରାୟ ୬ଘଣ୍ଟା ବିଳମ୍ବରେ ପହଞ୍ଚିଥିଲେ ବିଜୟ । ସଭାସ୍ଥଳରେ ଭାଷଣ ଦେଉଥିବା ବେଳେ ହୋଇଥିଲା ଦଳାଚକଟା । ଦଳାଚକଟା ଅଘଟଣ ପାଇଁ ବିଜୟ ଭାଷଣ ବନ୍ଦ କରି ସହାୟତା ପାଇଁ ଅପିଲ କରିଥିଲେ । କାର୍ଯ୍ୟକର୍ତ୍ତାଙ୍କୁ ପାଣି ଯୋଗାଇବା ସହ ଆମ୍ବୁଲାନ୍ସକୁ ବାଟ ଛାଡ଼ିବାକୁ କହିଥିଲେ ବିଜୟ । ପ୍ରାୟ ୫୦ ଜଣ ଗୁରୁତର ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ପୁଲିସ ଭିଡ଼କୁ ନିୟନ୍ତ୍ରଣ କରିଥିବା ବେଳେ ଉଦ୍ଧାରକାର୍ଯ୍ୟକୁ ବରାନ୍ୱିତ କରାଯାଇଛି । ଅନ୍ୟ ଜିଲ୍ଲାରୁ ଡାକ୍ତର ଓ ମେଡିକାଲ ଷ୍ଟାଫଙ୍କୁ ତୁରନ୍ତ କରୁର ଆସିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ଫୁଡ୍ ପ୍ରୋସେସିଂ କ୍ଷେତ୍ରରେ ମିଳିଲା ୧.୨ ଟ୍ରିଲିଅନ ଟଙ୍କାର ନିବେଶ

ନୂଆଦିଲ୍ଲୀ: 'ୱାର୍ଲ୍ଡ ଫୁଡ୍ ଇଣ୍ଡିଆ ୨୦୨୫' ଶିଖର ସମ୍ମିଳନୀ ସମୟରେ ଭାରତର ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର(ଫୁଡ୍ ପ୍ରୋସେସିଂ ସେକ୍ଟର) ପାଇଁ ମୋଟ ୧.୦୨ ଟ୍ରିଲିୟନ ନିବେଶ ପାଇଛି । କେନ୍ଦ୍ର ସରକାର ୨୬ ଟି ଘରୋଇ ଏବଂ ଆନ୍ତର୍ଜାତୀୟ କମ୍ପାନୀ ସହିତ ଚୁକ୍ତି ସ୍ୱାକ୍ଷର କରିଛନ୍ତି । ଫୁଡ ପ୍ରୋସେସିଂ ଇଣ୍ଡଷ୍ଟ୍ରି ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏହି ସମ୍ମିଳନୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦଘାଟନ କରିଥିଲେ । ଏହା ସେପ୍ଟେମ୍ବର ୨୫ ରୁ ୨୮ ପର୍ଯ୍ୟନ୍ତ ରାଜଧାନୀ ଦିଲ୍ଲୀର ଭାରତ ମଣ୍ଡପମରେ ଅନୁଷ୍ଠିତ ହୋଇଥିଲା ।

ତେବେ ଏହି ସମ୍ମିଳନୀ ଐତିହାସିକ ଭାବେ ଶେଷ ହୋଇଛି । ଏଥିରେ ଅଭୁତପୂର୍ବ ପୁଞ୍ଜି ନିବେଶ ମିଳିଛି ବୋଲି ରବିବାର ମନ୍ତ୍ରଣାଳୟ ପକ୍ଷରୁ ବିବୃତ୍ତି ଜାରି କରାଯାଇଛି । ଫୁଡ ପ୍ରୋସେସିଂ କ୍ଷେତ୍ରରେ ନିବେଶ କରିବାକୁ ଚୁକ୍ତି କରିଥିବା କମ୍ପାନୀଙ୍କ ମଧ୍ୟରେ ଉଭୟ ଘରୋଇ ଓ ବିଦେଶୀ କମ୍ପାନୀ ରହିଛନ୍ତି । ଏମାନଙ୍କ ମଧ୍ୟରେ ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟସ୍, ଦି କୋକା-କୋଲା ସିଷ୍ଟମ୍ ଇନ୍ ଇଣ୍ଡିଆ, ଗୁଜରାଟ କୋଅପରେଟିଭ୍ ମିଲ୍କ ମାର୍କେଟିଂ ଫେଡେରେସନ (ଅମୁଲ), ନେସଲେ ଇଣ୍ଡିଆ, ଟାଟା କଞ୍ଜ୍ୟୁମର ପ୍ରଡକ୍ଟସ୍ ଲିମିଟେଡ୍ ଏବଂ କାର୍ଲସବର୍ଗ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଓ ଗୋଡରେଜ୍ ଆଗ୍ରୋଭେଟ୍, ବିଏଲ ଆଗ୍ରୋ ଇଣ୍ଡଷ୍ଟ୍ରିଜ୍, ପତଞ୍ଜଳି ଫୁଡ୍ସ, ହଳଦିରାମ ସ୍ନାକ୍ସ ଫୁଡ୍, ଇଣ୍ଡିଆନ୍ ଆଲାଏନ୍ସ, ଏମଆରଏସ ବେକ୍ଟରସ୍ ଫୁଡ୍ ସ୍ପେଶାଲିଟିଜ୍ ଲିମିଟେଡ୍, ଡାବର ଇଣ୍ଡିଆ ଲିମିଟେଡ୍ ଏବଂ ଏବି ଇନବେ ଆଦି ରହିଛନ୍ତି ।

ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟସ୍ ଲିମିଟେଡ୍ ସାରା ଦେଶରେ ସମନ୍ୱିତ ଖାଦ୍ୟ ଉତ୍ପାଦନ ୟୁନିଟ୍(ଇଣ୍ଟିଗ୍ରେଟେଡ୍ ଫୁଡ୍ ପ୍ରୋସେସିଂ ୟୁନିଟ) ପ୍ରତିଷ୍ଠା କରିବା ପାଇଁ ଫୁଡ୍ ପ୍ରୋସେସିଂ ଇଣ୍ଡଷ୍ଟ୍ରୀ ମନ୍ତ୍ରଣାଳୟ ସହିତ ୪୦ ହଜାର କୋଟିର ଚୁକ୍ତିନାମା କରିଛି । ସେହିପରି ଭାରତରେ ତିନୋଟି କୋକା-କୋଲା ବୋଟଲର୍ ଦେଶର ଖାଦ୍ୟ ପ୍ରକ୍ରିୟାକରଣ ଭିତ୍ତିଭୂମିକୁ ବିସ୍ତାର କରିବା ପାଇଁ ସାମୂହିକ ଭାବରେ ୨୫,୭୬୦ କୋଟି (୨.୯୬ ବିଲିୟନ) ନିବେଶ କରିବାକୁ ଯୋଜନା କରୁଛନ୍ତି । ଗ୍ରୀନଫିଲ୍ଡ ଏବଂ ବ୍ରାଉନଫିଲ୍ଡ ପ୍ରକଳ୍ପ ପାଇଁ ମନ୍ତ୍ରଣାଳୟ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି ।

ଏନେଇ ମନ୍ତ୍ରଣାଳୟ କହିଛି ଚାରି ଦିନିଆ କାର୍ଯ୍ୟକ୍ରମ ମଧ୍ୟରେ, ୨୬ଟି ପ୍ରମୁଖ ଘରୋଇ ଏବଂ ବିଶ୍ୱସ୍ତରୀୟ କମ୍ପାନୀ ମୋଟ ୧୦୨,୦୪୬ କୋଟି ଟଙ୍କାର ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି । ଯାହା ଭାରତର ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ସର୍ବବୃହତ ନିବେଶ ଘୋଷଣା ମଧ୍ୟରୁ ଗୋଟିଏଛ ଶିଖର ସମ୍ମିଳନୀର ଉଦଘାଟନୀ ଦିନରେ, କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରୀ ଚିରାଗ ପାସୱାନ କହିଥିଲେ ଯେ ଚାରି ଦିନିଆ କାର୍ଯ୍ୟକ୍ରମ ମଧ୍ୟରେ ୧ ଟ୍ରିଲିୟନରୁ ଅଧିକ ମୂଲ୍ୟର ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର ଆଶା କରାଯାଉଛି । ଯାହା ସତ ହୋଇଛି ।

ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ସରକାରଙ୍କ ସହିତ କମ୍ପାନୀଗୁଡ଼ିକର ହୋଇଥିବା ବିଭିନ୍ନ ବୁଝାମଣାପତ୍ରରେ ୬୪,୦୦୦ ରୁ ଅଧିକ ଲୋକଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି ହେବ ବୋଲି ଆକଳନ କରାଯାଇଛି । ପରୋକ୍ଷ ଭାବରେ ଦେଖିଲେ ୧୦ ଲକ୍ଷରୁ ଅଧିକ ଲୋକଙ୍କ ପାଇଁ ଏକ ନୂଆ ସୁଯୋଗ ସୃଷ୍ଟି ହେବ ।

ଏହି ନିବେଶ ଏ କ୍ଷେତ୍ରରେ ବହୁବିଧ ବ୍ୟବସାୟରେ କରାଯିବ । ଯଥା ଦୁଗ୍ଧ, ମାଂସ ଏବଂ କୁକୁଡ଼ା, ପ୍ୟାକେଜ୍ ହୋଇଥିବା ଖାଦ୍ୟ, ମଦ୍ୟପାନ ଏବଂ ଅଣ-ମଦ୍ୟପାନ ପାନୀୟ, ମସଲା ଏବଂ ମିଠା, ଖାଦ୍ୟ ତେଲ, ଫଳ ଏବଂ ପନିପରିବା ଏବଂ ଖାଇବା ପାଇଁ ପ୍ରସ୍ତୁତ ଉତ୍ପାଦ ସମେତ ବିଭିନ୍ନ କ୍ଷେତ୍ରକୁ କଭର କରିବ ।

ଏହି ନିବେଶଗୁଡ଼ିକ ବିଭିନ୍ନ ରାଜ୍ୟରେ କରିବାକୁ ଯୋଜନା କରାଯାଉଛି । ଗୁଜୁରାଟ, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ, ପଞ୍ଜାବ, ବିହାର, କର୍ଣ୍ଣାଟକ, ତାମିଲନାଡୁ, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, ମଧ୍ୟ ପ୍ରଦେଶ, ଓଡ଼ିଶା, ରାଜସ୍ଥାନ, ପଶ୍ଚିମବଙ୍ଗ, ଆସାମ, ଛତିଶଗଡ଼, ଉତ୍ତରାଖଣ୍ଡ, ଜମ୍ମୁ ଏବଂ କାଶ୍ମୀର ଏବଂ ଉତ୍ତର-ପୂର୍ବ ଅଞ୍ଚଳର ଅନ୍ୟାନ୍ୟ ଅଂଶ ସମେତ ଅନେକ ରାଜ୍ୟରେ ଏସବୁ ନିବେଶ କରାଯିବ ।

# ଲଦାଖ ସଂସ୍କୃତି ଉପରେ

## ଆକ୍ରମଣ କରୁଛନ୍ତି ବିଜେପି, ଆରଏସଏସ

ନୂଆଦିଲ୍ଲୀ : କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର (୨୮ ସେପ୍ଟେମ୍ବର, ୨୦୨୫) ଅଭିଯୋଗ କରିଛନ୍ତି ଯେ ଭାରତୀୟ ଜନତା ପାର୍ଟି (ବିଜେପି) ଏବଂ ଆରଏସଏସ ଦ୍ୱାରା ଲଦାଖର ଲୋକ, ସଂସ୍କୃତି ଏବଂ ପରମ୍ପରା ଉପରେ ଆକ୍ରମଣ କରାଯାଉଛି । ସେ ଲଦାଖକୁ ଷଷ୍ଠ ଅନୁସୂଚୀରେ ସାମିଲ କରିବା ପାଇଁ ମଧ୍ୟ ସମର୍ଥନ କରିଥିଲେଛ ଲେହରେ ହୋଇଥିବା ହିଂସା ପରେ ଗାନ୍ଧୀଙ୍କ ଏହି ମନ୍ତବ୍ୟ ଆସିଛି ।



ବୁଧବାର ଲେହରେ ସୁରକ୍ଷା ବାହିନୀ ଗୁଳିଚାଳନାରେ ଚାରି ଜଣ ପ୍ରାଣ ହରାଇଥିଲେ ଏବଂ ଅନେକ ଆହତ ହୋଇଥିଲେ । ସେବେଠାରୁ, ଦଙ୍ଗାରେ ସମ୍ପୃକ୍ତି ଅଭିଯୋଗରେ ୫୦ ଜଣଙ୍କୁ ଅଟକ ରଖାଯାଇଛି । ଲଦାଖକୁ ରାଜ୍ୟ ମାନ୍ୟତା ଦାବି କରୁଥିବା ଜଳବାୟୁ କର୍ମୀ ସୋନମ ୱାଙ୍ଗଚୁକଙ୍କୁ ଜାତୀୟ ସୁରକ୍ଷା ଆଇନ (ଏନଏସଏ) ଅଧୀନରେ ଅଟକ ରଖାଯାଇଛି ଏବଂ ତାଙ୍କୁ ରାଜସ୍ଥାନର ଯୋଧପୁର ଜେଲରେ ରଖାଯାଇଛି ।ଲାଦାଖର ଚମତ୍କାର ଲୋକ, ସଂସ୍କୃତି ଏବଂ ପରମ୍ପରା ଉପରେ ବିଜେପି ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ଆକ୍ରମଣ କରୁଛନ୍ତି, ଗାନ୍ଧୀ 'ଏକ୍ସ'ରେ ଏକ ପୋଷ୍ଟରେ କହିଛନ୍ତି । ସେ ଲେଖିଛନ୍ତି , ଲାଦାଖର ଲୋକମାନେ ସେମାନଙ୍କର ସ୍ୱର ଉଠାଇଥିଲେ । ବିଜେପି ଚାରି ଜଣ ଯୁବକଙ୍କୁ ହତ୍ୟା କରି ଏବଂ ସୋନମ ୱାଙ୍ଗଚୁକଙ୍କୁ ଜେଲରେ ପକାଇ ଏହାର ଜବାବ ଦେଇଥିଲା । ହତ୍ୟା ବନ୍ଦ କର, ହିଂସା ବନ୍ଦ କର, ଧମକ ବନ୍ଦ କରଛ ସେ ଆହୁରି ମଧ୍ୟ କହିଛନ୍ତି, ଲାଦାଖକୁ ଏକ ସ୍ୱର ଦିଅ, ସେମାନଙ୍କୁ ଷଷ୍ଠ ସୂଚୀ ଦିଅ ।

# ପାକିସ୍ତାନକୁ ଆମେରିକା ହାତରେ ବିକ୍ରି କରିବେ ମୁନିର

ନ୍ୟୁୟର୍କ: ଜାତିସଂଘ ସାଧାରଣ ପରିଷଦର ଅବସରରେ ଶାହବାଜ ସରିଫ ଏବଂ ଅସୀମ ମୁନିର ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିଥିଲେ । ଏହି ସାକ୍ଷାତ ପାଇଁ ସରିଫ ଏବଂ ଅସୀମ ମୁନିର ଏତେ ଉତ୍ସାହିତ ଥିଲେ ଯେ ଅସୀମ ତାଙ୍କର ୟୁନିଫର୍ମ ଖୋଲି ଆମେରିକୀୟ ଓଭାଲ ଅଫିସ ପାଇଁ ଏକ ନୂତନ ସୁଟ୍ ପିନ୍ଧିଥିଲେ । ସାକ୍ଷାତ ସମୟରେ, ଏହା ଦେଖାଯାଉଥିଲା ଯେପରି ଉଭୟେ ଟ୍ରମ୍ପଙ୍କୁ ଖୁସି କରିବାକୁ ଚେଷ୍ଟା କରୁଥିଲେ ।

ଏହି ବୈଠକର ଏକ ଫଟୋ ଭାଇରାଲ ହେଉଛି । ଯେଉଁଥିରେ ମୁନିର ଡୋନାଲ୍ଡ ଟ୍ରମ୍ପଙ୍କୁ ଏକ ସୁଟକେସରେ କିଛି ଦେଖାଉଥିବାର ଦେଖାଯାଉଛି । ଏହା ଦେଖାଯାଉଛି ଯେ, ସେ ପାକିସ୍ତାନୀ ଖଣିର ଧାତୁ, ବିରଳ ଧାତୁ ଏବଂ ମୂଲ୍ୟବାନ ପଥର ଥିବା ଏକ ସୁଟକେସ ଉପହାର ଦେଉଛନ୍ତି । ଏହା ଦ୍ୱାରା ଅନୁମାନ କରାଯାଉଛି ଯେ, ଅସୀମ ମୁନିର ପାକିସ୍ତାନର ସମ୍ପଦ ଟ୍ରମ୍ପଙ୍କୁ ବିକ୍ରି କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି ବୋଲି ପାକିସ୍ତାନରେ ଚର୍ଚ୍ଚା ଆରମ୍ଭ



ହୋଇଛି । ପୂର୍ବରୁ ଚୀନ୍ ହାତରେ ପାକିସ୍ତାନକୁ ବିକ୍ରି କରିଥିବାବେଳେ ଏବେ ଆମେରିକା ହାତକୁ ପାକିସ୍ତାନକୁ ଟେକି ଦେବାକୁ ଯୋଜନା କରୁଥିବା ବିରୋଧୀ ଦଳ ପକ୍ଷରୁ ଅଭିଯୋଗ ହୋଇଛି ।

ହ୍ୱାଇଟ୍ ହାଉସର ଏହି ଫଟୋ ବିତର୍କ ସୃଷ୍ଟି କରିଛି । କୁହାଯାଉଛି ଯେ, ପାକିସ୍ତାନୀ ସେନା ମୁଖ୍ୟ ଅସୀମ ମୁନିର ବେଲୁଚିସ୍ତାନ, ଖାଇବର ପଖତୁନଖ୍ୱା ଇତ୍ୟାଦିରେ ଥିବା ବିରଳ ଖଣିଜ ପଦାର୍ଥର ଅଧିକାର ଟ୍ରମ୍ପଙ୍କୁ ହସ୍ତାନ୍ତର କରିବାକୁ ଯୋଜନା କରୁଛନ୍ତି ।

ଏହା ଉଲ୍ଲେଖନୀୟ ଯେ, ଏପର୍ଯ୍ୟନ୍ତ ଚୀନର ଏହି କ୍ଷେତ୍ରଗୁଡ଼ିକରେ ସ୍ୱତନ୍ତ୍ର ଅଧିକାର ଥିଲା ଏବଂ ଚୀନ୍ କମ୍ପାନିଗୁଡ଼ିକ ସେଠାରେ କାର୍ଯ୍ୟ କରୁଥିଲେ । ଟ୍ରମ୍ପ ଜଣେ ବ୍ୟବସାୟୀ ଏବଂ ବାଣିଜ୍ୟ କ୍ଷେତ୍ରରେ ସେ ପାକିସ୍ତାନକୁ ଆମେରିକାର ସବୁଠାରୁ ଭଲ ବନ୍ଧୁ ବୋଲି କହୁଛନ୍ତି ।

ସେପ୍ଟେମ୍ବର ୮ ତାରିଖରେ ଇସଲାମାବାଦରେ ଆମେରିକୀୟ କମ୍ପାନି ୟୁନାଇଟେଡ୍ ଷ୍ଟେଟ୍ସ ଷ୍ଟ୍ରାଟେଜିକ୍ ମେଟାଲ୍ସ (ୟୁଏସଏସଏମ) ସହିତ ଏକ ହାଇ-ପ୍ରୋଫାଇଲ୍ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା, ଯେଉଁଠାରେ ସରିଫ ଏବଂ ମୁନିର ଆମେରିକୀୟ କମ୍ପାନି ସହିତ ଦୁଇଟି ଚୁକ୍ତି ସ୍ୱାକ୍ଷର କରିଥିଲେ ।

ସରିଫଙ୍କ କାର୍ଯ୍ୟାଳୟ କହିଛି ଯେ, ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୫୦୦ ନିଯୁତ ଡଲାରର ଆମେରିକାର ନିବେଶ ଅନ୍ତର୍ଭୁକ୍ତ । ତଥାପି, ଚୁକ୍ତିନାମାରେ ଖଣି ଲାଇସେନ୍ସ ବାଧ୍ୟତାମୂଳକ କରିବା ଅନ୍ତର୍ଭୁକ୍ତ ନାହିଁ ।

ଗୁରୁବାର ଦିନ ଓଭାଲ ଅଫିସରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଏବଂ ଅସୀମ ମୁନିରଙ୍କୁ ଭେଟିଥିଲେ । ଏହି ସମୟରେ ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ମଧ୍ୟ ଉପସ୍ଥିତ ଥିଲେ । ବୈଠକ ପୂର୍ବରୁ ଟ୍ରମ୍ପ ଉଭୟ ଅତିଥିଙ୍କୁ ମହାନ ନେତା ବୋଲି କହି ଆମେରିକା-ପାକିସ୍ତାନ ସମ୍ପର୍କରେ ଘନିଷ୍ଠତାକୁ ସୂଚିତ କରିଥିଲେ ।

# ମିଥୁନ ମାନହସ ବିସିସିଆଇ ନୂଆ ସଭାପତି

ନୂଆଦିଲ୍ଲୀ, ୨୮।୯(ଏଜେନ୍ସି) : ରବିବାର ବିସିସିଆଇର ବାର୍ଷିକ ସାଧାରଣ ବୈଠକ (ଏଜିଏମ୍ ) ଅନୁଷ୍ଠିତ ହୋଇଥଲଲା ଏକାଧଲକ ପଦପଦବୀ ପାଇଁ ହୋଇଥଲବା ନିର୍ବାଚନରେ ମିଥୁନ୍ ମାନହସ ବିସିସିଆଇର ନୂଆ ସଭାପତି ପଦ ଅଳଙ୍କୃତ କରିଛନ୍ତି ମିଥୁନ ବିସିସିଆଇର ୩୭ତମ ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ୪୫ ବର୍ଷୀୟ ମିଥୁନଙ୍କ ଘର ଜମ୍ମୁ –କାଶ୍ମୀରରେ ବିସିସିଆଇ ସଭାପତି ହେବାରେ ସେ ପ୍ରଥମ ଜମ୍ମୁ – କାଶ୍ମୀର ବାସିନ୍ଦାଲଗାତାର ତୃତୀୟ ଥର ପାଇଁ ଜଣେ କ୍ରିକେଟର ବିସିସିଆଇର ସଭାପତି ହୋଇଛନ୍ତି ମିଥୁନ ମାନହସଙ୍କ ପୂର୍ବରୁ ରୋଜର ବିନ୍ନି ଏବଂ ତାଙ୍କ ପୂର୍ବରୁ ସୌରଭ ଗାଙ୍ଗୁଲି ବିସିସିଆଇର ସଭାପତି ଦାୟିତ୍ୱ ତୁଲାଇଥିଲେ।

ମିଥୁନଙ୍କ ପାଖରେ ଉଭୟ ଖେଳାଳି ଓ ପ୍ରସାଶାକ ଭାବେ ଅଭିଜ୍ଞତା ରହିଛି ପୂର୍ବରୁ ସେ ଜମ୍ମୁ ଓ କାଶ୍ମୀର କ୍ରିକେଟ୍ ଆସୋସିଏସନରେ କ୍ରିକେଟ୍ ନିର୍ଦ୍ଦେଶକ ପଦରେ ରହି କାର୍ଯ୍ୟ କରିଛନ୍ତି ସେହିଭଳି ବିସିସିଆଇ ଏଜିଏମ୍‌ରେ ସେ ଜମ୍ମୁ ଓ କାଶ୍ମୀରରେ ପ୍ରତିନିଧିତ୍ୱ କରିଛନ୍ତି ବିସିସିଆଇ ସଭାପତି ଭାବେ ରୋଜର ବିନ୍ନିଙ୍କ କାର୍ଯ୍ୟକାଳ ଶେଷ ହୋବ ପରେ ଯେଉଁ କେତେ ଜଣଙ୍କ ନାଁ ଏହି ପଦବୀ ପାଇଁ ଚର୍ଚ୍ଚା ହୋଇଥଲଲା, ସେମାନଙ୍କ ମଧ୍ୟରେ ସର୍ବାଗ୍ରେ ଥଲଲେ ମିଥୁନ ମାନହସ

୧୯୭୯ ଅକ୍ଟୋବର ୨ରେ ମିଥୁନ ମାନହସ ଜନ୍ମ ଗ୍ରହଣ କରିଥିଲେ। ଭାରତୀୟ ଦଳରେ ସ୍ଥାନ ପାଇନଥଲଲେ ମଧ୍ୟ ଘରୋଇ କ୍ରିକେଟ୍‌ରେ ବେଶ୍ ସକ୍ରିୟ ଥିଲେ। ସେ ଜଣେ ଡାହାଣ ହାତୀ ବ୍ୟାଟର ଅଫ୍ ସ୍ପିନ୍ ମଧ୍ୟ ବୋଲିଂ କରନ୍ତି ଆବଶ୍ୟକ ପଡିଲେ ଦଳ ପାଇଁ ସେ ୱିକେଟ୍ କିପର ଦାୟିତ୍ୱ ମଧ୍ୟ ତୁଲାଉଥିଲେ। ମିଥୁନ ମାନହସ ମଧ୍ୟମ କ୍ରମରେ ବ୍ୟାଟିଂ କରୁଥିଲେ। ରାହୁଲ ଦ୍ରାବିଡ, ସଚିନ୍ ତେନ୍ଦୁଲକର , ସୌରଭ ଗାଙ୍ଗୁଲି ଓ ଭିଭିଏସ୍ ଲକ୍ଷ୍ମଣଙ୍କ ଭଳି ମହାନ ଖେଳାଳି ଥିବାରୁ ଭାରତୀୟ ଦଳରେ ମିଥୁନ ମାନହସଙ୍କୁ ସୁଯୋଗ ମିଳିନଥିଲା ଘରୋଇ କ୍ରିକେଟରେ ତାଙ୍କ ପ୍ରଦର୍ଶନ ଜମାଣିଆ ରହିଛି ଦିଲ୍ଲୀ ଓ ଜମ୍ମୁ କାଶ୍ମୀର ପକ୍ଷରୁ ଘରୋଇ କ୍ରିକେଟ୍ ଖେଳିଥିଲେ ଅନେକ ବରିଷ୍ଠ ଖେଳାଳି ଅନ୍ତର୍ଜାତୀୟ ମ୍ୟାଚ ଖେଳିବାକୁ ଯାଉଥିବା ବେଳେ ଦିଲ୍ଲୀ ଦଳର ନେତୃତ୍ୱ ମିଥୁନ ନେଉଥିଲେ ଯେତେବେଳେ ଦିଲ୍ଲୀ ଦଳରେ ବିରାଟ କୋହଲି ଡେବ୍ୟୁ କଲେ, ସେତେବେଳେ ମିଥୁନ୍ ମାନହସ ଦଳର ଅଧଲନାୟକ ଥିଲେ ୨୦୦୭ – ୮ ସିଜନରେ ଦିଲ୍ଲୀକୁ ରଣଜୀ ଟ୍ରଫି ଚାମ୍ପିଅନ କରାଇବାରେ ମିଥୁନ ମାନହସ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ ସେହି ସିଜନରେ ମିଥୁନ ୫୭.୫୬ ହାରରେ ୯୨୧ ରନ୍ କରିଥିଲେ।

୨୦୧୬–୧୭ରେ ଗୌତମ ଗମ୍ଭୀର ଦିଲ୍ଲୀ ଦଳର ଅଧିନାୟକ ହୋଇ ଫେରିବା ପରେ ମିଥୁନ ମାନହସ ଜମ୍ମୁ କାଶ୍ମୀର ଟିମକୁ ଚାଲିଯାଇଥିଲେ ଏବଂ ଗୋଟିଏ ସିଜନ ରଣଜୀ ଟ୍ରଫି ଖେଳିଥିଲେ ତାହା ପରେ ସେ ଜମ୍ମୁ କାଶ୍ମୀର କ୍ରିକେଟରେ ପ୍ରଶାସନିକ ଦାୟିତ୍ୱ ତୁଲାଇଥିଲେ ୧୫୭ ଟି ପ୍ରଥମ ଶ୍ରେଣୀ ମ୍ୟାଚ ଖେଳିଥିବା ମିଥୁନ୍ ୯୭୧୪ ରନ୍ କରିଛନ୍ତି ୨୭ ଟି ଶତକ ସହ ୪୯ ଟି ଅର୍ଦ୍ଧଶତକ ରହିଛି ୩୦ ଟି ଲିଷ୍ଟ ମ୍ୟାଚରୁ ସେ ୪୧୨୬ ରନ୍ କରିଥିଲେ ସେହିପରି ଆଇପିଏଲ୍ ମଧ୍ୟ ଖେଳିଛନ୍ତି ୨୦୦୮ ରୁ ୨୦୧୦ ପର୍ଯ୍ୟନ୍ତ ଦିଲ୍ଲୀ ଡେଆର୍ ଡେଭିଲ୍ସରୁ ଆଇପିଏଲ୍ ଖେଳିଥିଲେ ୨୦୧୧ ରୁ ୨୦୧୩ ପର୍ଯ୍ୟନ୍ତ ସେ ପୁନେ ୱାରିୟର୍ସରେ ଥିଲେ ୨୦୧୩ ଓ ୨୦୧୪ ସିଜନରେ ଚେନ୍ନାଇ ସୁପର କିଙ୍ଗ୍ସରେ ସାମିଲ ଥିଲେ ୯୧ ଟି ଆଇପିଏଲ ମ୍ୟାଚରୁ ୧୧୭୦ ରନ୍ ୨୦୨୨ ସିଜନରେ ଗୁଜରାଟ ଟାଇଟନ୍ସର କୋଚ୍ ଭାବେ କାର୍ଯ୍ୟ ତୁଲାଇଥିଲେ ।

ଚୟନ କମିଟିରେ ଓଡିଆ ପୁଅ ପ୍ରଜ୍ଞାନ :–

୭୦ ବର୍ଷ ହେବା କ୍ଷଣି ପ୍ରଚଳିତ ନିୟମାନୁଯାୟୀ ରୋଜର ବିନ୍ନି ବିସିସିଆଇ ସଭାପତି ପଦ ଛାଡିଥିଲେ ଅନ୍ତରୀଣ ସଭାପତି ଭାବେ କାର୍ଯ୍ୟ କରିଆସୁଥିବା ରାଜୀବ ଶୁକ୍ଲା ଉପସଭାପତି ପଦ ବଜାୟ ରଖିଛନ୍ତି ସେହିପରି ବିସିସିଆଇ ସମ୍ପାଦକ ଭାବେ ଦେବଜିତ ସାଇକିଆ ଯୁଗ୍ମ ସମ୍ପାଦକ ଭାବେ ପ୍ରଭଜୋ୍ ସିଂ ଭାଟିଆ ଓ କୋଷାଧ୍ୟକ୍ଷ ଭାବେ ଏ ରଘୁରାମ ଭଟ୍ଟ ନିର୍ବାଚିତ ହୋଇଛନ୍ତି ଅରୁଣ ଠାକୁର ଆଇପିଏଲ୍ ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି ।

ବିସିସିଆଇ ପକ୍ଷରୁ ଚୟନ କମିଟିରେ ଦୁଇ ଜଣ ନୂଆ ଚୟନକର୍ତ୍ତାଙ୍କ ନାଁ ଘୋଷଣା ହୋଇଛି। ଏମାନେ ହେଲେ ଆରପି ସିଂ ଏବଂ ଓଡିଆ ପୁଅ ପ୍ରଜ୍ଞାନ ଓଝା। ଅଜିତ ଅଗରକର ପୂର୍ବଭଳି ଚୟନ କମିଟି ଅଧ୍ୟକ୍ଷ ରହିଛନ୍ତି। ଏହି କମିଟିର ଅନ୍ୟ ଦୁଇ ସଦସ୍ୟ ହେଉଛନ୍ତି। ଓଡିଶାର ଶିବ ସୁନ୍ଦର ଦାସ ଓ ଅଜୟ ରାତ୍ରା। ପ୍ରଜ୍ଞାନ ଓଝା ଓଡିଶାରେ ଜନ୍ମ ଗ୍ରହଣ କରିଥିଲେ ହେଁ ହାଇଦ୍ରାବ ପକ୍ଷରୁ କ୍ରିକେଟ୍ ଖେଳିଥିଲେ। ବିସିସିଆଇ ଚୟନ କମିଟିରେ ସାମିଲ ହେବାରେ ପ୍ରଜ୍ଞାନ ହେଉଛନ୍ତି ତୃତୀୟ ଓଡିଆ। ପ୍ରଜ୍ଞାନଙ୍କ ପୂର୍ବରୁ ଶିବ ସୁନ୍ଦର ଦାସ ଓ ଦେବାଶିଷ ମହାନ୍ତି କମିଟିର ସଦସ୍ୟ ରହିଆସିଛନ୍ତି।







































Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି